

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୩ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 23 JANUARY 2025
Vol.No. 36 ■ No.22 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପୁଣି ଖେଳ ଆରମ୍ଭ କଲେ ନୀତିଶ



ନୂଆଦିଲ୍ଲୀ, ୨୨/୧ (ନି.ପ୍ର): ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱାଧୀନ ଜନତା ଦଳ (ୟୁନାଇଟେଡ୍) ମଣିପୁର ସରକାରଙ୍କୁ ସମର୍ଥନ ପ୍ରତ୍ୟାହାର କରିଛି। ମଣିପୁରରେ ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହଙ୍କ ନେତୃତ୍ୱରେ ବିଜେପି ସରକାର ଅଛି। ରିପୋର୍ଟ ଅନୁଯାୟୀ, ଜେଡିୟୁ ଆନୁଷ୍ଠାନିକ ଭାବରେ ମଣିପୁର ସରକାରଙ୍କଠାରୁ ସମର୍ଥନ ପ୍ରତ୍ୟାହାର ଘୋଷଣା କରିଛି। ଜେଡିୟୁ ୨୦୨୨ ମସିହାରୁ ବିଜେପି ସହିତ ମେଣ୍ଟ କରିଥିଲା, କିନ୍ତୁ ଏବେ ଏହା ଶାସକ ସରକାରଠାରୁ ନିଜକୁ ଦୂରେଇ ରଖିଛି। ୨୦୨୨ ମସିହାରେ, ୬ ଜଣ ଜେଡିୟୁ ବିଧାୟକଙ୍କ ମଧ୍ୟରୁ ୫ ଜଣ ବିଜେପିକୁ ସମର୍ଥନ କରିଥିଲେ, ଯାହା ବିଜେପିର ସ୍ଥିତିକୁ ଆହୁରି ମଜବୁତ କରିଥିଲା। ଏବେ ଜେଡିୟୁ ବିଜେପି ସରକାରରୁ ସମର୍ଥନ ପ୍ରତ୍ୟାହାର କରିବା ପାଇଁ ରାଜ୍ୟପାଳଙ୍କୁ ଏକ ଆନୁଷ୍ଠାନିକ ଚିଠି ପ୍ରଦାନ କରିଛି। ଜେଡିୟୁ ସମର୍ଥନ ପ୍ରତ୍ୟାହାର କରିବା ସତ୍ତ୍ୱେ, ମୁଖ୍ୟମନ୍ତ୍ରୀ ବୀରେନ ସିଂହଙ୍କ ନେତୃତ୍ୱାଧୀନ ବିଜେପି ସରକାରଙ୍କ ସ୍ଥିରତା ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ରାଜ୍ୟ ବିଧାନସଭାରେ ବିଜେପିର ସଂଖ୍ୟାଗରିଷ୍ଠତା ଏତେ ଶକ୍ତିଶାଳୀ ଯେ ଏହା କୌଣସି ରାଜନୈତିକ ବାଧା ବିନା କ୍ଷମତାରେ ରହିପାରିବ। ଜେଡିୟୁର ସମର୍ଥନ ପ୍ରତ୍ୟାହାର ମଣିପୁରର ରାଜନୀତିରେ ପରିବର୍ତ୍ତନର ସଙ୍କେତ ଦେଉଛି। ଆପଣଙ୍କୁ କହିରଖୁଛୁ ଯେ ୨୦୧୩ରେ ପ୍ରଥମ ଥର ପାଇଁ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବା ପରେ, ଜେଡିୟୁ ବିଜେପି ସହିତ ମେଣ୍ଟ ଭାଙ୍ଗିଥିଲା। ନୀତିଶ କୁମାର ଏହି ନିଷ୍ପତ୍ତିକୁ ସାମ୍ପ୍ରଦାୟିକତା ବିରୋଧରେ ଲଢ଼େଇ ବୋଲି ବର୍ଣ୍ଣନା କରିଥିଲେ। ଏହା ପରେ, ଜେଡିୟୁ ବିହାରରେ ଏକ ଭିନ୍ନ ରାସ୍ତା ବାଛିଲା ଏବଂ ଆରଜେଡି ସହିତ ଏକ ମହାଗଠବନ୍ଧନ ଗଠନ କଲା। ତା'ପରେ ୨୦୧୭ରେ ନୀତିଶ କୁମାର ଆରଜେଡି ଏବଂ କଂଗ୍ରେସ ସହିତ ମହାଗଠବନ୍ଧନ ଭାଙ୍ଗି ପୁଣି ଥରେ ବିଜେପି ସହିତ ହାତ ମିଳାଇଲେ, ଏହାକୁ ବିହାର ରାଜନୀତିରେ ଏକ ବଡ଼ ଘଟଣା ବୋଲି ବିବେଚନା କରାଯାଇଥିଲା। ବିଜେପି ଏବଂ ଜେଡିୟୁ ମିଶି ସରକାର ଗଠନ କଲେ ଏବଂ ନୀତିଶ କୁମାର ମୁଖ୍ୟମନ୍ତ୍ରୀ ହେଲେ। ତଥାପି, ଅଗଷ୍ଟ ୨୦୨୨ରେ, ଜେଡିୟୁ ପୁଣି ଥରେ ବିଜେପି ସହିତ ମେଣ୍ଟ ଭାଙ୍ଗିଲା। ନୀତିଶ କୁମାର ଏହାକୁ ବିଜେପିର 'ଷଡ଼ଯନ୍ତ୍ର ଏବଂ ଚାପ ରାଜନୀତି' ବୋଲି କହିଥିଲେ। ଏହା ପରେ, ଜେଡିୟୁ ଆରଜେଡି, କଂଗ୍ରେସ ଏବଂ ଅନ୍ୟାନ୍ୟ ଦଳଗୁଡ଼ିକ ସହିତ ମିଶି ମହାଗଠବନ୍ଧନ ସରକାର ଗଠନ କରିଥିଲା। ବିହାର ରାଜନୀତିରେ, ବିଜେପି ଏବଂ ଜେଡିୟୁର ମେଣ୍ଟ ଅନେକ ଥର ଗଠନ ହୋଇ ଭାଙ୍ଗିଥିଲା। ତଥାପି, ବର୍ତ୍ତମାନ ବିହାରରେ ବିଜେପି (ଭାରତୀୟ ଜନତା ପାର୍ଟି) ଏବଂ ଜେଡିୟୁ (ଜନତା ଦଳ ୟୁନାଇଟେଡ୍)ର ଏକ ମେଣ୍ଟ ସରକାର ଚାଲିଛି।

## ନିଆଁ ଗୁଜବ ପରେ ଗୋଟିଏ ଟ୍ରେନରୁ ଡେଇଁଲେ: ଆଉ ଗୋଟିଏ ଟ୍ରେନ ନେଇ ଗଲା ୧୧ ଜୀବନ



ନୂଆଦିଲ୍ଲୀ, ୨୨/୧ : ହସ ଖୁସିରେ ଟ୍ରେନରେ ଯାତ୍ରା କରୁଥିଲେ। ନିଜର ଗନ୍ତବ୍ୟ ସ୍ଥଳରୁ ସମସ୍ତେ ଅପେକ୍ଷା କରି ରହିଥିଲେ। ହେଲେ ଅଧା ବାଟରେ ଘଟିଲା ଅଘଟଣ। ଟ୍ରେନରେ ନିଆଁ ଲାଗି ଯାଇଥିବା ଭାବି କିଛି ଲୋକ ଚେନ୍ ଭିଡ଼ି ଏହାକୁ ଅଟକାଇ ଦେଲେ। ବାସ୍ ଗୁଜବରେ ବିଶ୍ୱାସ କରି କିଛି ଲୋକ ଟ୍ରେନରୁ ତଳକୁ ଡେଇଁ ପଡ଼ିଲେ। ଏତିକି ବେଳେ ବିପରୀତ ଦିଗରୁ ଆସୁଥିଲା ଆଉ ଏକ ଟ୍ରେନ। ନିଆଁ ଗୁଜବ କଥା ଶୁଣି ଟ୍ରାକକୁ ଡେଇଁ ପଡ଼ିଥିବା ଲୋକଙ୍କ ଉପରେ ଉକ୍ତ ଟ୍ରେନ ମାଡ଼ି ଗଲା। ଏଥିରେ ବର୍ତ୍ତମାନ ସୁଦ୍ଧା ୧୧ ଜଣଙ୍କ ଜୀବନ ଯାଇଥିବା ବେଳେ ଅନେକ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛି। ମହାରାଷ୍ଟ୍ରର ଜଲଗାଓଁରେ ଆଜି ଟ୍ରେନ ଦୁର୍ଘଟଣା ପଛରେ ଏମିତି କିଛି କାରଣ ରହିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଲକ୍ଷ୍ନୌରୁ ମୁମ୍ବାଇ ଯାଉଥିବା ପୁଷ୍ପକ ଏକ୍ସପ୍ରେସର କିଛି ଲୋକ ଟ୍ରେନରେ ନିଆଁ ଲାଗି ଯାଇଥିବା ଆଶଙ୍କା କରି ଟ୍ରାକୁ ଡେଇଁ ପଡ଼ିଥିଲେ। ଏତିକି ବେଳେ ବିପରୀତ ଦିଗରୁ ଆସୁଥିବା କର୍ଣ୍ଣାଟକା ଏକ୍ସପ୍ରେସ ଟ୍ରାକରେ ଥିବା ଲୋକଙ୍କୁ ଧକ୍କା ଦେଇଛି। ଜଣେ ରେଳ ଅଧିକାରୀ କହିଛନ୍ତି, ଲକ୍ଷ୍ନୌରୁ ମୁମ୍ବାଇ ଯାଉଥିବା ପୁଷ୍ପକ ଏକ୍ସପ୍ରେସ ଜଲଗାଓଁ ଅତିକ୍ରମ କରୁଥିବା ବେଳେ ଗୋଟିଏ ବଗିରେ ନିଆଁ ଲାଗି ଯାଇଥିବା କଥା ପ୍ରଚାର କରାଯାଇଥିଲା। ନିଆଁ ଲାଗିବା କଥା ଶୁଣି ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା। ଏଥିପାଇଁ କିଛି ଯାତ୍ରୀ ଟ୍ରେନକୁ ଅଟକାଇବା ପାଇଁ ଚେନ୍ ଭିଡ଼ି ଦେଇଥିଲେ। ଟ୍ରେନ ମଝି ଟ୍ରାକରେ ଅଟକି ଥିବା ବେଳେ କିଛି ଲୋକ ପାଖରେ ଥିବା ଟ୍ରାକକୁ ଡେଇଁ ପଡ଼ିଥିଲେ। ଡେଇଁବା ବେଳେ ସେମାନଙ୍କୁ ଜଣା ନଥିଲା ଯେ ବିପରୀତ ଦିଗରୁ ବେଙ୍ଗାଲୁରୁରୁ ଦିଲ୍ଲୀ ଯାଉଥିବା କର୍ଣ୍ଣାଟକା ଏକ୍ସପ୍ରେସ ଆସୁଛି। ସେମାନେ ଟ୍ରାକକୁ ଡେଇଁବା କ୍ଷଣି ସେମାନଙ୍କୁ କର୍ଣ୍ଣାଟକା ଏକ୍ସପ୍ରେସ ଧକ୍କା ଦେଇଥିଲା। ମୃତହାତଙ୍କ ସହାୟତା ପାଇଁ ସ୍ଥାନୀୟ ପୁଲିସ୍ ଓ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚିଥିଲେ। ▶▶ପୃଷ୍ଠା ୭

## ପ୍ରେମ ପାଇଁ ଫସିଗଲା ଦୁର୍ଦ୍ଧାନ୍ତ ମାଓବାଦୀ ଚଲପତି

ଭୁବନେଶ୍ୱର, ୨୨/୧ (ନି.ପ୍ର): ମାଓ କାର୍ଯ୍ୟକଳାପକୁ ନେଇ ଯେତିକି ଚର୍ଚ୍ଚାରେ ଥିଲା ଚଲପତି, ସେତିକି ଚର୍ଚ୍ଚା ତାର ପ୍ରେମକାହାଣୀକୁ ନେଇ ମଧ କରାଯାଉଥିଲା । ନିଜ ଠାରୁ ୨୦ ବର୍ଷ ସାନ ମାଓ କମାଣ୍ଡର ଅରୁଣା ପ୍ରେମରେ ପଡିଥିଲା ଚଲପତି। ଆଉ ତାକୁ ବାହା ହୋଇ ମାଓ କାଡରରୁ ବର୍ଷକ ପାଇଁ ନିଲମ୍ବିତ ମଧ ହୋଇଥିଲା । ଚଲପତି..କେବଳ ଏହି ନାଁ ପୋଲିସ ଓ ଯବାନଙ୍କ ପାଇଁ ପାଲଟିଥିଲା ଦୁଃସ୍ୱପ୍ନ । ୩୦ ବର୍ଷରୁ ଅଧିକ ସମୟ ଧରି ସୁରକ୍ଷାକର୍ମୀଙ୍କ ହଜାଇଥିଲା ରାତିର ନିଦ । ବଡ଼ ବଡ଼ ମାଓ ଆକ୍ରମଣ, ଅସ୍ତ୍ରାଗାର ଲୁଟ, ହାଇପ୍ରୋଫାଇଲ ଅପହରଣ ପଛରେ ଥିଲା କୁଖ୍ୟାତ ମାଓବାଦୀ ଚଲପତି । ମାତ୍ର କେହି ଜାଣିନଥିଲେ ଚଲପତି କିଏ । ସେ ଦେଖିବାକୁ କେମିତି । ବର୍ଷ ବର୍ଷ ଧରି ସୁରକ୍ଷା ଏଜେନ୍ସି ପାଇଁ ମିଷ୍ଟ୍ରୀ ଥିଲା ଚଲପତି । କେହି ତାକୁ ଦେଖି ନଥିଲେ, କେହି ତା ବିଷୟରେ କିଛି ବି ଜାଣି ନଥିଲେ । କେବଳ ଗୋଟେ ଛଦ୍ମ ନାମ ଚଲପତି । ମାଓବାଦୀଙ୍କ କେନ୍ଦ୍ରୀୟ କମିଟିର ବଡ଼ ନେତା ଥିଲା ଚଲପତି । ଗରିଲା ଯୁଦ୍ଧରେ ଥିଲା ସିଦ୍ଧହସ୍ତ । ଆମ୍ବୁସ୍ କରି ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ କରିବାରେ ଥିଲା ମାହିର । ସେଥିପାଇଁ ତ ଭିନ୍ନ ଭିନ୍ନ ସମୟରେ ତାକୁ ବଡ଼ ବଡ଼ ଅପରେସନ୍ ସମ୍ଭାଳିବାକୁ ଦେଉଥିଲେ। ହେଲେ ତାଙ୍କ ପାଇଁ ପ୍ରେମକରିବା ପଡିଲା ମହଙ୍ଗା । ଚଲପତି ନିଜ ଠାରୁ ୨୦ ବର୍ଷ ସାନ ମାଓ ନେତ୍ରୀ ଅରୁଣାଙ୍କ ପ୍ରେମର ପଡିଥିଲେ । ▶▶ପୃଷ୍ଠା ୭

## 'ସୁଭଦ୍ରା'ରେ ୧୫୭ ପୁରୁଷ କରିଥିଲେ ଆବେଦନ: ଯାଞ୍ଚ ବେଳେ ଧରାପଡିଲା ଜାଲିଆତି




ଭୁବନେଶ୍ୱର, ୨୨/୧(ନି.ପ୍ର) : 'ସୁଭଦ୍ରା'କୁ ବି ଛାଡିଲେନି। ପୁରୁଷ ହୋଇ ବି ଫେକ୍ ଡକୁମେଣ୍ଟ ଜରିଆରେ ଆବେଦନ କଲେ। ମାତ୍ର ଯାଞ୍ଚ ବେଳେ ଧରାପଡି ବାଦ ପଡିଲେ । ସରକାରୀ ଯୋଜନାକୁ ହଡପ ଲାଗି ଅଯୋଗ୍ୟ ହିତାଧିକାରୀଙ୍କ ଏଭଳି ଅଜବ ମାନସିକତା ଦେଖିବାକୁ ମିଳିଛି । ବିଜେଡି ସରକାର ସମୟରେ ରାସନ କାର୍ଡ ଠାରୁ ଆରମ୍ଭ କରି ଆବାସ ଯୋଜନା ପର୍ଯ୍ୟନ୍ତ ସବୁଠି ଅଯୋଗ୍ୟଙ୍କ ରାଜ୍ ଚାଲିଥିଲା । ଯେଉଁଥିପାଇଁ ଏବେ ବି ସେହି ରୋଗ ଦେଖାଦେଉଛି ବୋଲି ଅଭିଯୋଗ ହୋଇଛି। ଯାହାକୁ ▶▶ପୃଷ୍ଠା ୭

## ୫ଟି ସ୍କୁଲ ନାଁରେ ପିଲାଙ୍କୁ ଧୋକ୍କା ଦେଇଥିଲେ ପୂର୍ବ ସରକାର, କେବଳ ପୁରୁଣା କାନ୍ଥରେ ବୋଳା ଯାଇଥିଲା ରଙ୍ଗ': ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୨/୧ (ନି.ପ୍ର): ୫ଟି ସ୍କୁଲ ନାଁରେ ପିଲାଙ୍କୁ ଧୋକ୍କା ଦେଇଥିଲେ ପୂର୍ବ ସରକାର । ବିନା ଭିତ୍ତିଭୂମିରେ କେବଳ ପୁରୁଣା କାନ୍ଥରେ ରଙ୍ଗ ମରାଯାଇଥିଲା କହି ବିଜେଡିକୁ ନିଶାନା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଥିସହ ରାଜ୍ୟରେ ପ୍ରାଥମିକ ଶିକ୍ଷାର ବିକାଶ ଲାଗି ଆଜି କ୍ୟାବିନେଟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଉପରେ ମୋହର ବାଜିଛି। ଯେଉଁଥିରେ ରାଜ୍ୟର ପ୍ରତି ପଂଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖାଯାଇଛି । ନିର୍ବାଚନ ପୂର୍ବରୁ ତତକାଳୀନ ବିଜେଡି ସରକାର ୫ଟି ସ୍କୁଲ ନାଁରେ ଗାଁ ଗାଁରେ କରିଥିବା ରୂପାନ୍ତରୀକରଣକୁ ଧୋକା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ନା କୌଣସି ଯୋଜନା ଥିଲା ନା ଡିପିଆର ନା ଏଷ୍ଟିମେଟ୍ । ଭିତ୍ତିଭୂମି ନଥାଇ ପୁରୁଣା ସରକାର କେବଳ ଭଙ୍ଗା କାନ୍ଥରେ ଚୂନ ବୋଳିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶିକ୍ଷା ବ୍ୟବସ୍ଥାର ପ୍ରକୃତ ବିକାଶ ଲାଗି ଆଜି କ୍ୟାବିନେଟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଉପରେ ମୋହର ଲାଗିଛି। ଯୋଜନା ଅନୁସାରେ, ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ସରକାରୀ ସ୍କୁଲକୁ ଆଦର୍ଶ ବିଦ୍ୟାଳୟରେ ରୂପାନ୍ତର କରାଯିବ। ଚଳିତ ବର୍ଷ ୧୧୪ଟି ପଞ୍ଚାୟତରେ, ଏବଂ ପରବର୍ତ୍ତୀ ସମୟରେ ମୋଟ୍ ୬ ହଜାର ୭୯୪ ସ୍କୁଲକୁ ଅପଗ୍ରେଡ୍ କରାଯିବ। ଏଥିପାଇଁ ରାଜ୍ୟ ସରକାର ▶▶ପୃଷ୍ଠା ୭

## ନକ୍ସଲଙ୍କ ଆକ୍ରମଣକୁ ପଣ୍ଡ କଲେ ଯବାନ: ୮ ଲ୍ୟାଣ୍ଡମାଇନ ନିଷ୍କ୍ରିୟ କଲେ

ମାଲକାନଗିରି, ୨୨/୧ (ନି.ପ୍ର): ମାଲକାନଗିରି ସୀମାନ୍ତ ଛତିଶଗଡରେ ନକ୍ସଲ ଦମନ ନେଇ ପୁଲିସ ମିଳିତ ଭାବେ ଜୋରଦାର ଅପରେସନ କରୁଥିବା ବେଳେ ସଫଳତା ମିଳିବାରେ ଲାଗିଛି। ଗତ ଦୁଇ ଦିନ ତେଳେ ୧୪ ଜଣ ନକ୍ସଲଙ୍କୁ ମାରିଥିବା ବେଳେ ଏବେ ବି ଜଙ୍ଗଲରେ ଯବାନ ସର୍ଚ୍ଚ ଅପରେସନକୁ ଜାରି ରଖିଛନ୍ତି। ଏହି କ୍ରମରେ ବୁଧବାର ସକାଳେ ବିଜାପୁର ଜିଲ୍ଲାର ସିଆରପିଏଫ, କୋବ୍ରା ଯବାନ ମୁତବେଣ୍ଡି ଠାରୁ ପିଡିଆ ଗ୍ରାମ ମଧ୍ୟରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଏହି ରାସ୍ତାରେ ନକ୍ସଲ ସ୍ଥାନେ ସ୍ଥାନେ ୮ଟି ଲ୍ୟାଣ୍ଡମାଇନ ଖଞ୍ଜିଥିବା ଯବାନ ଦେଖିଥିଲେ। ▶▶ପୃଷ୍ଠା ୭

## ଅଯୋଗ୍ୟ ରାସନ କାର୍ଡଧାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ: ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଚେତାବନୀ



ଭୁବନେଶ୍ୱର, ୨୨/୧ (ନି.ପ୍ର): ଅଯୋଗ୍ୟ ରାସନ କାର୍ଡଧାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। ଏନେଇ ଓଡିଶା ଖାଦ୍ୟ ଯୋଗାଣ ଏବଂ ଉପଭୋକ୍ତା କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଚେତାବନୀ ଦେଇଛନ୍ତି। ସଂଶୋଧିତ ତଥା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ସ୍ୱେଚ୍ଛାକୃତ ଭାବେ ସେମାନେ କାର୍ଡ ସମର୍ପଣ କରିବାକୁ ମନ୍ତ୍ରୀ ଚେତାବନୀ ଦେଇଛନ୍ତି। କାର୍ଡ ସମର୍ପଣର କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଇ-କେୱାଇସି ପ୍ରକ୍ରିୟା ଶେଷ ହେବା ପୂର୍ବରୁ ଯେଉଁମାନେ ଏହାକୁ ପାଳନ କରି ସ୍ୱେଚ୍ଛାକୃତ ଭାବେ ସେମାନଙ୍କର କାର୍ଡ ସମର୍ପଣ କରିବେ ସେମାନଙ୍କ ଉପରେ କୌଣସି ଦଣ୍ଡବିଧାନ କରାଯିବ ▶▶ପୃଷ୍ଠା ୭

## ରାଜ୍ୟ କ୍ୟାବିନେଟ୍‌ରେ ୧୦ ପ୍ରସ୍ତାବକୁ ଅନୁମୋଦନ



ଭୁବନେଶ୍ୱର, ୨୨/୧(ନି.ପ୍ର) : ରାଜ୍ୟ କ୍ୟାବିନେଟରେ ୧୦ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ସହ ଅନ୍ୟ ବିଭାଗର ୧୦ଟି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ପୂର୍ବ ସରକାରରେ ୫-ଟି ନାଁରେ ରୂପାନ୍ତରୀକରଣ କରି ସ୍ମାର୍ଟ ସ୍କୁଲ ଯୋଜନା ଠିକ୍ ନଥିଲା । ଡିପିଆର ପ୍ରସ୍ତୁତ ହୋଇ ନଥିଲା କି ଏଷ୍ଟିମେଟ୍ ହୋଇନଥିଲା । ପିଲାମାନଙ୍କ ଭବିଷ୍ୟତ ପ୍ରତି ଖେଳା ଯାଇଥିଲା । ତେଣୁ ନୂଆ ସରକାର ପ୍ରତି ପଞ୍ଚାୟତରେ ଆଦର୍ଶ ବିଦ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ନିଷ୍ପତ୍ତି ନେଇଛନ୍ତି । ଚଳିତ ବର୍ଷ ୧୧୪ଟି ପଞ୍ଚାୟତରେ ପ୍ରଥମ ପର୍ଯ୍ୟାୟରେ ଏହା ଆରମ୍ଭ ହେବ । ପରବର୍ତ୍ତୀ ୪ ବର୍ଷରେ ଅନ୍ୟ ପଞ୍ଚାୟତଗୁଡ଼ିକରେ ଏହାକୁ ପହଞ୍ଚାଯିବ । ଏହାସହ ୨୦୨୮ ସୁଦ୍ଧା ସମସ୍ତ ଶିକ୍ଷକ ପଦବୀ ପୂରଣ କରାଯିବ ▶▶ପୃଷ୍ଠା ୭

## ଶୀତ କମିବ: ଘନ କୁହୁଡ଼ି ପାଇଁ ସତର୍କ ସୂଚନା ଜାରି



ଭୁବନେଶ୍ୱର, ୨୨/୧ (ନି.ପ୍ର): ଆସନ୍ତା ୩ ଦିନ ମଧ୍ୟରେ ଓଡ଼ିଶାରେ ରାତିର ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରି ସେଲସିୟସ ବୃଦ୍ଧି ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ବୁଧବାର ସୂଚନା ପ୍ରଦାନ କରାଯାଇଛି। ଫଳରେ ଶୀତ କମିବ, କିନ୍ତୁ ଘନ କୁହୁଡ଼ି ଜାରି ରହିବ ବୋଲି ପାଣିପାରଗ ବିଭାଗ ପକ୍ଷରୁ କୁହାଯାଇଛି। ▶▶ପୃଷ୍ଠା ୭

## ମେଡିକାଲ କଲେଜରେ ଦୁଷ୍କର୍ମ ଓ ହତ୍ୟା ମାମଲା: ଆଜି ସୁପ୍ରିମକୋର୍ଟରେ ଶୁଣାଣି



ନୂଆଦିଲ୍ଲୀ, ୨୨/୧ : ଆର ଜି କର ମେଡିକାଲ କଲେଜରେ ଦୁଷ୍କର୍ମ ଓ ହତ୍ୟା ମାମଲା ସମ୍ବନ୍ଧିତ ଖବରରୁ । ଆଜି ସୁପ୍ରିମକୋର୍ଟରେ ହେବ ଶୁଣାଣି । ଏହି ମାମଲାରେ ଦୋଷୀ ସଞ୍ଜୟ ରାୟକୁ ସିବିଆଇ କୋର୍ଟ ମୃତ୍ୟୁ ପର୍ଯ୍ୟନ୍ତ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ହେଲେ ମୃତ୍ୟୁ ଦଣ୍ଡ ଦାବି କରିଛନ୍ତି ପୀଡ଼ିତାଙ୍କ ପରିବାର, ଡାକ୍ତର ସଂଘ, ପଶ୍ଚିମବଙ୍ଗ ସରକାର ଓ ରାଜ୍ୟ ବିଜେପି। ଏହି ମାମଲାକୁ ନିଜ ଆଡୁ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି ସୁପ୍ରିମକୋର୍ଟ । ଶୁଣାଣି ସମୟରେ ସୁପ୍ରିମକୋର୍ଟ ପୀଡ଼ିତାଙ୍କ ବାପା ମାଆଙ୍କ ଦ୍ୱାରା ମାମଲାର ପୁନଃ ତଦନ୍ତ ଦାବି ଆବେଦନକୁ ମଧ ଗ୍ରହଣ କରିବେ । ଅନ୍ୟପଟେ ପଶ୍ଚିମଙ୍ଗରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସି ସରକାର ମଧ ଦୋଷୀ ସଞ୍ଜୟ ରାୟଙ୍କ ମୃତ୍ୟୁଦଣ୍ଡ ଦାବି କରି ହାଇକୋର୍ଟ ଯାଇଛନ୍ତି । ଦୋଷୀକୁ ମୃତ୍ୟୁଦଣ୍ଡ ଦାବି କରି ସରକାର କୋଲକାତା ହାଇକୋର୍ଟରେ ଆବେଦନ କରିଛନ୍ତି ।

# ଓଡ଼ିଆ ମାଟିର ପୁଅ ସୁଭାଷ

ପଣ୍ଡିତ ଦୈତ୍ୟାରି ମହପାତ୍ର



ବିଂଶ ଶତାବ୍ଦୀର ବିସ୍ମୟ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଜଣେ ଅନନ୍ୟ ଏବଂ କାଳଜୟୀ ପ୍ରତିଭା । ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟ ଶ୍ରେୟ ମହାତ୍ମାଗାନ୍ଧିଙ୍କର; କିନ୍ତୁ ସ୍ୱାଧୀନତାପ୍ରାପ୍ତିର ଶ୍ରେଷ୍ଠ ଶ୍ରେୟ ନେତାଜୀ ସୁବାଷଙ୍କର । ଏହି କଥାକୁ ପ୍ରଖ୍ୟାତ୍ ଇତିହାସବିତ୍‌ମାନେ ସ୍ୱୀକାର କରିନ୍ତି । ଯଦି ନେତାଜୀଙ୍କ ଦ୍ୱାରା ଗଠିତ ଭାରତୀୟ ଜାତୀୟ ସାମରିକ ବାହିନୀ (ଇଣ୍ଡିଆନ୍ ନେସ୍‌ନାଲ ଆର୍ମି) 'ଦିଲ୍ଲୀ ଚଲୋର' ଆହ୍ୱାନ ଦେଇ ମଣିପୁରର ମଉରାଙ୍ଗ ପର୍ଯ୍ୟନ୍ତ ଆସିନଥାନ୍ତା, ସେଠାରେ ଭାରତୀୟ ଜାତୀୟ ପତାକା ଉତ୍ତୋଳନ କରିନଥାନ୍ତା, ଯଦି ଲାଲକିଲ୍ଲା ଦଖଲର ଦୃପ୍ତ ଆହ୍ୱାନ ଦେଇନଥାନ୍ତା ତାହହେଲେ ବ୍ରିଟିଶ ସାମ୍ରାଜ୍ୟ ଥରି ନ ଥାନ୍ତା । ଭାରତୀୟମାନଙ୍କର ସ୍ୱାଧୀନତା ଅକାଂକ୍ଷା କେତେ ତୀବ୍ର ତାହା ବ୍ରିଟିଶ ସରକାର ବୁଝିପାରିନଥାନ୍ତା ।

ସ୍ୱାଧୀନତା ଆନ୍ଦୋଳନର ପ୍ରଖରତା ଆରମ୍ଭ ହେଲା ଭାରତଛଡ଼ା ଆନ୍ଦୋଳନ (କ୍ୱିଟ ଇଣ୍ଡିଆ ମୋଭମେଣ୍ଟ) ଅଗଷ୍ଟ କ୍ରାନ୍ତି ନାମରେ ମୁମ୍ବାଇରେ ଐତିହାସିକ ମଇଦାନକୁ ୧୯୪୨ ମସିହା ଅଗଷ୍ଟ ୯ ତାରିଖରେ ଭାରତଛାଡ ଆନ୍ଦୋଳନ ଯେଉଁ ରୂପ, ଉଗ୍ରତା, ପ୍ରଚଣ୍ଡତା, 'କର ବା ମର' ଶପଥ ଏବଂ 'ଏବେ ନୁହେଁ ତ କେବେ ନୁହେଁ' ର ସଂକଳ୍ପ ଭିତରେ ଯଦି କାହାର ଅନୁପ୍ରେରଣା ଥାଏ ତାହା ହେଉଛି ନେତାଜୀଙ୍କର 'ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି' ର ଗୁରୁ ଗମ୍ଭୀର ଆହ୍ୱାନ ଥିଲା ହୃଦୟବିଦାରକ ।

୧୯୨୦ ମସିହାରୁ ମହାତ୍ମା ଗାନ୍ଧି କଂଗ୍ରେସର ଡୋରି ସମ୍ଭାଳିବା ପରେ ଅସିଂସା ଓ ସତ୍ୟାଗ୍ରହକୁ ମୁଖ୍ୟ ଆୟୁଧ କରି ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନକୁ ଚଳାଇ ରଖିଲେ । ଗାନ୍ଧିଜୀଙ୍କ ଏହି ନରମ ଏବଂ ଧୀରସ୍ଥିର ଆନ୍ଦୋଳନ ପ୍ରକ୍ରିୟାରେ ହତୋତ୍ସାହ ହୋଇ ଦେଶର ବିଭିନ୍ନ ସ୍ଥାନରେ ବିଶେଷକରି ପଞ୍ଜାବ ଏବଂ ବଙ୍ଗରେ କ୍ରାନ୍ତିକାରୀ ଆନ୍ଦୋଳନ ମୁଣ୍ଡ ଟେକିଲା । ସେତେବେଳେ ଏହି ଯୁବ ବିପ୍ଳବୀମାନେ ଅତ୍ୟାଚାରୀ ବ୍ରିଟିଶ ଶାସକଙ୍କୁ ଭୟଭୀତ କରିବାପାଇଁ ହିଂସାର ଆଶ୍ରୟ ନେଲେ । ଉକ୍ତ ଆନ୍ଦୋଳନକାରୀଙ୍କ ପଛରେ କଂଗ୍ରେସର ବରିଷ୍ଠ ନେତା ଉଗ୍ରବାଦୀ, ଦେଶ ଭକ୍ତ, ଅମର ସହିଦ୍, ପଞ୍ଜାବ କେଶରୀ ଲାଲ ଲଜପତ୍ ରାୟ ଏବଂ ବଙ୍ଗର ମହାନ୍ ବିପ୍ଳବୀ ନେତା ରାସବିହାରୀ ବସୁଙ୍କ ଭଳି ବ୍ୟକ୍ତିଙ୍କ ଆଶୀର୍ବାଦ ରହିଥିଲା । ବାବୁ ଶ୍ରୀଅରବିନ୍ଦ ଘୋଷ ମଧ୍ୟ କ୍ରାନ୍ତିକାରୀମାନଙ୍କ ହିଂସ୍ର ଆନ୍ଦୋଳନକୁ ଯେ କେବଳ ସମର୍ଥନ କରୁଥିଲେ ତାହା ନୁହେଁ, ନିଜେ ସେଥିରେ ସାମିଲ ହୋଇଥିଲେ । ୧୯୫୦ ରେ ବଙ୍ଗ ଭଙ୍ଗ ଆନ୍ଦୋଳନ ଏହିଭଳି ଆନ୍ଦୋଳନର ଏକପ୍ରକାର ଅୟମାରମ୍ଭ ହୋଇଥିଲା; କିନ୍ତୁ ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହ ମାଧ୍ୟମରେ ଆନ୍ଦୋଳନ କରି ସଫଳ ହୋଇଥିବା ମୋହନ ଦାସ କରମଚାନ୍ଦ ଗାନ୍ଧି ଭାରତକୁ ଆସି କଂଗ୍ରେସର ନେତୃତ୍ୱ ନେବାପରେ କଂଗ୍ରେସ ଭିତରେ ଉଗ୍ରବାଦ ବୃଦ୍ଧି ପାଇଲା ଏବଂ ବ୍ରିଟିଶମାନଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ କ୍ରାନ୍ତିକାରୀ ଆନ୍ଦୋଳନ ବ୍ୟାପକ ହେଲା । ଏହି କ୍ରାନ୍ତିକାରୀଙ୍କ ସୂଚନା ମଧ୍ୟରେ ଉଦ୍ଧାମ ସିଂ, ଚନ୍ଦ୍ରଶେଖର ଆଜାଦ୍, ଭଗତ ସିଂ, ସୁଖଦେବ, ରାଜଗୁରୁ, ସାନ୍ୟାଲ, ଲାହିଡ଼ି, ବାଘାଯତୀନ, ଖୁଦିରାମ ବସୁ ପ୍ରମୁଖ ମହାନ୍ ସହିଦଙ୍କ ନାମ ସ୍ମରଣ କରାଯାଇପାରେ । ଅତି ଯୌବନଦୀପ୍ତ ଅବସ୍ଥାରେ ଏମାନେ ଦେଶ ପାଇଁ ହସି ହସି ପ୍ରାଣ ଦେଲେ । ସଂସଦ ଭିତରେ ବୋମା ନିକ୍ଷେପ କରିଥିବା ଅଭିଯୋଗରେ ଯେତେବେଳେ ଭଗତ ସିଂ, ସୁଖଦେବ ଏବଂ ରାଜଗୁରୁଙ୍କୁ ଫାଶୀ ହୁକୁମ୍ ହେଲା । ସେତେବେଳେ କଂଗ୍ରେସ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲେ ମଧ୍ୟ କାର୍ଯ୍ୟକାରୀ କମିଟିରେ ତାହା ପ୍ରତିଫଳିତ ହେଲା ନାହିଁ । ଏମାନଙ୍କ ଫାଶୀ ନେଇ ଦୁଃଖପ୍ରକାଶ ମଧ୍ୟ କରାଗଲା ନାହିଁ । ବରଂ ଦେଶଭକ୍ତଙ୍କ କ୍ରାନ୍ତିକାରୀ ଆଚରଣରେ କ୍ଷୁବ୍ଧ ଗାନ୍ଧିଜୀ ପ୍ରତିବାଦାତ୍ମକ ଅନଶନ କିମ୍ବା ମୌନବ୍ରତ ଆଚରଣ କଲେ ।

ଗାନ୍ଧିଜୀ ଏବଂ ତାଙ୍କ କଂଗ୍ରେସର ଏଭଳି ଆଚରଣରେ ଯିଏ ପ୍ରବଳ କ୍ଷୁବ୍ଧ ହେଉଥିଲେ, ସେ ହେଉଛନ୍ତି ନେତାଜୀ ସୁଭାଷ ଚନ୍ଦ୍ର ବୋଷ । ତେଣୁ ତାଙ୍କ ମନ ଭିତରେ ଏକ ଉତ୍କଟ ସମସ୍ୟା ସବୁବେଳେ ବସା ବାନ୍ଧି ରହୁଥିଲା । ଦେଶକୁ ସ୍ୱାଧୀନ କରିବା ପାଇଁ ସେ ଗାନ୍ଧିଜୀଙ୍କ ପନ୍ଥାକୁ ଏକମାତ୍ର ପନ୍ଥାବୋଲି ଭାବୁ ନଥିଲେ । କାରଣ ଗାନ୍ଧିଜୀଙ୍କ ମାର୍ଗରେ ସ୍ୱାଧୀନତା ହାସଲ ତାଙ୍କୁ ଏକ ସ୍ୱପ୍ନ ଭଳି ଲାଗୁଥିଲା । ଅହିଂସା ଏବଂ ସତ୍ୟାଗ୍ରହ ରାସ୍ତାରେ ସ୍ୱାଧିନତା ଆନ୍ଦୋଳନକୁ ଗାନ୍ଧିଜୀ ଏକ ପନ୍ଥା ରୂପେ ଆରମ୍ଭ କରିଥିଲେ । ଏହି ପନ୍ଥାରେ ଦୀର୍ଘ ବର୍ଷ ଧରି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଗାନ୍ଧିଜୀଙ୍କ ସହ ସାମିଲ ଥିଲେ । ସେ ଗାନ୍ଧିଜୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଯେତିକି ଉଦ୍ୟମ କରିଛନ୍ତି ତାହାର ପଟାନ୍ତର ନାହିଁ । ଆଜନ୍ମ ବିଦ୍ରୋହୀ ସୁଭାଷ କିନ୍ତୁ ଭାରତର ସ୍ୱାଧୀନତା ପାଇଁ ଅଶସ୍ତ୍ର ସଂଗ୍ରାମର ସଫଳତା ଉପରେ ବିଶ୍ୱାସ କରୁଥିଲେ । ୧୯୨୮ରେ କଲିକତା କଂଗ୍ରେସ ଅଧିବେଶନ ପୂର୍ବରୁ ସେ ଏକ ସାମରିକ ଯୁବବାହିନୀ 'ବେଙ୍ଗଲ ଭଲେଣ୍ଟିୟର୍ସ' ନାମକ ଦଳ ଗଠନ କରିଥିଲେ । ଯେସାକୁ ତେସା ନୀତିରେ ସେ ଚାହୁଁଥିଲେ ବ୍ରିଟିଶ୍‌କୁ କାବୁ କାରିବା ପାଇଁ । ନେତାଜୀ ଗାନ୍ଧିଜୀଙ୍କୁ କେତେ ଭଲ ପାଉଥିଲେ ତା'ର ଗୋଟିଏ ଉଦାହରଣ ଦେଲେ ଯଥେଷ୍ଟ ହେବ । ସୁଭାଷ ଯେତେବେଳେ ଛଦ୍ମବେଶରେ ବିଦେଶକୁ ଚାଲିଯାଇ ଆଜାଦହିନ୍ଦ ଫୌଜ ଗଠନ କରିସାରିଥିଲେ ସେତେବେଳେ ଆଜାଦ୍‌ହିନ୍ଦ ଫୌଜ ଏକ ଶକ୍ତିଶାଳୀ ଦେଶଭକ୍ତ ସମ୍ମିଳନୀରେ ପରିଣତ ହୋଇ ଦିଲ୍ଲୀ ଚଲୋର ଶୁଭାରମ୍ଭ ଆରମ୍ଭ କରିସାରିଥିଲା । 'କଦମ୍ କଦମ୍ ବଢ଼ାଏ ଯା'... ର ମାର୍ଚ୍ଚିଂ ସଂଗୀତରେ ଗଗନ ପବନ ମୁଖରିତ ହୋଇ ନେତାଜୀଙ୍କ ନାମ ଶ୍ରବଣମାତ୍ରେ ଭାରତରେ କୋଟି କୋଟି ଜନମାସରେ ରୋମାଞ୍ଚ ସୃଷ୍ଟିର ଆରମ୍ଭ ହେଉଥିଲା, ନେତାଜୀ ବ୍ରିଟିଶ ସରକାରଙ୍କ ପାଇଁ ଆତଙ୍କର କାରଣ ହେଲେ । ସେତେବେଳେ ନେତାଜୀ ଅତି ଅପ୍ରୀତିକର ପରିସ୍ଥିତିରେ ଗାନ୍ଧିଜୀଙ୍କ ନୀତିର କଠୋର ବିରୋଧ କରିଥିଲେ । ଯେତେବେଳେ ଜାଗତିକ ସ୍ତରରେ ବହୁଚର୍ଚ୍ଚିତ, ଅଦ୍ୱିତୀୟ, ଭାରତୀୟ ଯୋଦ୍ଧା ଭାବରେ ପରିଚିତ ସେତିକିବେଳେ ରେଙ୍ଗୁନ୍ ରେଡ଼ିଓରୁ ନେତାଜୀଙ୍କ ଦୃପ୍ତ ଆହ୍ୱାନ ଶୁଣାଗଲା । 'ମହାତ୍ମା ଗାନ୍ଧି ଆମର ଜନକ' । ସେହିଦିନଠାରୁ ସମଗ୍ର ଦେଶରେ ଗାନ୍ଧିଜୀ ଜାତିର ଜନକ ଭାବରେ ପରିଚିତ ହେଲେ ।

ନେତାଜୀ ସୁଭାଷ ଅନନ୍ୟ ଢଙ୍ଗରେ ଦେଶକୁ ପରାଧୀନତାରୁ ମୁକ୍ତ କରିବା ପାଇଁ ପ୍ରୟାସ କରିଥିଲେ । ଏକୁଟିଆ ଛଦ୍ମବେଶରେ ପୋଲିସ ଆଖିରେ ଧୂଳିଦେଇ ଗୃହବନ୍ଦି ଅବସ୍ଥାରେ କଲିକତାକୁ ଆଫଗାନିସ୍ଥାନ ଦେଇ ରୁଷିଆ , ଜର୍ମାନ, ଜାପାନ ପର୍ଯ୍ୟନ୍ତ ଯାଇ ସେଠାରେ ହିଟ୍‌ଲର ଏବଂ ଟେଜୋଙ୍କ ପରି ତୁଙ୍ଗ ନେତାମାନଙ୍କ ସହ କୂଟନୈତିକ ସଂପର୍କ ସ୍ଥାପନ କରି ବନ୍ଦୀ ଭାରତୀୟ ସୈନିକମାନଙ୍କୁ ଏକଜୁଟ କରି ଆଜାଦ୍‌ହିନ୍ଦ ଫୌଜ ଗଠନ କରି 'ଦିଲ୍ଲୀ ଚଲୋ' ର ଡାକରା ଦେଇ ବ୍ରିଟିଶ ସାମ୍ରାଜ୍ୟକୁ ଥରହର କଲେ । ବିଦେଶରେ ଥିବା ଏହି ଭାରତୀୟ ଯୁଦ୍ଧ ବନ୍ଦୀମାନେ ଯେତେବେଳେ ସଂପୂର୍ଣ୍ଣ ଅସହାୟ ଅବସ୍ଥାରେ ନୈତିକ ମନୋବଳ ହରାଇ କ୍ଷୁଧାତୁର ଭାବରେ କେବଳ ମୃତ୍ୟୁକୁ ଅପେକ୍ଷାକରି ବସିଥିଲେ ସେତେବେଳେ ନେତାଜୀ ଏହି ମୁମୂର୍ଷୁମାନଙ୍କୁ ସଂଗଠିତ କରି ସେମାନଙ୍କ ଭିତରେ ନୈତିକ ମନୋବଳ ସୃଷ୍ଟି କରି ସେମାନଙ୍କୁ ଏକ ସଶସ୍ତ୍ର ସେନାବାହିନୀରେ ପରିଣତ କଲେ । ସେତେବେଳେ ବିଜ୍ଞାନର ବିକାଶ ହୋଇନଥିଲା । ସେ ଅବସ୍ଥାରେ ନେତାଜୀ ବର୍ଲିନରେ ଓ ରେଙ୍ଗୁନ୍‌ରେ ଆଜାଦ୍‌ହିନନ୍ଦ୍ ରେଡିଓ ସ୍ଥାପନ କରି ତାହାରି ମାଧ୍ୟମରେ ପରାଧୀନ ଭାରତବାସୀଙ୍କୁ ସ୍ୱାଧୀନତାର ମନ୍ତ୍ରରେ ଉଦ୍‌ବୋଧିତ କରୁଥିଲେ । ଜଣେ ସାଧାରଣ ମୁନଷ୍ୟ ନିଜର ସ୍ୱାଭିମାନ, ପ୍ରଚେଷ୍ଟା, ଅଦମ୍ୟ ସାହସ ଏବଂ ଦେଶ ଭକ୍ତ ଓଡ଼ିଶା ମାଟିର ପୁଅ ଖୋଦ୍ କଟକ ସହରର ଓଡ଼ିଆ ବଜାରରେ ଜନ୍ମ । କଟକର ଗଳି କନ୍ଦି ପାଣି ପବନ ସହ ସେ ଅତି ପରିଚିତ । ଜୀବନର କେତୋଟି ବସନ୍ତ ସେ ଏହି କଟକ ସହରରେ ଅତିବାହିତ କରିଛନ୍ତି । ସୁଭାଷ୍ ମାଟ୍ରିକ୍ ପର୍ଯ୍ୟନ୍ତ ପଢ଼ିଲେ କଟକର କିଲଜିଏଟ୍ ସ୍କୁଲରେ । ଦେଶ ଭକ୍ତିର ପ୍ରଥମ ପାଠ ପଢ଼ିଲେ ସେ ଏହି ସ୍କୁଲରେ ଏବଂ ସେ କଥା ସେ ନିଜେ ମଧ୍ୟ ସ୍ୱୀକାର କରିଛନ୍ତି । 'ରେଭେନ୍‌ସା କଲିଜିଏଟ୍ ସ୍କୁଲ ଓ ମୋର ପ୍ରଧାନ ଶିକ୍ଷକ' ଲେଖାରେ ସେ ଲେଖିଥିଲେ ଶିକ୍ଷକମାନଙ୍କ ମଧ୍ୟରେ ଜଣେ ଥିଲେ, ଯିଏ ମୋର କିଶୋର ମନରେ ଏକ ସ୍ଥାୟୀ ରେଖା ଅଙ୍କନ କରିଯାଇଛନ୍ତି । ସେ ହେଉଛନ୍ତି ବାବୁ ବେଣୀମାଧବ ଦାସ ଆମର ପ୍ରଧାନ ଶିକ୍ଷକ । ସ୍କୁଲରେ ନାଁ ଲେଖାଇବାର ପ୍ରଥମ ଦିନ । ସେତେବେଳେ ମୋର ବୟସ ଥିଲା ମାତ୍ର ୧୨ ବର୍ଷ । ମୁଁ ଯେତେବେଳେ ତାଙ୍କୁ ପରିଦର୍ଶନ କାର୍ଯ୍ୟରେ ନିଯୁକ୍ତ ଥିବାର ଦେଖିଲି, ସେତେବେଳେ ମୋର ଯାହା ମନେହେଉଥିଲା ତାହା ତାଙ୍କ ନିର୍ମଳ ବ୍ୟକ୍ତିତ୍ୱର ଏକ ଅପ୍ରତିରୋଧ, ନୈତିକ ଆବେଦନ ବୋଲି କୁହାଯାଇପାରିବ । ସେତେବେଳଯାଏଁ ମୁଁ ଜାଣିନଥିଲି ମନୁଷ୍ୟକୁ ଶ୍ରଦ୍ଧା କରିବା କହିଲେ କ'ଣ ବୁଝାଯାଏ; କିନ୍ତୁ ଗୁରୁ ବେଣୀମାଧବ ଦାସଙ୍କୁ ଦେଖିବାମାତ୍ରେ ମୋ ମନ ଶ୍ରଦ୍ଧା ଓ ଭକ୍ତରେ ପୂର୍ଣ୍ଣ ହୋଇଯାଉଥିଲା । ଏହା ସତ୍ତ୍ୱେ ବିଦାୟ ନେବା ଆଗରୁ ସେ ମୋ ଭିତରେ ଏକ ପ୍ରକାର ଅଭୁଲା ନୈତିକ ମୂଲ୍ୟବୋଧକୁ ହିଁ ଜାଗ୍ରତ କରିବାରେ ସମର୍ଥ ହୋଇଥିଲେ । ସେହି ଗୁରୁଙ୍କୁ ମୁଁ ଭକ୍ତପୁତ ପ୍ରଣାମ ଜଣାଉଛି ।

+ରାଜ୍ୟପାଳ ପୁରସ୍କାର ପ୍ରାପ୍ତ
ସାହିତ୍ୟିକ ତଥା
ଓଡ଼ିଆ ଭାଷା ସାହିତ୍ୟ
ଗବେଷକ,ଭଦ୍ରକ
ମୋ-୮୭୬୩୫୪୮୨୦୨

# ପରାକ୍ରମୀ ଦେଶଭକ୍ତ : ବୀର ସୁରେନ୍ଦ୍ର ସାଏ

ଡକ୍ଟର ତପନ କୁମାର ପାଳ



ଆଜି ହେଉଛି ବୀର ସୁରେନ୍ଦ୍ର ସାଏଙ୍କ ପୁଣ୍ୟ ଜନ୍ମ ତିଥି । ଅନେକ ହୁଏତ ଜାଣି ନଥିବେ ସେ ଏପରି ଜଣେ ବୀର ପରାକ୍ରମୀ ଓ ଜାତି ପ୍ରାଣ ଦେଶଭକ୍ତ ଥିଲେ ଯିଏ କି ୧୮୫୭ ସିପାହୀ ବିଦ୍ରୋହର ୩୦ ବର୍ଷ ପୂର୍ବରୁ ରାଜଗାଦିର ଉତ୍ତରାଧିକାରୀ ନେଇ ବ୍ରିଟିଶ ସରକାର ବିରୋଧରେ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ କରିଥିଲେ ଉତ୍କଳର ବରପୁତ୍ର ବୀର ସୁରେନ୍ଦ୍ର ସାଏ । ୧୮୦୯ ମସିହା ଜାନୁଆରୀ ୨୩ ତାରିଖରେ ସମ୍ବଲପୁର ଜିଲ୍ଲା ବରଗାଁରେ ଚୌହାନ ରାଜବଂଶର ଧରମ ସିଂହ ଓ ରେବତୀ ଦେବୀଙ୍କ କୋଳମଣ୍ଡନ କରିଥିଲେ । ପିତାଙ୍କ ମୃତ୍ୟୁ ପରେ କାକା ବଳରାମ ସିଂହଙ୍କ ତତ୍ତ୍ୱାବଧାନରେ ସେ ଘୋଡ଼ା ସବାରି, ଖଣ୍ଡା ଓ ତୀରଚଳାନା ସମେତ ବିଭିନ୍ନ ପ୍ରଶିକ୍ଷଣ ନେଇଥିଲେ । ତାଙ୍କ ଜୀବନ କାଳର ୭ ବର୍ଷ ମଧ୍ୟରୁ ୩୬ ବର୍ଷ ବିତିଥିଲା କାରାଗାରରେ ।

୧୮୨୭ରୁ ୧୮୪୯ ପର୍ଯ୍ୟନ୍ତ ଓ ୧୮୫୭ରୁ ୧୮୬୪ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଇଂରେଜ ବିରୁଦ୍ଧରେ ସେ ନିରବଚ୍ଛୀନ ଭାବେ ଲଢ଼େଇ କରିଥିଲେ । ତାଙ୍କର ଅଭୁତ ସଂଗଠନ ଶକ୍ତି, ଅସୀମ ପରାକ୍ରମ ଓ ଅସାଧାରଣ ରଣକୌଶଳ ବ୍ରିଟିଶ ସେନାବାହିନୀକୁ ଆଶ୍ଚର୍ଯ୍ୟଚକିତ କରିଥିଲା । ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ବନ୍ଦୀ ଜୀବନ ବିତାଇଥିଲେ । ୧୮୮୪ ମସିହା ଫେବୃଆରୀ ୨୮ ତାରିଖରେ ଅସୁରଗଡ଼ ଦୁର୍ଗରେ ତାଙ୍କର ଜୀବନ ଦୀପ ଲିଭିଥିଲା । ତାଙ୍କ ସମ୍ମାନାର୍ଥେ ୨୦୦୯ରେ ୟୁନିଭରସିଟି କଲେଜ ଅଫ୍ ଇଞ୍ଜିନିୟରିଂ, ବୁର୍ଲାର ନାମ ବଦଳାଇ ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି କରାଯାଇଥିଲା । ବୁର୍ଲାସ୍ଥିତ ଭେଷଜ ମହାବିଦ୍ୟାଳୟର ନାମ ବୀର ସୁରେନ୍ଦ୍ର ସାଏ ଭେଷଜ ମହାବିଦ୍ୟାଳୟ ଦିଆଯାଇଛି ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ,
ଦେଉଳ ସାହି, ତୁଳସୀପୁର, କଟକ

# ବିପ୍ଳବୀ ବୀର ସୁଭାଷ ଚନ୍ଦ୍ର

ରମେଶ ଚନ୍ଦ୍ର ନାୟକ



ବିସ୍ମୟ ବିପ୍ଳବୀ ହେ ସୁଭାଷ ଚନ୍ଦ୍ର
ମନେ ପଡେ ଆଜି ତୁମ କଥା
ତୁମେ କହିଥିଲ ଯାଚିକି ନ ଦେଲେ
ଛଡାଇ ଆଣିବ ସ୍ୱାଧୀନତା ।

ଉତ୍କଳ ଦେଶର କଟକ ଜିଲ୍ଲାର
ଓଡ଼ିଆ ବଜାର ଜନ୍ମ ସ୍ଥାନ
ଛୋଟ ଟି ବେଳରୁ ସ୍ୱପ୍ନ ଦେଖୁ ଥିଲ
ଦେଶର ରଖିବ ସନମାନ ।

ଭାରତ ମାତାର ତୁମେ ଥିଲେ ବୀର
ଅପରାଜୟ ଦେଶ ସେବକ
ଦେଶ ଜାତି ପାଇଁ ପ୍ରାଣବଳି ଦେଲ
ଅଦମ୍ୟ ସାହସ ବୀର ଯୁବକ ।

ତୁମ ଡାକରାରେ ସ୍ୱର ମିଳାଇଲେ
ଏ ଦେଶରେ ଲୋକେ ଅଗଣିତ
ଦିଲ୍ଲୀ ଠାରୁ ପଲ୍ଲୀ ଜନତା ମାତିଲେ
ସ୍ୱାଧୀନତା ବାର୍ତ୍ତା ପ୍ରକମ୍ପିତ ।

ଚରମ ପନ୍ଥୀର ତୁମେ କର୍ଣ୍ଣଧାର
ଅଭୁଲା ତୁମର ଦେଶପ୍ରେମ
ଆଜାଦ୍ ହିଇନ୍ଦ୍ ଫଉଜ ଗଢିଲ
ନେତାଜୀ ହୋଇଲା ତୁମ ନାମ ।

ଫିରିଙ୍ଗି ଶାସନେ ତୁମେ ଥିଲେ କଣ୍ଟା
କେବେ ନୋଇଁ ନାହିଁ ତବ ମଥା
ତୁମେ କହିଥିଲ ରକ୍ତ ଦିଅ ମୋତେ
ମୁଁ ଦେବି ତୁମକୁ ସ୍ୱାଧୀନତା ।

ସ୍ୱାଧୀନତା ସ୍ୱାଦ ଚାଖି ନ ଥିଲେବି
ପଥ ଦେଖାଇଛି ତୁମ ବାର୍ତ୍ତା
ପ୍ରାଣେ ପ୍ରାଣେ ଆଜି ଉଠୁଛି ଗୁଞ୍ଜୁରି
ଗୋଟି ଗୋଟି ଶୁଣି ତୁମ କଥା ।

ତବ ପାଦ ପଦ୍ମେ ପ୍ରଣାମ ଜଣାଉ
ତୁମକୁ ସମ୍ମାନ ଶ୍ରଦ୍ଧାଞ୍ଜଳି
ଲଢୁଆ ଜାତିର ଆହେ ଶ୍ରେଷ୍ଠ ବୀର
ସଂଗ୍ରାମୀ କେ ଅଛି ତୁମ ଭଳି ।

+ କେଶରପୁର , ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦

# ନେତାଜୀ ସୁଭାଷ ଓ କଟକର ସଚ୍ଚିଦାନନ୍ଦ ମଠ

ବାଦଲ ଭୂୟାଁ

ଛାତ୍ର ଜୀବନରୁ ରାଜନୈତିକ ସଂଘର୍ଷ ଓ ସ୍ୱାଧୀନତା ସଂଗ୍ରାମ ସବୁଠି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସ୍ମୃତି କଟକ ସହିତ ଜଡ଼ିତ ରହିଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୨୧ରୁ ନେତାଜୀଙ୍କ ଜନ୍ମ ଦିବସ ତଥା ଜାନୁଆରୀ ୨୩କୁ ପରାକ୍ରମ ଦିବସ ଭାବେ ପାଳନ କରାଯାଉଛି । ପ୍ରଥମେ ଏହାକୁ କୋଲକାତା ଓ ପରେ ଲାଲକିଲ୍ଲାରେ ଆୟୋଜନ କରାଯାଉଥିଲା । ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ବାରବାଟୀ ଦୁର୍ଗ ମଧ୍ୟରେ ଥିବା ସତ୍ୟବ୍ରତ ଷ୍ଟାଡିୟମରେ ଏହା ପାଳନ ହୋଇଥିଲା । କହିବାକୁଗଲେ ନେତାଜୀଙ୍କ ପରିଚୟ ପ୍ରଦାନରେ ସଂକୀର୍ଣ୍ଣତାର ସ୍ଥାନ ନାହିଁ କାରଣ ସେ କେବଳ କଟକ, ଓଡ଼ିଶା ବା କୋଲକାତା ଭିତରେ ସୀମିତ ରହିନଥିଲେ । ସେ ଥିଲେ ଦେଶର ସମ୍ପତ୍ତି । ଏକ ବିଶ୍ୱବ୍ୟାପ୍ତ ବ୍ୟକ୍ତିତ୍ୱ । ଚଳିତ ବର୍ଷ ନେତାଜୀଙ୍କ ୧୨୫ତମ ଜୟନ୍ତୀ କାର୍ଯ୍ୟକ୍ରମ ଆୟୋଜନରେ ଓଡ଼ିଶା ସରକାର ଆଗୁଆ ରହି ନେତାଜୀଙ୍କ ସ୍ମୃତିରକ୍ଷା ପାଇଁ ଅନେକ ପ୍ରକଳ୍ପ ହାତକୁ ନେଇଛନ୍ତି । ନେତାଜୀ ଜୟନ୍ତୀ ଅବସରରେ ଏକ ଅନାଲୋଚିତ ତଥ୍ୟ ଭାବେ ଖୋଦ କଟକ ସହରର ଏକ ମଠରେ ତାଙ୍କ ବାଲ୍ୟ ସ୍ମୃତିର ପାରିବାରିକ ଘଟଣାବଳୀ ମୁକସାକ୍ଷୀ ହୋଇରହିଛି । ଏହି ଲେଖକ ଅତି ବିନମ୍ର ଭାବେ ସେହି ଅପାସୋରା ସ୍ମୃତିକୁ ଉପସ୍ଥାପନ କରୁଛି ।

ଯୁଗେ ଯୁଗେ ମୁନି, ଋଷିଗଣ ଆଧାତ୍ମମାର୍ଗରେ ଦେଶ ପରିଚାଳନା ପାଇଁ ପ୍ରଚେଷ୍ଟା କରିଆସିଛନ୍ତି । ତେଣୁ ପିଲାଦିନୁ ନେତାଜୀ ସୁଭାଷ ବୋଷ ଆଧାତ୍ମବାଦ ଆଡ଼କୁ ଆକର୍ଷିତ ହେବା ସ୍ୱାଭାବିକ ଥିଲା । ସେ ପ୍ରତିଦିନ ଗୀତା ପଢ଼ିବା ସହ ମା'ଙ୍କଠାରୁ ରାମାୟଣ, ମହାଭାରତ କଥା ଶୁଣୁଥିଲେ । ବାପାଙ୍କ ସହ ସେ ସଚ୍ଚିଦାନନ୍ଦ ମଠକୁ ଯାଉଥିଲେ । ନେତାଜୀଙ୍କ ପିଲାଦିନରେ ଏହି ଆଧାତ୍ମବାଦର ମୂକସାକ୍ଷୀ ହୋଇଛି କଟକ ବାଉଁଶଗଳିସ୍ଥିତ ସଚ୍ଚିଦାନନ୍ଦ ମଠ । ମଠର ପ୍ରତିଷ୍ଠାତା ପ୍ରଭୁପାଦ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀଙ୍କ ବନ୍ଧେଇ ଫଟୋ ମଠ ପକ୍ଷରୁ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ପ୍ରଦାନ କରାଯାଇଛି । ଯାହାକି ସଂଗ୍ରହାଳୟର ୧୦ ନମ୍ବର ଗ୍ୟାଲେରୀରେ ଏହି ଫଟୋ ସ୍ଥାନିତ ହୋଇଛି । ବିଶ୍ୱବ୍ୟାପୀ ଗୌଡ଼ୀୟ ମଠ ପ୍ରତିଷ୍ଠାତା ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ଘର କେନ୍ଦ୍ରାପଡ଼ା ନିକଟ ଛୋଟିମଙ୍ଗଳପୁର ଗ୍ରାମରେ । ସରସ୍ୱତୀ ଗୋସ୍ୱାମୀ ପ୍ରଥମେ କଟକର ଗଣେଶଘାଟ ଓ ପରେ ଓଡ଼ିଆବଜାରସ୍ଥିତ ନେତାଜୀଙ୍କ ଘର ନିକଟସ୍ଥ ଏକ ଭଡ଼ାଘରେ ସଚ୍ଚିଦାନନ୍ଦ ମଠ ସ୍ଥାପନ କରିଥିଲେ । ଗୌଡ଼ୀୟ ମଠର ବରିଷ୍ଠ ସନ୍ନ୍ୟାସୀ ଭକ୍ତିପ୍ରଦୀପ ତୀର୍ଥ ମହାରାଜ ଓ ରେଭେନ୍ସା କଲେଜର ତତ୍କାଳୀନ ବରିଷ୍ଠ ଇତିହାସ ଅଧ୍ୟାପକ ନିଶିକାନ୍ତ ସାନ୍ୟାଲ (ସୁଧାକର ପଣ୍ଡା) ପ୍ରମୁଖ ଜାନକୀନାଥ ବୋଷ ନେତାଜୀଙ୍କ ପିତା ଙ୍କ ଘରକୁ ଭିକ୍ଷାର୍ଥେ ଯିବା ଆସିବା କରୁଥିଲେ । ଜାନକୀନାଥ ବାବୁ ସଚ୍ଚିଦାନନ୍ଦ ମଠରେ ଠାକୁର ଓ ସାଧୁ ବୈଷ୍ଣବଙ୍କ ସେବା ପାଇଁ ପ୍ରତି ମାସରେ ୧୩୦୦ ଟଙ୍କା ପ୍ରଦାନ କରୁଥିଲେ । ମଠରେ ଶ୍ରୀଗୌରହରି ଓ ଶ୍ରୀରାଧାକୃଷ୍ଣଙ୍କ ବିଗ୍ରହ ବିନୋଦ ରମଣଙ୍କୁ ଆରାଧନା କରାଯାଉଥିଲା । ସକାଳ ସନ୍ଧ୍ୟାରେ ମଧୁର ସଂକୀର୍ତ୍ତନ ଓ ଭକ୍ତ ଗ୍ରନ୍ଥାଦି ପାଠବ୍ୟାଖ୍ୟା ହୁଏ । ସେତେବେଳେ ସଚ୍ଚିଦାନନ୍ଦ ମଠକୁ ଅନେକେ ବୈକୁଣ୍ଠ ବୋଲି ବର୍ଣ୍ଣନା କରୁଥିଲେ । ବାପା ଜାନକୀନାଥଙ୍କ ସହ ସୁଭାଷ ପିଲାଦିନେ ବହୁବାର ସନ୍ଧ୍ୟାରେ ମଠକୁ ଯାଉଥିଲେ । ପରେ ଏହି ମଠ ବାଉଁଶଗଳିରେ ସ୍ଥାୟୀ ଜମିକୁ ସ୍ଥାନାନ୍ତର ହେଲା । ସେଠାରେ ମନ୍ଦିର ନିର୍ମାଣ ହୋଇ ଶ୍ରୀବିଗ୍ରହମାନଙ୍କୁ ସ୍ଥାପନ କରାଯାଇଥିଲା । ପତ୍ରିକା ଅନୁଷ୍ଠାନର ମୁଖଦର୍ପଣ ପରି । ତେଣୁ ୧୯୩୨ରୁ ଓଡ଼ିଆ ପତ୍ରିକା 'ପରମାର୍ଥୀ' ପ୍ରକାଶ ଆରମ୍ଭ ହୋଇଥିଲା । ଏହି ପତ୍ରିକାରେ ପ୍ରାକ୍ତନ ସମ୍ପାଦକ ଯତିଶେଖର ଭକ୍ତିଶାସ୍ତ୍ରୀ ଉପରୋକ୍ତ ବିଷୟରେ ଉଲ୍ଲେଖ କରିଛନ୍ତି । ଜାନକୀନାଥ ଆମିଷାଦି ତ୍ୟାଗ କରି ସଦାଚାର ଜୀବନଯାପନ କରୁଥିଲେ । ଏଥିସହ ଶ୍ରୀଗୌରଙ୍କ ଜନ୍ମସ୍ଥଳୀ ନବଦ୍ୱୀପର ଯୋଗପୀଠ ମନ୍ଦିର ମଧ୍ୟ ଦର୍ଶନ କରୁଥିଲେ । ପିତାଙ୍କ ଏସବୁ ଆଧାତ୍ମିକ କାର୍ଯ୍ୟାବଳୀ ତଥା ମାନସିକତାର ପ୍ରଭାବ ସୁଭାଷଙ୍କ ଉପରେ ପଡ଼ିଥିଲା । କଟକ ରେଭେନ୍ସା କଲିଜିଏଟ ସ୍କୁଲରେ ପଢ଼ିବାବେଳେ ବାବାଜୀ ମହାରାଜଙ୍କ ପାଖକୁ ଯାଇ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଲୀଳା ଶୁଣୁଥିଲେ । ଏହାଦ୍ୱାରା ସୁଭାଷଙ୍କ ମନରେ ଶ୍ରୀଚୈତନ୍ୟ ଦେବଙ୍କ ପ୍ରତି ଶ୍ରଦ୍ଧାଭାବ ଜାଗରିତ ହୋଇଥିଲା ।

ଥରେ ନେତାଜୀ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କ ସହ କଲିକତା ଗୌଡ଼ୀୟ ମଠକୁ ଆସି ଶ୍ରୀଲ୍ ପ୍ରଭୁପାଦଙ୍କ ଶ୍ରୀଚୈତନ୍ୟ ବାଣୀ ପ୍ରଚାରରେ ବହୁ ଶିକ୍ଷିତ ଯୁବକ ଆକୃଷ୍ଟ ହେଉଥିବା ଜାଣିବାକୁ ପାଇଥିଲେ । କେତେଜଣ ଯୁବକଙ୍କୁ ଭାରତର ସ୍ୱାଧୀନତା ସଂଗ୍ରାମ ନିମନ୍ତେ ଦେବା ଲାଗି ନେତାଜୀ ଶ୍ରୀଲ ପ୍ରଭୁପାଦଙ୍କୁ ଅନୁରୋଧ କରିଥିଲେ । ଖୋର୍ଦ୍ଧା ଜିଲ୍ଲା ଦଧିମାଛଗାଡ଼ିଆ ସାମନ୍ତରାୟପୁରର ଜନୈକ ଲେଖକ ତାଙ୍କ ପ୍ରବନ୍ଧ ଶ୍ରୀଶ୍ରୀଲ ପ୍ରଭୁପାଦ ପଣ୍ଡିତ ମାଲବ୍ୟଜୀ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ରେ ଏ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି । ଅନୁରୋଧ ଶୁଣି ଶ୍ରୀଲ ପ୍ରଭୁପାଦ ନେତାଜୀଙ୍କୁ ପଚାରିଲେ, ଆପଣ ପୁନର୍ଜନ୍ମରେ ବିଶ୍ୱାସ କରନ୍ତି ? ନେତାଜୀ ଉତ୍ତର ଦେଇଥିଲେ ଏପରି କେଉଁ ହିନ୍ଦୁ ଅଛି ଯେ ପୁନର୍ଜନ୍ମରେ ବିଶ୍ୱାସ ନରଖିବ । ଏହାପରେ ଶ୍ରୀଲ ପ୍ରଭୁପାଦ କହିଲେ, ଯଦି ଦୈବବଶତଃ ଆପଣଙ୍କ ମୃତ୍ୟୁ ହୋଇଯାଏ ଏବଂ ଆପଣଙ୍କର ପରବର୍ତ୍ତୀ ଜନ୍ମ ଇଂଲଣ୍ଡରେ ହୁଏ, ତେବେ ମଧ୍ୟ କ'ଣ ଆପଣ ଭାରତର ସ୍ୱାଧୀନତା ପାଇଁ ପ୍ରୟାସ କରିବେ । ନେତାଜୀ କହିଥିଲେ ଆପଣଙ୍କ ଅଭିପ୍ରାୟ ବୁଝିପାରିଲି, ତଥାପି ମାତୃଭୂମିର ସେବା କରିବା ପାଇଁ ଚିନ୍ତାକରିବା ମଧ୍ୟ ଉଚିତ । ଶ୍ରୀଲ ପ୍ରଭୁପାଦ କହିଲେ କେବଳ ଭାରତୀୟମାନଙ୍କ ଅନିତ୍ୟ ସ୍ୱତନ୍ତ୍ରତା ପାଇଁ ଆପଣ ଚିନ୍ତିତ । କିନ୍ତୁ ମୁଁ ସମ୍ପୂର୍ଣ୍ଣ ମାନବ ଜାତିକୁ ଏହି ଦୁଃଖାଳୟ ସଂସାର କାରାଗାରରୁ ମୁକ୍ତ କରିବା ପାଇଁ ଚିନ୍ତିତ । ନେତାଜୀ କହିଥିଲେ, ମୁଁ ପୂର୍ବରୁ ଏଭଳି ବିଚାର କେବେ ବି ଶୁଣି ନଥିଲି । ଗୀତାର ଶିକ୍ଷା ମୋତେ କେହି ଏଭଳି ବର୍ଣ୍ଣନା କରି ବୁଝାଇ ନାହାନ୍ତି । ଯାହାହେଉ, ମୁଁ ଏବେ ସ୍ୱାଧୀନତା ସଂଗ୍ରାମରେ ଏତେ ଆଗେଇ ଯାଇଛି ଯେ ଏବେ ଆଉ ପଛକୁ ଫେରିବା ମୋ ପକ୍ଷରେ ସମ୍ଭବ ହେବନାହିଁ । ଏତିକି କହି ଶ୍ରୀଲ ପ୍ରଭୁପାଦଙ୍କୁ ପ୍ରଣାମ ଜଣାଇ ସେଠାରୁ ବିଦାୟ ନେଇଥିଲେ ନେତାଜୀ ।



୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ,
ଜାମସେଦପୁର,
ମୋ : ୯୨୦୪୬୫୨୦୬୫

## ଧାରାବାହିକ:

ଭାଗ-୩୮

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

**୧୫ଶ ଅଧ୍ୟାୟ**

**॥ ଗୃହସ୍ଥଙ୍କ ନିମନ୍ତେ ମୋକ୍ଷ ଧର୍ମର ବର୍ଣ୍ଣନା ॥**

ଶ୍ରୀନାରଦ କହିଲେ, ହେ ରାଜନ ପିତୃଶ୍ରାଦ୍ଧ ସମୟରେ ଯଦି କେହି ଜ୍ଞାନୀ ପୁରୁଷଙ୍କର ଆବିର୍ଭାବ ହୁଏ ତାଙ୍କୁ ଦାନ, ଭୋଜନ ପ୍ରଦାନ କଲେ ଅଶେଷ ପୁଣ୍ୟହୁଏ । ଦେବକାର୍ଯ୍ୟରେ ଦୁଇଗଣ, ପିତୃକାର୍ଯ୍ୟରେ ଜଣେ ବ୍ରାହ୍ମଣଙ୍କୁ ଭୋଜନ କରାଇବା ଉଚିତ । ଶ୍ରାଦ୍ଧରେ ବନ୍ୟଜାତ ନୀବାରଧାନ୍ୟର ଅନ୍ନରେ ଭୋଜନ ଅର୍ପଣ କଲେ ଉତ୍ତମ ଫଳ ମିଳିଥାଏ । ଆମିଷ ସମ୍ପୂର୍ଣ୍ଣ ନିଷେଧ । ଦେବ, ଋଷି, ପିତୃଗଣ, ତିର୍ଯ୍ୟକ ପ୍ରାଣୀ, ସ୍ୱଂୟଂ ଓ ସ୍ୱଜନାଦି ଉଦ୍ଦେଶ୍ୟରେ ଯଥା ସମ୍ଭବ ଅନ୍ନ ବିଭାଗ କରିଦେବ ଏବଂ ସମସ୍ତଙ୍କୁ ନାରାୟଣ ସ୍ୱରୂପ ମନେ କରିବ । ବାକ୍ୟ, ମନ ଓ କର୍ମରେ ଜୀବହିଂସା ପରିହାର କରିବ । କ୍ଷୁଧା, ତୃଷ୍ଣା ଲାଗିଲେ ମନୁଷ୍ୟର କାମନା-ବାସନା ପ୍ରଶମିତ ହୁଏ, ସେହିପରି ହିଂସାଚରଣ କରିପାରିଲେ ମନୁଷ୍ୟର କ୍ରୋଧ ଶାନ୍ତ ହୁଏ, ମାତ୍ର ଦଶଦିଗ ଜୟକରି, ସମସ୍ତ ଭୋଗ କରିସାରି ମଧ ଲୋଭକୁ ଦମନ କରି ହୁଏନାହିଁ । ଲୋଭ, ଅସନ୍ତୋଷ ଅତ୍ୟନ୍ତ ବଳବାନ ରିପୁ । ଅସନ୍ତୋଷ ରହିଲେ ସାଧୁଙ୍କର ମଧ ପତନ ହୋଇଥାଏ । ସନ୍ତୋଷ ଓ ସଂକଳ୍ପ ଶୂନ୍ୟତା ଦ୍ୱାରା କାମକୁ ଜୟ କରିହୁଏ । କାମର କ୍ଷୟରେ କ୍ରୋଧର ମଧ କ୍ଷୟ ହୁଏ । ଅର୍ଥକୁ ଅନର୍ଥ ମନେକଲେ ଲୋଭ କ୍ଷୟ ହୁଏ । ତତ୍ତ୍ୱ ଜ୍ଞାନ ଦ୍ୱାରା ଭୟକୁ ଜୟ କରାଯାଏ । ଜ୍ଞାନାର୍ଜନ ଦ୍ୱାରା ମୋହ, ଶୋକର ବିନାଶ ହୁଏ । ସାତ୍ତ୍ୱିକ ଜନସେବା ଓ ମହତ୍ ଉପାସନା ଦ୍ୱାରା ଗର୍ବ, ଦମ୍ଭ, ଅଭିମାନକୁ ଦମନ କରିହୁଏ । ମୌନବ୍ରତ ଦ୍ୱାରା ଯୋଗ ବିଘ୍ନକାରୀ ଭାବସମୂହ ଦମନ କରିହୁଏ । ହିଂସାର ବିନାଶରେ ଆଧିଭୌତିକ ଦୁଃଖର ବିନାଶ ହୁଏ । ସର୍ବଜୀବର ଦୟା ଦ୍ୱାରା ଭୟ ଲୋପ ହୁଏ, ସମାଧି ଦ୍ୱାରା ତ୍ରିତାପ ନାଶହୁଏ । ସଂଯମ ଦ୍ୱାରା ବ୍ୟାଧିକୁ, ସାତ୍ତ୍ୱିକ ଆହାର ଦ୍ୱାରା ନିଦ୍ରାକୁ, ସତ୍ତ୍ୱଗୁଣ ଦ୍ୱାରା ରଜଃ ଓ ତମୋଗୁଣକୁ, ଉପଶମ ବା ଔଦାସୀନ୍ୟ ଦ୍ୱାରା ସତ୍ତ୍ୱଗୁଣକୁ ଏବଂ ଗୁରୁଭକ୍ତି ଦ୍ୱାରା ସର୍ବ ଦୁଃଖକୁ ଅକ୍ଲେଶରେ ଜୟକରି ହୁଏ ।ସଦଗୁରୁଙ୍କ ଶରୀରରେ ଈଶ୍ୱର ବାସ କରନ୍ତି । ଯିଏ ତାଙ୍କ ଚରଣରେ ଐକାନ୍ତିକ ଭକ୍ତି ଅର୍ପଣ କରେ ସେ ଷଡରିପୁ ଜିଣି ସର୍ବନିୟମ ଓ ସର୍ବଶାସ୍ତ୍ରର ପାରଦର୍ଶୀ ହୁଏ । ଶ୍ରୀହରି ଭଜନ ବ୍ୟତୀତ ଯଜ୍ଞକର୍ମ, କୂପବାମ୍ପି ବା ତଡାଗ ଖନନ ଆଦି ସତକର୍ମ ନିଷ୍ଫଳ ହୁଏ । ଚିତ୍ତ ବିଜୟ ଓ ଶ୍ରୀହରି ଭଜନ ଉଭୟ କାର୍ଯ୍ୟ ଓ କାରଣ । ଚିତ୍ତ ବିଜୟକାମୀ ବ୍ୟକ୍ତି, ସଙ୍ଗତ୍ୟାଗୀ, ଅପ୍ରତିଗ୍ରହୀ, ନିର୍ଜନବାସୀ ଏବଂ ଭିକ୍ଷାନ୍ନ ଦ୍ୱାରା ଅଳ୍ପାହାରୀ ହେବା ଉଚିତ । ଶୁଚିମନ୍ତ ହୋଇ ସମତଳ ସ୍ଥାନରେ ସୁଖାସନରେ ବସି ଓଁକାର ଉଚ୍ଚାରଣ ପୂର୍ବକ ପୂରକ, କୁମ୍ଭକ ଓ ରେଚକ କରିବେ ଓ ନିଜର ମନ, କାମ୍ୟ ବିଷୟ ସମ୍ପୂର୍ଣ୍ଣ ପରିତ୍ୟାଗ କରିବା ପର୍ଯ୍ୟନ୍ତ ନାସାଗ୍ରରେ ଦୃଷ୍ଟି ନିବଦ୍ଧ କରିବେ । ଏହିପରି ଅଳ୍ପଅଳ୍ପ ସାଧନା କରି କାଷ୍ଠବିହୀନ ଅଗ୍ନି ତୁଲ୍ୟ ସକଳ କାମନାଗ୍ନିର ନିର୍ବାପିତ କରି ମୋକ୍ଷମାର୍ଗରେ ଗତି କରିବେ । ଯେଉଁ ବ୍ୟକ୍ତି ସନ୍ୟାସ ନିମିତ୍ତ ଗୃହତ୍ୟାଗ କରି ପରେ ତ୍ରିବର୍ଗ ସାଧନା ନିମିତ୍ତ ପ୍ରତ୍ୟାବର୍ତ୍ତନ କରେ ସେ ଉଦ୍‌ଗାର ଭୋଜନ ପରି ନିର୍ଲ୍ଲଜ ଓ ନିନ୍ଦନୀୟ କର୍ମକରେ । ଯେଉଁମାନେ ଏ ଦେହକୁ ଅନାତ୍ମା, ମରଣଶୀଳ ଓ ବିଷ୍ଠା-କୃମି-ଭସ୍ମ-ସମଷ୍ଟି ବୋଲି ମନେ କରି ପୁଣି କୁକର୍ମରେ ପ୍ରବୃତ୍ତ ହୁଅନ୍ତି ଏବଂ ଶରୀରକୁ ଆତ୍ମା ମନେକରି ତାରିଫ କରନ୍ତି ସେମାନେ ଅତ୍ୟନ୍ତ ମୂଢ ଓ ନିର୍ବୋଧ । ତାଙ୍କର ଜୀବନ ନିଷ୍ଫଳ । ଗୃହସ୍ଥ, ଗୃହକର୍ମ ଛାଡି, ବ୍ରହ୍ମଚାରୀ ବ୍ରତ ତ୍ୟାଗକଲେ, ବାନପ୍ରସ୍ଥୀ, ଲୋକାଳୟରେ ବାସ କଲେ, ସନ୍ୟାସୀ ଇନ୍ଦ୍ରିୟ ସୁଖଲାଳସୀ ହେଲେ ଏମାନଙ୍କୁ ଆଶ୍ରମଭ୍ରଷ୍ଟ ଜାଣି ଉପେକ୍ଷା କରିବ । ହେ ରାଜା, ପଣ୍ଡିତମାନେ ଶରୀରକୁ ରଥ, ଦଶ ଇନ୍ଦ୍ରିୟକୁ ଦଶ ଅଶ୍ୱ, ମନକୁ ଲଗାମ, ପଞ୍ଚ ଇନ୍ଦ୍ରିୟକୁ ପଞ୍ଚମାର୍ଗ, ବୁଦ୍ଧିକୁ ସାରଥୀ, ଚିତ୍ତକୁ ଦେହରୂପୀ ରଥର ବନ୍ଧନୀ, ଦଶ ପ୍ରାଣକୁ( ପ୍ରାଣ, ଅପାନ, ବ୍ୟାନ, ଭାନ, ସମାନ, ନାଗକର୍ମ, କୃକର, ଦେବଦତ୍ତ ଓ ଧନଞ୍ଜୟ) ଦଶଗୋଟି ଅକ୍ଷଦଣ୍ଡ, ଧର୍ମଅଧର୍ମକୁ ରଥଚକ୍ର, ଅହଂକାର ବିଶିଷ୍ଟ ଜୀବକୁ ରଥୀ, ପ୍ରଣବକୁ ଧନୁ, ଜୀବକୁ ଶର, ବ୍ରହ୍ମକୁ ତାର ଲକ୍ଷ୍ୟ ରୂପେ ବର୍ଣ୍ଣନା କରିଛନ୍ତି । କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ହିଂସା, ଦ୍ୱେଷ, ଭୟ, ଶୋକ, ଅପମାନ, ନିଦ୍ରାଦି ତାର ଶତ୍ରୁ । ଯେଉଁ ରଥୀ ରଥକୁ ଆତ୍ମବଶ କରି ଜ୍ଞାନରୂପୀ ଖଡ୍ଗ ଦ୍ୱାରା ଶ୍ରୀହରି ସହାୟତାରେ ଏହି ଶତ୍ରୁମାନଙ୍କୁ ଦମନ କରିପାରେ ସେ ରଥକୁ ବର୍ଜନ କରି ଅଷ୍ଟ ଐଶ୍ୱର୍ଯ୍ୟ ସହ ସ୍ୱର୍ଗଲାଭ କରେ । ନଚେତ ଦୁଷ୍ଟ ଅଶ୍ୱରୂପୀ ଇନ୍ଦ୍ରିୟମାନେ ସେହି ରଥକୁ ପଥଭ୍ରଷ୍ଟ କରି ବିଷୟ ରୂପୀ ଦସ୍ୟୁ କବଳରେ କିମ୍ବା ମୃତ୍ୟୁ ଭୟ ସଂକୁଳ ଅନ୍ଧକାରମୟ ସଂସାର କୂପରେ ନିକ୍ଷେପ କରନ୍ତି । ପ୍ରବୃତ୍ତି ଓ ନିବୃତ୍ତି ଦୁଇମାର୍ଗ, ପ୍ରଥମ ମାର୍ଗରେ ଗଲେ ଜୀବ ପୁନର୍ଜନ୍ମ ଲାଭ କରେ ତ ଦ୍ୱିତୀୟ ମାର୍ଗରେ ଗଲେ ମୁକ୍ତି ଲାଭ କରିଥାଏ । ଯଜ୍ଞକର୍ମ, ଦେବାଳୟ ପ୍ରତିଷ୍ଠା, କୂପ ପୁଷ୍କରଣୀ ଖନନ ଆଦି ପ୍ରବୃତ୍ତି ମାର୍ଗ ମଙ୍ଗଳକର୍ମ ହେଲେ ହେଁ ସମୟେ ସମୟେ ହିଂସାଯୁକ୍ତ ପ୍ରଚୁର ଦ୍ରବ୍ୟ ଓ ଅର୍ଥ ସାପେକ୍ଷ ଏବଂ ଅତିଶୟ ଆସକ୍ତି ଯୁକ୍ତ ହୋଇଥାଏ । ତେଣୁ ପ୍ରବୃତ୍ତିମାର୍ଗୀ ମୃତ୍ୟୁପରେ ପୁନର୍ଜନ୍ମ ଲାଭକରି ଜୀବଲୋକରେ ଭ୍ରମଣ କରୁଥାନ୍ତି । ଏହି ଅବସ୍ଥାକୁ ଦେବତାମାନଙ୍କର ରାତ୍ରି ବୋଲାଯାଏ । ହେ ରାଜା ଏବେ ଦିବସର କଥା ଶୁଣ । ନିବୃତ୍ତି ମାର୍ଗୀ ଜ୍ଞାନ ପ୍ରଦୀପ ଜାଳି ଇନ୍ଦ୍ରିୟମାନଙ୍କୁ ତହିଁରେ ଇନ୍ଧନ କରି ଆତ୍ମ ଦେହରେ ହିଁ ଯଜ୍ଞକରେ ଓ ଫଳ ସ୍ୱରୂପ ମୁକ୍ତିଲାଭ କରେ । ପ୍ରବୃତ୍ତିମାର୍ଗୀ କର୍ମୀମାନଙ୍କ ପରି ସେମାନେ ପୁଣି ସଂସାରକୁ ଫେରନ୍ତି ନାହିଁ । ଅବଶ୍ୟ ତ୍ରିଗୁଣାକାର ବିଷ୍ଣୁମାୟା ଅତୀବ ବଳବାନ । ତାକୁ କେବଳ ବିଷ୍ଣୁ କୃପା ବଳରେ ଛେଦନ କରା ଯାଇପାରେ । ହେ ରାଜା ମୁଁ ନିଜେ ମଧ ବିଷ୍ଣୁମାୟାରେ ଉଦଭ୍ରାନ୍ତ ହୋଇ ଥରେ ଗନ୍ଧର୍ବ ଯୁବତୀମାନଙ୍କ ମେଳରେ ସେମାନଙ୍କ କାନ୍ଧରେ ହସ୍ତଦେଇ ବୀଣା ବାଦନ ପୂର୍ବକ ନୃତ୍ୟ କଲି । ଫଳରେ ବ୍ରହ୍ମ ଅଭିଶାପ ପାଇ ଶୂଦ୍ର ଯୋନିରେ ଦାସୀଗର୍ଭରୁ ଜାତ ହେଲି ମାତ୍ର ପୂର୍ବ ସ୍ୱୀକୃତ ହେତୁ ବିପ୍ରଚରଣ ସେବାକରି ପୁନର୍ବାର ବ୍ରହ୍ମତ୍ୱ ଲାଭ କଲି । ହେ ରାଜା ତୁମେ ମହା ଭାଗ୍ୟବାନ । ଯାହାଙ୍କୁ ମୁନିମାନେ ଯୁଗ ଯୁଗ ଧରି ତପସ୍ୟା କରି ମଧ ପାଆନ୍ତି ନାହିଁ ସେହି ଭଗବାନ ନର ରୂପରେ ତୁମର ଘରେ ଆତଯାତ ହେଉଛନ୍ତି । ସେ ପୁଣି ତୁମର ମାତୁଳନନ୍ଦନ । ଯାହାଙ୍କର ମହିମା ବ୍ରହ୍ମା ଶିବଙ୍କୁ ମଧ ଅଗୋଚର । ତେଣୁ ତୁମ ପକ୍ଷରେ ମୁକ୍ତିଲାଭ ଦୁର୍ଲଭ ନୁହେଁ । ଶ୍ରୀ ଶୁକଦେବ କହିଲେ, ମହାରାଜ ଯୁଧିଷ୍ଠିର ନାରଦଙ୍କ ମୁଖରୁ ଏହା ଶୁଣି ଭ୍ରାତାମାନଙ୍କ ସହିତ ଶ୍ରୀକୃଷ୍ଣ ଚରଣବନ୍ଦନା କଲେ ଏବଂ ନାରଦଙ୍କ ଚରଣରେ ପ୍ରଣିପାତ କଲେ ।

### ଅଷ୍ଟମ ସ୍କନ୍ଧ

**ପ୍ରଥମ ଅଧ୍ୟାୟ**

**॥ ବିଭିନ୍ନ ମନ୍ୱନ୍ତର ବର୍ଣ୍ଣନ ॥**

ରାଜା ପରୀକ୍ଷିତ ଶ୍ରୀ ଶୁକଦେବଙ୍କୁ ମନୁବଂଶରେ ଭଗବାନ ଶ୍ରୀହରିଙ୍କ ସର୍ବଶ୍ରେଷ୍ଠ ଜନ୍ମ ଓ କର୍ମ ପ୍ରସଙ୍ଗ ବର୍ଣ୍ଣନା କରିବାକୁ ନିବେଦନ କରିବାରୁ ଶ୍ରୀ ଶୁକଦେବ କହିଲେ, ହେ ରାଜନ, ମୁଁ ତୁମକୁ ପ୍ରଥମ ସ୍ୱୟମ୍ଭୁବ ମନୁଙ୍କ ପ୍ରସଙ୍ଗରେ ଭଗବାନଙ୍କର ଯଜ୍ଞବରାହ ଓ କପିଳ ରୂପେ ଆବିର୍ଭାବ ବିଷୟ କହିସାରିଛି । ଏବେ ଯଜ୍ଞରୂପୀ ଭଗବାନଙ୍କ ପ୍ରସଙ୍ଗ ବର୍ଣ୍ଣନା କରୁଛି । ଶତରୂପାଙ୍କର ସ୍ୱାମୀ ସ୍ୱୟମ୍ଭୁବ ମନୁ ଭୋଗରେ ଅନାସକ୍ତ ହୋଇ ରାଜ୍ୟ ପରିତ୍ୟାଗ ପୂର୍ବକ ତପଶ୍ଚରଣ ନିମିତ୍ତ ଭାର୍ଯ୍ୟା ସହ ବନରେ ପ୍ରବେଶ କରି ସୁନନ୍ଦା ନଦୀ ତୀରରେ ଶତବର୍ଷ ପର୍ଯ୍ୟନ୍ତ ଏକପାଦରେ ଠିଆହୋଇ କଠୋର ତପସ୍ୟା କଲେ । ସେ ସ୍ଥିର ଚିତ୍ତରେ ବିଚାର କଲେ ବ୍ରହ୍ମା ମଧ ଭଗବାନଙ୍କ ଅନ୍ତ ଜାଣିପାରନ୍ତି ନାହିଁ ବୋଲି ତାଙ୍କର ନାମ ଅନନ୍ତ । ତାଙ୍କୁ କେହି ନଜାଣିଲେ ମଧ ସେ ସମସ୍ତଙ୍କୁ ଜାଣନ୍ତି । ମେଘରେ ଜଳପରି ସେ ସର୍ବମୟ, ସର୍ବତ୍ର ସବୁ ଭୂତର ତାଙ୍କର ବାସ । ସେ ମାୟାରେ ବିଶ୍ୱ ନିର୍ମାଣ କଲେ ହେଁ ନିଷ୍କ୍ରିୟ ରହୁଥିବାରୁ ମୁନିମାନେ ପ୍ରଥମେ ନିଷ୍କ୍ରିୟତା ପ୍ରାପ୍ତି ପାଇଁ ଚେଷ୍ଟା କରନ୍ତି ଏବଂ ପରେ ନିଷ୍କ୍ରିୟ ହୋଇଯାଆନ୍ତି । ସେମାନେ କେବେ କର୍ମରେ ଆସକ୍ତ ହୁଅନ୍ତି ନାହିଁ । ଏହି ଭଗବାନଙ୍କୁ ଧ୍ୟାନ କରୁଥିବା ମୁନିମାନଙ୍କୁ ଅସୁରମାନେ ଖାଇ ଦେଉଥିବାରୁ ଭଗବାନ ଯଜ୍ଞପୁରୁଷ ରୂପଧରି ସେମାନଙ୍କୁ ସଂହାର କଲେ । ଅଗ୍ନିଙ୍କ ପୁତ୍ର ସ୍ୱାରୋଚିଷ ୨ୟ ମନୁ, ପ୍ରିୟବ୍ରତଙ୍କ ପୁତ୍ର ଉତ୍ତମ ୩ୟ ମନୁ ଏବଂ ଉତ୍ତମଙ୍କ ଭ୍ରାତା ତାମସ ୪ର୍ଥ ମନୁହୋଇ ସୃଷ୍ଟି ରଚନା କଲେ । ଏହି ମନ୍ୱନ୍ତରରେ ଭଗବାନ ବିଷ୍ଣୁ, ହରିବେଦଶଙ୍କ ଔରଷରେ ହରିଣୀ ଗର୍ଭରେ ଜନ୍ମ ଗ୍ରହଣ କରି 'ହରି' ନାମରେ ବିଖ୍ୟାତ ହୋଇଥିଲେ । ସେ କୁମ୍ଭୀର ମୁଖରୁ ଗଜେନ୍ଦ୍ରକୁ ରକ୍ଷା କରିଥିଲେ । ପରୀକ୍ଷିତଙ୍କର ଅନୁରୋଧରେ ଶ୍ରୀ ଶୁକଦେବ ଭଗବାନଙ୍କ ଗଜୋଦ୍ଧାରଣ ପ୍ରସଙ୍ଗ ବର୍ଣ୍ଣନା କରିଥିଲେ ।

**୨ୟ ଅଧ୍ୟାୟ**

**॥ କୁମ୍ଭୀର କବଳରେ ପଡି ଗଜେନ୍ଦ୍ରର ଦୁଃଖ ॥**

ଶ୍ରୀ ଶୁକଦେବ କହିଲେ, କ୍ଷୀର ସମୁଦ୍ର ପରିବେଷ୍ଟିତ ତ୍ରିକୂଟ ନାମରେ ଏକ ପର୍ବତ ଅଛି । ସମସ୍ତ ପ୍ରକାର ଫଳ ପୁଷ୍ପରେ ଭର୍ତ୍ତି ସେହି ପର୍ବତରେ ବରୁଣଙ୍କ ଏକ ସୁନ୍ଦର ଉଦ୍ୟାନ ସହ ଏକ ବିପୁଳାୟନ ସୁନ୍ଦର, ଶୁଦ୍ଧ,ସ୍ୱଚ୍ଛ ଏବଂ ସ୍ଫଟିକ ଜଳରାଶିରେ ସୁବର୍ଣ୍ଣ ପଦ୍ମ, କୁମୁଦ, ଉତ୍ପଳ, କହ୍ଲାର ପ୍ରଭୃତି ପରିସ୍ଫୁଟିତ ସରୋବରଟିଏ ଅଛି । ସେଥିରେ ହଂସ, କାରଣ୍ଡବ, ଚକ୍ରବାକ, ସାରସ ପ୍ରଭୃତି ପକ୍ଷୀଗଣ ଓ ମତ୍ସ୍ୟ କଚ୍ଛପାଦି କ୍ରୀଡା କରନ୍ତି । ଥରେ ସେହି ପର୍ବତରେ ଥିବା ହସ୍ତୀରାଜ ଗ୍ରୀଷ୍ମତାପରେ ସନ୍ତପ୍ତ ହୋଇ ସରୋବରରେ ପ୍ରବେଶ କଲା । ସେଠାରେ କାଳ ପ୍ରେରିତ ଏକ ବିଶାଳ କୁମ୍ଭୀର ସେହି ଗଜର ଚରଣକୁ ଦୃଢଭାବରେ ଧରିବାରୁ ଗଜ ଆଉ ଚଳି ପାରିଲା ନାହିଁ । ଅନ୍ୟ ସାଥୀମାନେ ସେହି ବନ୍ଧନରୁ ମୁକ୍ତ କରିବାକୁ ଯାଇ ବିଫଳ ହେଲେ । କୁମ୍ଭୀର କ୍ରମେ ଗଜକୁ ଗଭୀର ଜଳରାଶି ମଧ୍ୟକୁ ଟାଣି ନେବାରେ ସମର୍ଥ ହେଲା । ଏହି ଟଣାଟଣି ପ୍ରାୟ ଏକ ସହସ୍ର ବର୍ଷ ପର୍ଯ୍ୟନ୍ତ ଚାଲିବାପରେ ଗଜର ଶକ୍ତି କ୍ଷୀଣ ହେବାକୁ ଲାଗିଲା ଏବଂ ସେ କ୍ଲାନ୍ତ ଓ ଦୁର୍ବଳ ହୋଇ ପଡିଲା । ତାର ପ୍ରାଣ ଯିବା ସମୟରେ ହଠାତ ଜ୍ଞାନର ସ୍ଫୂରଣ ହେଲା ଓ ସେ ନିରାଶ୍ରୟର ଆଶ୍ରୟ, ଅରକ୍ଷର ରକ୍ଷକ ସର୍ବଶକ୍ତିମାନ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲା ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରଙ୍ଗ

# ଆମେ ଭ୍ରମକୁ ଭଲପାଉ କାହିଁକି ?



ଶ୍ୱେତା ରାଉତ୍

କଳିଯୁଗରେ ଆମେ ସମସ୍ତେ ମାୟା ଦ୍ୱାରା ବଶୀଭୂତ। ଯେମିତି ପତଙ୍ଗ ଜାଣିଥାଏ ନିଆଁରେ ଡେଇଁଲେ ତାର ଜୀବନ ଚାଲିଯିବ, ତଥାପି ସେ ନିଆଁକୁ ଡେଇଁଥାଏ, ସେମିତି ମଣିଷ ଜାଣିଥାଏ ସେ ମାୟା ଦ୍ୱାରା ବଶୀଭୂତ ତଥାପି ମୋହରେ ବ୍ୟାକୁଳ ହୁଏ, କ୍ରୋଧରେ ଜର୍ଜରିତ ହୁଏ,ଆକାଂକ୍ଷାରେ ଛଟପଟ ହୁଏ, ମାୟାକୁ ହିଁ ବାସ୍ତବ ମନେକରି ଅହଙ୍କାର ସର୍ବସ୍ୱ ହୋଇ ଯୋଗମାୟାଙ୍କ ଦୈବୀ ଶକ୍ତିର ନିରାଦାର କରେ। ଏହା ହିଁ କଳି ଯୁଗରେ କଳିର ପ୍ରଭାବ ଯେ ଆମେ ଭ୍ରମକୁ ହିଁ ଭଲପାଉ ଓ ବାସ୍ତବତାକୁ ଅସ୍ୱୀକାର କରୁ। ଯିଏ ଚତୁର ମିଛ କହି ପ୍ରଶଂସାରେ ଆପାୟିତ କରେ ଆମେ ତାକୁ ମିତ୍ର ଭାବି ନିଜର କରିନେଉ ଆଉ ଯିଏ ସତ କହି ଆମକୁ ବାସ୍ତବତା ସହିତ ପରିଚିତ କରାଏ, ଆମେ ତାକୁ ଶତ୍ରୁ ଭାବିନେଉ। ଆମ ଭିତରେ ଚେତନା ଶକ୍ତିର ଅଭାବ ଭ୍ରମକୁ ଭଲପାଇବାକୁ ଆକର୍ଷିତ କରାଏ ଏବଂ ପତନ ଆଡ଼କୁ ଟାଣିନିଏ।

ଏ ସଂସାରରେ ଯାହା ଆଖି ଦେଖୁଛି ସବୁ ଭ୍ରମ,ମାୟା, ଯାହାର ଅନ୍ତ ସୁନିଶ୍ଚିତ ବା ସବୁ ଭସ୍ମ ହୋଇଯାଏ କିନ୍ତୁ ଯାହା ମନ ଦେଖେ, ହୃଦୟଙ୍ଗମ କରେ, ଯାହା ଅନୁଭୂତ ହୁଏ କିନ୍ତୁ ସ୍ଥୁଳ ଚକ୍ଷୁରେ ଦେଖାଯାଏ ନାହିଁ, ତାହାହିଁ ପରମ ସତ୍ୟ। ଆମେ ଶରୀରକୁ ଦେଖି ପାରୁ, ଗଛ ଲତା, ଘର ଦ୍ୱାର, ଧନ ସମ୍ପତ୍ତି, ଆସବାବ, ଖାଦ୍ୟପେୟ, ବସ୍ତ୍ର ଉପହାର, ଗାଡ଼ି ବଙ୍ଗଳା ସବୁକୁ ଆମ ଆଖି ଦେଖିପାରେ, ଓ ଏଥିରୁ ସେ ଖୁସି ହୁଏ, ଆନନ୍ଦ ପାଏ, ଉପଭୋଗ କରେ, ପରିଚୟ ପାଏ, କ୍ଷମତା ହାସଲ କରେ, ସମ୍ପର୍କ ସ୍ଥାପନ କରେ, ଜୀବନକୁ ଉପଭୋଗ କରେ ଅଥଚ ଏସବୁକୁ ସାଙ୍ଗରେ ନେଇ ଯାଇପାରେ ନାହିଁ। ଏଇ ମାଟିରେ ସବୁ ଛାଡ଼ି ଯିବାକୁ ହୁଏ, କାରଣ ଭ୍ରମର ଆୟୁଷ, ମାୟାର ପରାକ୍ରମ କେବଳ ଏଇ ମାଟି ପର୍ଯ୍ୟନ୍ତ ସୀମିତ। ମାଟିରେ ଥିବା ଯାଏ ମଣିଷ ମାୟା ଦ୍ୱାରା ଏମିତି ମୋହଗ୍ରସ୍ତ ହୋଇଥାଏ, ଭ୍ରମକୁ ଭଲପାଇ ବସେ। ଯେମିତି ଜଣେ ଜଣେ ଚଳଚ୍ଚିତ୍ର ପ୍ରେମୀ ପରଦାରେ ଅଭିନୟ ଦେଖି ଏମିତି ହଜି ଯାଆନ୍ତି, ଆପେ ଆପେ ତାଙ୍କ ଓଠରେ କେତେବେଳେ ହସ ଆସିଯାଏ ତ କେତେବେଳେ ଦୁଃଖ ଅଭିନୟ ଦେଖି ଆଖିରେ ଲୁହ ଆସିଯାଏ। କିଛି ଦୃଶ୍ୟକୁ ନିଜ ଭିତରେ ଅନୁଭବ କରି କେବେ ପ୍ରେମୀ ତ କେବେ ପାଗଳ ପ୍ରାୟ ହୋଇ ଉଠନ୍ତି। ଚଳଚ୍ଚିତ୍ର ସରିଯାଏ, ଘରକୁ ଫେରିବା ବେଳେ ପରଦାର ମାୟା ଉତୁରି ଯାଏ ଓ ସ୍ୱାଭାବିକ ଭାବେ ବ୍ୟକ୍ତି ନିଜ ଦୈନନ୍ଦିନ ଜୀବନକୁ ଫେରି କାର୍ଯ୍ୟରେ ଲାଗିପଡ଼େ। ଠିକ୍ ସେମିତି ଏ ଜୀବନ ଚଳଚ୍ଚିତ୍ରରେ ଅଭିନୟ କଲାବେଳେ ଆମେ ବି ମାୟାଗ୍ରସ୍ତ ହୋଇ ଅଭିନୟକୁ ବାସ୍ତବ ମନେ କରି କେବେ ପ୍ରେମ କେବେ ଘୃଣା, କେବେ ଭୟ କେବେ କ୍ରୋଧ ନାନାଦି ପ୍ରକାର ଆଚରଣ କରୁ। ଭୁଲିଯାଉ ଯେ ମଞ୍ଚ ଉପରେ ଅଭିନୟ କରୁଥିବା ଖଳନାୟକ ଚରିତ୍ରଟି ମଞ୍ଚ ତଳେ ଜଣେ ସୁନ୍ଦର ବ୍ୟକ୍ତି ହୋଇପାରେ। ଆମର ଧ୍ୟାନ ରୁହେ ନାହିଁ ବ୍ୟକ୍ତି ନିର୍ଦ୍ଦେଶକ(ଈଶ୍ୱର)ଙ୍କ ନିର୍ଦ୍ଦେଶନାରେ କେବଳ ଅଭିନୟ କରୁଛି ମାତ୍ର।

ଦୁନିଆରେ ସବୁ କିଛି ଆଗେଇଛି, ମଣିଷ ଚନ୍ଦ୍ରରେ ପାଦ ରଖି ପାରୁଛି ଅଥଚ ବିଚାର ଆଗେଇ ପାରୁନି, ବୁଦ୍ଧି କାମ କରୁନି, ମନ ବୋଲ ମାନୁନି, ମସ୍ତିଷ୍କ ନିୟନ୍ତ୍ରଣରେ ରହୁନି। ଯାହାଫଳରେ ଆମେ ମାୟାର ଖେଳ ବୁଝି ପାରୁନେ, ସତ୍ୟକୁ ସ୍ୱୀକାର କରି ପାରୁନେ। ଯାହା ଏ ସଂସାରରେ ଦେଖା ଯାଉଛି ସବୁ ମିଛ, ଯାହା ଦେଖା ଯାଉନାହିଁ ତାହା ହିଁ ସତ୍ୟ। ଶରୀର ଦିଶୁଛି ବୋଲି ଆମେ ଶରୀର ପାଇଁ ସୌନ୍ଦର୍ଯ୍ୟ, ଖାଦ୍ୟ, ପୋଷାକ, ପ୍ରସାଧନ, ଆରାମ ପାଇଁ ଆସବାବ (ଯାହା ସବୁ ଦିନେ ଭସ୍ମ ହୋଇଯିବ) ସବୁ ପ୍ରତି ଧ୍ୟାନ ଦେଉଛେ କିନ୍ତୁ ଶରୀରକୁ ଚଳାଉଥିବା ନିଶ୍ୱାସ ଟିକକ ଦେଖା ଯାଉନାହିଁ, ବିଚାର ଦେଖାଯାଉ ନାହିଁ, ବୁଦ୍ଧି, ବିବେକ ଦେଖାଯାଉ ନାହିଁ, ତେଣୁ ତା ପ୍ରତି ଆମେ ଯତ୍ନଶୀଳ ହେଉନାହାନ୍ତି। ଯାହା ଆମର କର୍ମ ଓ ପ୍ରାରବ୍ଧ ହୋଇ ଜନ୍ମ ଜନ୍ମାନ୍ତର ଯାଏ ସାଙ୍ଗରେ ଯିବ, ତା ପ୍ରତି ଆମର ଧ୍ୟାନ ହିଁ ନାହିଁ, ଯେଉଁଥିପାଇଁ ଅସତ୍ ମାର୍ଗରେ ମାୟା ଆମକୁ ଟାଣି ନେଉଛି। ପ୍ରତ୍ୟେକ ବ୍ୟକ୍ତି ଥରେ ଏ ମାୟାର ଖେଳ ବୁଝନ୍ତୁ, ଦେଖିବେ ଜୀବନର ଶାଶ୍ୱତ ଅର୍ଥକୁ ଉପଲବ୍ଧି କରିପାରିବେ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଏହି ୩ଟି ଅଙ୍ଗରେ ଯନ୍ତ୍ରଣା ହେଉଛି ଖରାପ କୋଲେଷ୍ଟ୍ରଲର ଲକ୍ଷଣ: ଆଗରୁ ହୁଅ ସାବଧାନ





ହାଇ କୋଲେଷ୍ଟ୍ରଲ ସର୍ବଦା ଆମ ସ୍ୱାସ୍ଥ୍ୟର ଶତ୍ରୁ ଭାବରେ ବିବେଚନା କରାଯାଏ କାରଣ ଏହା ଅନେକ ରୋଗର ମୂଳ। ଏହା ଉଚ୍ଚ ରକ୍ତଚାପ, ମଧୁମେହ, ହୃଦଘାତ, କରୋନାରୀ ଧମନୀ ରୋଗ ଏବଂ ଟ୍ରିପଲ୍ ଭେସଲ ରୋଗର ବିପଦ ସୃଷ୍ଟି କରିଥାଏ, ଅତି ଖରାପ ଅବସ୍ଥାରେ, ଯେକୌଣସି ମଣିଷର ମୃତ୍ୟୁ ମଧ ହୋଇପାରେ।

ହେଲେ ଏହାର ମାନେ ଏହା ନୁହେଁ ଯେ ପ୍ରତ୍ୟେକ କୋଲେଷ୍ଟ୍ରଲ ଖରାପ, ଭଲ କୋଲେଷ୍ଟ୍ରଲ ସାହାଯ୍ୟରେ ଆପଣଙ୍କ ଶରୀରରେ ସୁସ୍ଥ କୋଷ ଗଠନ ହୁଏ, ଯେତେବେଳେ ଖରାପ କୋଲେଷ୍ଟ୍ରଲ ପରିମାଣ ବଢ଼େ ତେବେ ସତର୍କ ରହିବା ଜରୁରୀ। ଏହି ଅବସ୍ଥାର ଲକ୍ଷଣ ସାଧାରଣତଃ ଦୃଶ୍ୟମାନ ହୁଏ ନାହିଁ, ଏହା ଲିପିଡ ପ୍ରୋଫାଇଲ୍ ପରୀକ୍ଷା ମାଧମରେ ଚିହ୍ନଟ ହୁଏ। ଯଦିଓ, ଶରୀରର କିଛି ଅଙ୍ଗରେ ଯନ୍ତ୍ରଣା ହୁଏ, ତେବେ ନିଶ୍ଚିତ ଭାବରେ ରକ୍ତ ପରୀକ୍ଷା କରିବା ଉଚିତ୍।

**କେତେ ଖରାପ କୋଲେଷ୍ଟ୍ରଲ କ୍ଷତି:**

ଯେତେବେଳେ ରକ୍ତରେ କୋଲେଷ୍ଟ୍ରଲ୍ ସ୍ତର ବଢ଼େ ଧମନୀରେ ଅବରୋଧ ଆରମ୍ଭ ହୁଏ, ଯେଉଁ କାରଣରୁ ହୃଦୟରେ ପହଞ୍ଚିବା ପାଇଁ ରକ୍ତକୁ ବହୁ ପରିଶ୍ରମ କରିବାକୁ ପଡ଼େ, ଏପରି ପରିସ୍ଥିତିରେ ହୃଦଘାତର ଆଶଙ୍କା ବଢ଼ିଯାଏ। ତେଣୁ, ଏହା ବୃଦ୍ଧି ହେବା ପୂର୍ବରୁ ଏହାକୁ ବନ୍ଦ କରିବା ଉଚିତ୍।

ଏହି ୩ଟି ଅଙ୍ଗରେ ଯନ୍ତ୍ରଣା ହେଉଛି ଖରାପ **କୋଲେଷ୍ଟ୍ରଲର ଲକ୍ଷଣ:**

ଯେତେବେଳେ ରକ୍ତରେ ଖରାପ କୋଲେଷ୍ଟ୍ରଲ୍ ସ୍ତର ବଢ଼େ, ସେତେବେଳେ ତୁମର ଜଙ୍ଘ, ପିଠି ଓ ମାଂସପେଶୀରେ ତୀବ୍ର ଯନ୍ତ୍ରଣା ହୁଏ, ଯାହା ଦ୍ୱାରା କଷ୍ଟ ହୁଏ। ଧମନୀରେ ଅବରୋଧ ହେତୁ ରକ୍ତ କେବଳ ହୃଦୟକୁ ନୁହେଁ ବରଂ ଶରୀରର ଅନ୍ୟ ସ୍ଥାନକୁ ମଧ ଯିବାରେ ଅସୁବିଧା ହୋଇଥାଏ। ବିଶେଷକରି ଗୋଡରେ ରକ୍ତ ପ୍ରବାହ ସଠିକ୍ ଭାବରେ ହୁଏନାହିଁ, ଏହି କାରଣରୁ ଏହି ଅଙ୍ଗରେ ଅମ୍ଳଜାନର ଅଭାବ ରହିଥାଏ, ଯେଉଁ କାରଣରୁ ଯନ୍ତ୍ରଣା ହୁଏ। ଏହି ସମସ୍ୟାକୁ ପେରିଫେରାଲ୍ ଧମନୀ ରୋଗ କୁହାଯାଏ।

**ତୁରନ୍ତ ରକ୍ତ ପରୀକ୍ଷା କରନ୍ତୁ:**

ଜଙ୍ଘ, ପିଠି ଓ ମାଂସପେଶୀରେ ପ୍ରବଳ ଯନ୍ତ୍ରଣା ହେତୁ ଆପଣଙ୍କୁ ଚାଲିବା, ସାଧାରଣ ଶାରୀରିକ କାର୍ଯ୍ୟକଳାପ ଏବଂ ପାହାଚ ଚଢ଼ିବାରେ ଅସୁବିଧା ହୋଇପାରେ, ତେଣୁ ଏହି ପରିସ୍ଥିତିରେ କୋଲେଷ୍ଟ୍ରଲ ସ୍ତର ଯାଞ୍ଚ କରିବା ପାଇଁ ଆପଣଙ୍କୁ ଲିପିଡ ପ୍ରୋଫାଇଲ୍ ପରୀକ୍ଷା କରିବା ଉଚିତ୍।

# ଧ୍ୱନି ପ୍ରତିଧ୍ୱନି



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଯାତ୍ରା ଏକାଡେମୀ କେବେ ?...

ଯାତ୍ରାକୁ ମନୋରଞ୍ଜନର ବଡ଼ ପ୍ରଭାବୀ ମାଧ୍ୟମ କୁହାଯାଉଥିବା ବେଳେ ମୁଁ ଏହାକୁ ଏକ ଗଣମାଧ୍ୟମ ବୋଲି ବିଚାର କରେ। ଯାତ୍ରା ଜରିଆରେ ସମାଜକୁ ଅନେକ ବାର୍ତ୍ତା ବା ଖବର ଦେଇହୁଏ। ଅନେକ ସଂସ୍କାରର କଥା କହି ସମାଜ ପରିବର୍ତ୍ତନ କରାଯାଇପାରେ। ଆରମ୍ଭରୁ ରାମାୟଣ ଓ ମହାଭାରତର କାହାଣୀକୁ ଲୋକମାନଙ୍କ ପାଖରେ ପହଞ୍ଚାଇ ସାହିତ୍ୟ, ସଂସ୍କୃତି, ଲୋକକଥା, ଚଳଣି ଏବଂ ତା'ର ନିର୍ଯାସ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇ ପାରୁଥିବା ଯାତ୍ରା ପରବର୍ତ୍ତୀ ସମୟରେ କାଳ୍ପନିକ କାହାଣୀ, ଲୋକକଥା, ଇତିହାସର ଘଟଣାବଳୀକୁ ନେଇ ଏମିତି ବାର୍ତ୍ତାବହୁଳ ନାଟକ ଓ ନୀତି ଆଦର୍ଶ ଥିବା କାହାଣୀ ସାଧାରଣ ଦର୍ଶକ ସାମ୍ନାକୁ ଆଣୁଥିଲା ଯେ- ଓଡ଼ିଶାର କଳା ସଂସ୍କୃତିପ୍ରେମୀ ଯାତ୍ରା ମୋହରେ ପାଗଳ ଥିଲେ। ପରବର୍ତ୍ତୀ କାଳରେ ଗାନ୍ଧୀବାଦର ଆଦର୍ଶ- ସ୍ୱାଧୀନତା ସଂଗ୍ରାମର ଧାରା ପରିବାରିକ ଜୀବନ, ଭାଇ-ଭାଇର ସମ୍ପର୍କ, ଆଦର୍ଶ ବାପାର କାହାଣୀ, ମାଆର ମମତା, ସାହୁକାରର ନିର୍ଯାତନା ଆଦି ଯାତ୍ରା ମଞ୍ଚକୁ ଆସିଲା। ମଞ୍ଚ ବଦଳିବା ସହିତ ନାଟକର ରୂପରେଖ ବଦଳିଲା। ସାମାଜିକ ନାଟକ ପରିବେଷଣ ଯାତ୍ରାପ୍ରେମୀଙ୍କୁ ବାନ୍ଧି ରଖିଲା ପୂର୍ବପରି। ପୁଣି ନାଟକ ମଝିରେ ବାର୍ତ୍ତାବହୁଳ ହାସ୍ୟରସ ଭରା ଡୁଏଟ ଲୋକମାନଙ୍କୁ ଆହୁରି ବେଶୀ ମନୋରଞ୍ଜନ କରୁଥିଲା ସାମାଜିକ ସଚେତନତା ସହ। ମଞ୍ଚ ସଜା, ଆଲୋକ, ଶବ୍ଦ, ପୋଷାକ, ନାଟକର ଉପସ୍ଥାପନା ବଦଳିଗଲା ସମୟକ୍ରମେ। ଥିଏଟର ଗ୍ରୁପର ପତନ ଏବଂ ଯାତ୍ରାରେ ମିଶ୍ରଣ ଯାତ୍ରାକୁ ଆଉ ଏକ ରୂପ ଦେଲା। ମୁକ୍ତମଞ୍ଚରେ ସଂଯୋଜିତ ହେଲା ସାଇକ୍ଲୋରମା। ପ୍ରବେଶ ପ୍ରସ୍ଥାନର ଅଲଗା ବାଟ ରହିଲା ଏକ ସୁଖି ମଞ୍ଚର ଅନୁକରଣରେ। ଚାରି ପାଖରେ ବସୁଥିବା ଦର୍ଶକ ତିନିପାଖରେ ବସିଲେ। ଯାତ୍ରାର କାହାଣୀରେ ସାଇକ୍ଲୋରମା ମାଧ୍ୟମରେ ଯୋଡ଼ାହେଲା କାହାଣୀ ଅନୁକୂଳ ଦୃଶ୍ୟ। ଦର୍ଶକ ବେଶ ଆଦର କଲେ। ଗାଁର ପର୍ବପର୍ବାଣୀରେ ଲୋଡ଼ା ପଡୁଥିଲା ଯାତ୍ରା। ଚାରିପାଖରେ ପାଲ ଗୁଡ଼େଇ ତମ୍ବୁଘରକୁ ଅସ୍ଥାୟୀ ପ୍ରେକ୍ଷାଳୟ କରାଗଲା ଏବଂ ଦର୍ଶକମାନେ ଟିକେଟକାଟି ଯାତ୍ରା ଦେଖିଲେ। ଯାତ୍ରାକୁ ପ୍ରାରମ୍ଭିକ ପର୍ଯ୍ୟାୟର ନୃତ୍ୟନାଟିକା ଛନ୍ଦରେ ପ୍ରବେଶ କଲା ରେକର୍ଡ ଡ୍ୟାନ୍ସ ଓ ପରେ ମେଲୋଡି। ଏହା ଯାତ୍ରା ପରମ୍ପରାରୁ ନୃତ୍ୟ ନାଟିକାକୁ ହଜେଇ ଦେଇ ନିଜର ଆଧିପତ୍ୟ ବିସ୍ତାର କଲା, ଜନାଦୃତ ବି ହେଲା। ରେକର୍ଡରେ ବାଜୁଥିବା ସୁନ୍ଦର ଗୀତର ତାଳରେ ନାଚିଲେ ଯାତ୍ରାର ନର୍ତ୍ତକୀମାନେ। ଯେତେ ସମ୍ଭବ ଆକର୍ଷଣୀୟ କରିବାକୁ ଝିଅମାନେ ସଂକ୍ଷିପ୍ତ ପୋଷାକ ପିନ୍ଧି ଦର୍ଶକଙ୍କ ଆଗକୁ ଆସିବାକୁ ପ୍ରତିଯୋଗିତା କଲେ। ଦର୍ଶକ ବଢ଼ିଲେ ସତ, ହେଲେ ଯାତ୍ରାପ୍ରେମୀ ବା ନାଟକପ୍ରେମୀ ନୁହନ୍ତି। ରେକର୍ଡ ଡ୍ୟାନ୍ସ ପ୍ରେମୀ ବଢ଼ିଲେ, ଯେଉଁମାନେ ରେକର୍ଡଡ୍ୟାନ୍ସ ପରେ ଟେଣ୍ଟ ଛାଡ଼ିଲେ। ରେକର୍ଡ ଡ୍ୟାନ୍ସ ଅତିବାସ୍ତବତା ଓ ଆକର୍ଷଣୀୟକୁ ଛୁଇଁବାକୁ ଯାଇ 'ଟିପିଟିପି ବର୍ଷା ପାଣି...'ପରି ହିନ୍ଦୀ ଗୀତରେ ରାତି ଅଧିରେ ଅତି ପତଳା ଶାଢ଼ି ପିନ୍ଧେଇ ମଞ୍ଚରେ ଓଦାକଲା ନର୍ତ୍ତକୀମାନଙ୍କୁ। ଆଉ ଟିକେ ଆଗକୁ ଯାଇ ସର୍କସ ପରୀ ମଞ୍ଚଉପରୁ ତଳକୁ ଡେଇଁବା, ଦଉଡ଼ିରେ ଝୁଲିବା, ନିଆଁର ରିଂ ଭିତରୁ ବାହାରିବା ପରି ଭୟଙ୍କର ଦୃଶ୍ୟକୁ ଯୋଡ଼ିଲେ ରେକର୍ଡ ଡ୍ୟାନ୍ସରେ। ଅଶ୍ଳୀଳତାର ପଡ଼ୋଶୀ ବନିଗଲା ଯାତ୍ରା। ହାସ୍ୟ ଅଭିନେତାଙ୍କର ଦ୍ୱିଅର୍ଥବୋଧକ ସଂଳାପ ଓ ଦୃଶ୍ୟ ବି ନାଟକ ଭିତରେ କାୟାବିସ୍ତାର କଲା। ଏହି ସମୟ ଭିତରେ ସଂସ୍କୃତିପ୍ରେମୀ ମାଲିକଙ୍କ ଅନୁଷ୍ଠାନକୁ ବନ୍ଦ କରି ଯାତ୍ରା ପ୍ରଯୋଜନାରୁ ଓହରିବା ଆରମ୍ଭ କରି ସାରିଥିଲେ ଏବଂ ପଇସା ଥିବା ଶିଳ୍ପପତି- ବ୍ୟବସାୟୀ- ରାଜନେତାମାନେ ଯାତ୍ରାର ପ୍ରଯୋଜନାରେ ପାଦଥାପି ସାରିଥିଲେ। ଦେଢ଼ଶହ ବର୍ଷର ପରମ୍ପରା କୁଆଡ଼େ ଯାଉଥିଲା, ସେ ସବୁକୁ କାହାର ନଜର ନଥିଲା। କେବଳ ନଜର ଥିଲା କାହା ଟେଣ୍ଟରେ କେତେ ଦର୍ଶକ। ଲାଇଟ୍, ସାଉଣ୍ଡ, ଗେଟ୍ ବଦଳିଗଲା। ସାଇକ୍ଲୋରମା ସ୍ଥାନ ନେଲା ଆଠଫୁଟରୁ ଷୋଳଫୁଟ ଏଲ୍ଇଡି ୱାଲ୍। ଡଲ୍‌ବି ସାଉଣ୍ଡରେ ଛାତି ଫାଟିଗଲା। ସାର୍ପିଂ ଆଉ ଲେଜର ଲାଇଟ୍‌ରେ ଜଳକା ହେଲେ ଦର୍ଶକ, ଅଣନିଃଶ୍ୱାସୀ ହେଲେ କଳାକାର। ଏବେ ଦର୍ଶକ ଖୋଜିଲେ କାହା ଲାଇଟ୍, ସାଉଣ୍ଡ, ରେକର୍ଡ ଡ୍ୟାନ୍ସ ଆଉ ଗେଟ୍ ଭଲ। କେହି ଆଉ ଭଲ ନାଟକ କଥା ପଚାରିଲେନି। ଭଲ ନାଟକକୁ ନେଇ ଆଉ ପାର୍ଟିର ପରିଚୟ ରହିଲାନି। ମାଲିକଠୁ କଳାକାର କେହି ଭଲ ନାଟକକୁ ଗୁରୁତ୍ୱ ଦେଲେନି। ତା'ପରେ ଆରମ୍ଭ ହେଲା ସିନେମା ସିରିୟଲ କଳାକାରଙ୍କ ପ୍ରବେଶ। ସେମାନେ କ'ଣ କଲେ- କେତେଥର ବାହାରିଲେ, ଲଭ ସିନ୍-ରେପ୍‌ସିନ୍- ମାଡ଼ପିଟା ସିନ୍ କେତେ କଲେ ଆଉ କେମିତି କଲେ। ଦର୍ଶକଠୁ ମାଲିକ ପରିଚାଳକ ସେମାନଙ୍କ ବିନା ଯାତ୍ରା ପାର୍ଟି ଚଳେଇବାକୁ ସାହସ କଲେନି। ହାଟରେ ଛଅଟି ବଳଦ କିଣିବାକୁ ପଚାଶ ଚାଷୀ, ଛଅ ହଜାର ଟଙ୍କାର ବଳଦ, ଷାଠିଏ ହଜାର ଟଙ୍କାରେ ବିକ୍ରିହେଲା ପରି କଥା ହେଲା। ମାତ୍ର ୬ଜଣ ଚାଷୀ ଚାଷବାସ ଭଲ କଲେ, ଅନ୍ୟମାନଙ୍କ ଜମି ପଡ଼ିଆ ପଡ଼ିଲା। ସେହି ରାଗରେ ଅନ୍ୟ ଚାଷୀମାନେ ନିଜ ଜମିରେ ଷଣ୍ଢ ଆଣି ଛାଡ଼ିଲେ। ଷଣ୍ଢମାନେ ସାରା ଗହିରକୁ ରାତାରାତି ନଷ୍ଟ କରି ଦେଲେ। ସେମିତି ଏକ ପରିସ୍ଥିତି ଏବେ ଯାତ୍ରାରେ, ଯାହା ମଞ୍ଚ ଚାରିପାଖ ପଡ଼ିଆ- ସିଏ ଆମେ ଆଇଟମ୍ ଗାର୍ଲକୁ ନଚେଇଲେ। ଯାତ୍ରା ସମୁଦାୟ ବଦନାମ।




## ଅଦ୍ୱିତୀୟ ସଂଗ୍ରାମୀ ବୀରଃ ସୁରେନ୍ଦ୍ର ସାଏ



### ଡକ୍ଟର ଶରତ ଚନ୍ଦ୍ର ମିଶ୍ର



ବନ୍ଦୀ ଜୀବନକୁ ପ୍ରାୟ କେହି ପସନ୍ଦ କରନ୍ତିନାହିଁ। ମଣିଷ ଚାହେଁ ସ୍ୱାଧୀନ ଜୀବନ ଓ ସ୍ୱଚ୍ଛଳ ବିଚରଣ। ଏଥିରେ ବାଧା ଉପୁଜିଲେ ସେ ବିଦ୍ରୋହ କରି ଉଠେ। ସେ ନିଜର ଅଧିକାର ପାଇଁ, ସ୍ୱାଧୀନତା ପାଇଁ ଓ ସ୍ୱାଭିମାନ ପାଇଁ ଲଢ଼େଇ କରେ। ଶିବାଜୀ, ରାଣାପ୍ରତାପ, ନାନା ସାହେବ, ତାନ୍ତିଆ ଟୋପେ, ରାଣୀ ଝାନସୀ ବାଇ, ସୁଭାଷ ବୋଷ, ପରି ଅନେକ ସ୍ୱାଧୀନତା ସଂଗ୍ରାମୀ ନିଜ ନିଜର ଦେଶପ୍ରୀତି, ତ୍ୟାଗ ଓ ତିତିକ୍ଷାର ମହାସଂଗ୍ରାମଦ୍ୱାରା ଇତିହାସରେ ସ୍ମରଣୀୟ ହୋଇ ଯାଇଛନ୍ତି। ହେଲେ ଅନେକ ନିଜର ତ୍ୟାଗ, ବଳିଦାନ ଓ ଦୁର୍ବାର ସଂଗ୍ରାମ ସତ୍ତ୍ୱେ ଉପଯୁକ୍ତ ସ୍ଥାନ ପାଇପାରିନାହାନ୍ତି; ରାଷ୍ଟ୍ରୀୟ ସମ୍ମାନରୁ ବଂଚିତ। ସେମାନଙ୍କ ମଧ୍ୟରୁ ଅନେକ ଓଡ଼ିଆ ପୁଅ ଯଥା ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ଭ୍ରମରବର ଓ ବୀର ସୁରେନ୍ଦ୍ର ସାଏ ପ୍ରଧାନ।

ଆଜି ସେଇ ଅଦ୍ୱିତୀୟ ବୀର ସୁରେନ୍ଦ୍ର ସାଏ ତଥା ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମତିଥି। ସେଦନ ବି ଥିଲା ଜାନୁଆରୀ ମାସର ୨୩ ତାରିଖ ସୋମବାର ୧୮୦୯ ମସିହା। ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ଚୌହାନ ବଂଶର ପ୍ରଚଣ୍ଡ ସାହସୀ ବୀର ଧରମ ସିଂହଙ୍କ ଔରସରୁ ଓ ରେବତୀ ଦେବୀଙ୍କ ଗର୍ଭରୁ ଜାତ ହୋଇଥିଲେ। ସମ୍ବଲପୁର ଠାରୁ ଚାଳିଶ କିଲୋମିଟର ଦୂର 'ଖିଣ୍ଡା' ଗ୍ରାମରେ ତାଙ୍କର ଜନ୍ମ। ତାଙ୍କର ଛଅଭାଇ ଓ ଜଣେ ଭଉଣୀ ଥିଲେ। ପିଲାଦିନେ ଜେଜେବାପା 'ତେଜ୍ ସିଂହ'ଙ୍କ ଠାରୁ ଶୁଣିଥିଲେ 'ମରହଟ୍ଟା ବୀର ଶିବାଜୀ' କିପରି ରଣକୌଶଳ ପ୍ରୟୋଗ କରି ମୋଗଲମାନଙ୍କୁ ଅସ୍ତବ୍ୟସ୍ତ କରିଦେଇଥିଲେ। ସୁରେନ୍ଦ୍ର ସାଏ ବି ଥିଲେ ଠିକ୍ ଶିବାଜୀଙ୍କ ପରି ରଣକୌଶଳ ଓ ଅଶ୍ୱାରୋହରଣର ପଟୁ। କକା ବଳରାମ ସିଂହ ଥିଲେ ତାଙ୍କର ଅସ୍ତ୍ରଶିକ୍ଷା ଗୁରୁ ତଥା ରଣସଙ୍ଗୀ। ନିଜର ଭାଇ ଓ କକାଙ୍କର ମିଳିତ ଲକ୍ଷ୍ୟଥିଲା "ନିଜ ଅଂଚଳରୁ ଇଂରେଜମାନଙ୍କୁ ବିଦା କରିବା। ୧୮୫୭ ମସିହା 'ସିପାହୀ ବିଦ୍ରୋହ'ର ବହୁ ପୂର୍ବରୁ ଇଂରେଜ ଶାସନ ଓ ସରକାର ବିରୁଦ୍ଧରେ 'ଉଲଗୁଲାନ୍' (ସଂଗ୍ରାମ) ଆରମ୍ଭ କରିଥିଲେ ସୁରେନ୍ଦ୍ର ସାଏ।

ସେତେବେଳେ ତାଙ୍କୁ ମାତ୍ର ଅଠର ବର୍ଷ। ମାଟିମାଆର ମୁକ୍ତି ପାଇଁ ବ୍ରିଟିଶ ବିରୁଦ୍ଧରେ ସଶସ୍ତ୍ର ସମୁଖ ସଂଗ୍ରାମ। ୧୮୨୭ ମସିହାରୁ ୧୮୪୦ ମସିହା ଦୀର୍ଘ ତେର ବର୍ଷ ତାଙ୍କର ଗରିଲା ଆକ୍ରମଣ ଇଂରେଜ ସାମ୍ରାଜ୍ୟ ଓ ଶାସନକୁ ଦୋହଲାଇ ଦେଇଥିଲା। ଇଂରେଜ ସରକାର ତାଙ୍କର ଜଣେ ବିଶ୍ୱସ୍ତ ଚାକର 'ପହଡୁ ରାଣ୍ଡ'ଙ୍କୁ ହାତ କରି ତା'ଠାରୁ ଠିକଣା ନେଇ ଏକଦା ଅତର୍କିତ ଆକ୍ରମଣ କଲେ। ନିଜର କକା ଓ ଭାଇଙ୍କ ସହ କ୍ଷତିବିକ୍ଷତ ହୋଇ ପଳାୟନ କଲେ। ତେବେ କଳ, ବଳ ଓ କୌଶଳ ପ୍ରୟୋଗ କରି ଇଂରେଜ ଶାସକ ତାଙ୍କୁ ଧରି 'ହଜାରିବାଗ' ଜେଲରେ ବନ୍ଦୀ କରି ରଖିଲେ।

୧୮୫୭ ମସିହା ଜୁଲାଇ ମାସ ୩୦ ତାରିଖରେ 'ସିପାହୀ ବିଦ୍ରୋହ'ର ବିଦ୍ରୋହୀମାନେ ହଜାରିବାଗ ଜେଲରେ ଆକାଶଛୁଆଁ ପାଚେରୀକୁ ଭାଙ୍ଗି ବୀର ସୁରେନ୍ଦ୍ର ସାଏ ସମେତ ଅନ୍ୟ ବତିଶ ଜଣ ଉତ୍କଳୀୟ ବନ୍ଦୀଙ୍କୁ ବି ମୁକ୍ତି କଲେ। ସୁରେନ୍ଦ୍ର ସେଦିନ ପାଇଁ ଯେଉଁ ବିପ୍ଳବର ନିଆଁ ଜଳାଇ ଦେଇଥିଲେ ନେତୃତ୍ୱବିହୀନ ହୋଇ ସେହି ଶିଖା ଦବି ଯାଇଥିଲା ସିନା ହେଲେ ନିଆଁର ସ୍ଫୁଲିଙ୍ଗ ରହିଯାଇଥିଲା। ସେ ଫେରିବା ପରେ ସେହି ବିପ୍ଳବର ନିଆଁ ପୁଣି ହୁତ୍ ହୁତ୍ ହୋଇ ଜଳି ଉଠିଲା। ଜନତାଙ୍କର ଆଗ୍ରହରେ ସେ ବି ଆଶାବାଦୀ ହୋଇ ଉଠିଲେ। ଉତ୍ସାହିତ ହୋଇ ଅନେକ ଯୁବକ ଓ କେତେକ ଇଂରେଜ ସିପାହୀ ବି ସଂଗ୍ରାମରେ ସାମିଲ ହେଲେ। ସୁରେନ୍ଦ୍ର ସାଏ ଏବେ ଶକ୍ତିଶାଳୀ ହୋଇଉଠିଲେ। ତାଙ୍କର ଅଦ୍ଭୁତ ସଂଗଠନ ଶକ୍ତି, ଅସୀମ ପରାକ୍ରମ, ଅସାଧାରଣ ରଣକୌଶଳ ଓ ଗରିଲା ଯୁଦ୍ଧନୀତି ବ୍ରିଟିଶ ଶାସକଙ୍କୁ ଆଶ୍ଚର୍ଯ୍ୟ ଓ ଚକିତ କରିଦେଲା। ବିଦ୍ରୋହ ଆହୁରି ଶକ୍ତିଶାଳୀ ହେଲା। ବିଦ୍ରୋହର ନିଆଁ ସମ୍ବଲପୁର ସମେତ ବିଭିନ୍ନ ଅଞ୍ଚଳରେ ହୁ- ହୁ ହୋଇ ଜଳିବାକୁ ଲାଗିଲା। ଇଂରେଜଙ୍କ ଛଳନା ଜାଲରେ ଧରା ଦେଲେନି ସୁରେନ୍ଦ୍ର ସାଏ। ଇଂରେଜ ଶାସକ ବିଚଳିତ ଓ ବ୍ରିଟିଶ ଶାସନ ସଂକଟରେ। ସର୍ବଦା ଶାସକ ଗଣ ଚିନ୍ତିତ ଓ ବିବ୍ରତ। ଖୋଜୁଥାନ୍ତି ସମାଧାନର ସୂତ୍ର।

ଗୃହଶତ୍ରୁ, ଚାଟୁକାର ଓ ତୋଷାମଦକାରୀ ଆଜି ବି ଅଛନ୍ତି। ସେଦିନ ବି ଥିଲେ। ସହଯୋଗୀ, 'ଦୟାନିଧି ମେହେର' ଛଳନା ଓ କପଟର ମୁଖା ପିନ୍ଧି ତାଙ୍କ ସହିତ ରହି ଇଂରେଜ ଶାସକଙ୍କ ସହ ହାତ ମିଳାଇଲା। ୧୮୬୩ ମସିହା ଜାନୁଆରୀ ୨୩ ତାରିଖ ପୌଷପୂର୍ଣ୍ଣିମା ତାଙ୍କର ଜନ୍ମଦିନରେ ପୋଲିସବାହିନୀ ତାଙ୍କର ଘରକୁ ଘେରାଉ କରି ପୁଅ, ଭାଇ ସମେତ ତାଙ୍କୁ ବି ବନ୍ଦୀ କଲେ। ପରେ ତାଙ୍କର ସହଯୋଗୀ ଓ ବନ୍ଧୁମାନେ ଅପିଲ କଲେ। କମିଶନର 'କେମ୍ପେବେଲ୍' ତାଙ୍କୁ ନିର୍ଦ୍ଦୋଷୀ ସାବ୍ୟସ୍ତ କଲେ, ମାତ୍ର ଯାବତ୍ ଜୀବନ କାରାଦଣ୍ଡକୁ କାଏମ୍ ରଖିଲେ। ପ୍ରଥମେ ରାୟପୁର ଓ ପରେ ମହାରାଷ୍ଟ୍ରର ଅସୁରାଗଡ଼ ଜେଲକୁ ପଠାଇଦେଲେ। ଅନ୍ଧାରର ସେହି ନିବୁଜ କାରାଗାର କୋଠରି ଦୀର୍ଘଦିନ ରହି ଅନ୍ଧ ବି ହୋଇଗଲେ। ସେ କ୍ରମେ ଅସୁସ୍ଥ ହେବାକୁ ଲାଗିଲେ। ଦୀର୍ଘ ଦିନର ଯନ୍ତ୍ରଣାଦାୟକ ରୁଗ୍ଣ ଜୀବନ ୧୮୮୪ ମସିହା ଫେବୃଆରୀ ମାସ ୨୮ ତାରିଖ ଗୁରୁବାର ଦିନ ସେହି ମହାନ ବୀରଙ୍କର ଜୀବନଦୀପ ଲିଭିଗଲା। ତାଙ୍କର ମୃତ୍ୟୁ ଏତେ କରୁଣ ଓ ଦୁଃଖଦାୟକ ଯେ ଆତ୍ମୀୟ ସୋଦର ନା ଦେଶବାସୀ କେହି ତାଙ୍କର ମୃତ୍ୟୁ ସମ୍ବାଦ ଠିକ୍ ସମୟରେ ପାଇପାରି ନଥିଲେ। ଶେଷ ସମୟରେ କେହି ତାଙ୍କ ତୁଣ୍ଡରେ ପାଣି ଦେଇଥିଲେ କି ନାହିଁ ତା ବି ଅଜଣା। ଏମିତି କି ହିନ୍ଦୁ ପରମ୍ପରା ମତେ ମୃତ୍ୟୁ ସହ ଜଡ଼ିତ ସାମାଜିକ କ୍ରିୟା ଇତ୍ୟାଦି ସମ୍ପାଦନ ହୋଇପାରିନଥିଲା। ଲୋକଲୋଚକର ଅଗୋଚରରେ ସେ ମୃତ୍ୟୁବରଣ କରିଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ।

ସ୍ୱାଧୀନତା ସଂଗ୍ରାମର ଇତିହାସର ସ୍ୱର୍ଣ୍ଣିମ ପୃଷ୍ଠାରେ ସୁରେନ୍ଦ୍ର ସାଏଙ୍କୁ ଖୋଜିଲେ ଆମକୁ ହତାଶ ହେବାକୁ ପଡ଼େ। ଇତିହାସ ଆଖିରେ ସେ ଜଣେ ବିଫଳ ବୀର ହୋଇଥାଇ ପାରନ୍ତି- ବିବେତାମାନେ ତାଙ୍କୁ ଉପହାସ ବା ବିଦ୍ରୂପ କରିପାରନ୍ତି- ହେଲେ ସ୍ୱାଧୀନ ଦେଶର ନାଗରିକ ତାଙ୍କଠାରେ ଅବଶ୍ୟ ଋଣୀ। ତାଙ୍କର ଜୀବନ ଏକ ବିୟୋଗାନ୍ତକ ନାଟକ। ଯେଉଁ ନାଟକରେ ଦୃଷ୍ଟିପଥାରୁଢ଼ ହୁଏ ଭାଗ୍ୟ ସହ ପୌରୁଷତ୍ୱର ସଂଗ୍ରାମ -ସ୍ୱାଭିମାନ ସହ ଭାତୃତ୍ୱର ସଂଘର୍ଷ, ଶାସକ ସହ ଶାସିତର ସଂଘାତ, ଠିକ୍ ସମୁଦ୍ରକୂଳରେ ଦଣ୍ଡାୟମାନ ପଥର ପାହାଡ଼ ସହ ଲହଡ଼ିର ଲଢ଼େଇ। ତାଙ୍କର ପରିଶ୍ରମ ଅକ୍ଲାନ୍ତ- ସାଧନା ବି ଅମାପ, ସଂଗ୍ରାମ ବି ଦୁର୍ବାର, ହେଲେ ପ୍ରାପ୍ତି ? ସେ ପ୍ରାପ୍ତି କଣ ତାହା ଇତିହାସରେ ଲିପିବଦ୍ଧ ନ ହେଲେ ବି ତାଙ୍କ ସଂଗ୍ରାମର ପ୍ରାପ୍ତି ଯେ ସ୍ୱାଧୀନତା ତାହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ସେ ମାଟି ମା' ପାଇଁ, ଜାତି ପାଇଁ ପ୍ରାଣ ପାଇଁ, ସ୍ୱାଧୀନ ମଣିଷ ସମାଜ ପାଇଁ ସବୁ ଦେଇ ଯାଇଛନ୍ତି। ତାଙ୍କର ଶକ୍ତି, ସାହସ, ସାମର୍ଥ୍ୟ, ଶୌର୍ଯ୍ୟ, ବୀର୍ଯ୍ୟ ଓ ସମୟ ସବୁକିଛି। ହେଲେ ଆମେ ତାଙ୍କୁ ଦେଇଛୁ କଣ ? ପୁଣି ତାଙ୍କର ଜୟନ୍ତୀରେ ଦେବା କ'ଣ ? ଯଦି ଆମ ଜନ୍ମଭୂମି ଉତ୍କଳରେ ଓ ଜାତୀୟ ସ୍ତରରେ ତାଙ୍କ ଉପଯୁକ୍ତ ସ୍ଥାନ ଦେବାରେ ଆମେ ସଫଳ ହେବା ତାହାହିଁ ହେବ ତାଙ୍କ ପାଇଁ ଉପଯୁକ୍ତ ଶ୍ରଦ୍ଧା ସୁମନ।


ପ୍ରଜ୍ଞା ନୀଡ଼, ବସନ୍ତ ବିହାର,
ଶୋଭାରାମପୁର,
ବାଲେଶ୍ୱର-୭୫୬୦୦୧
ମୋ: ୮୮୯୫୯୮୮୮୪


## ନେତାଜୀଙ୍କ ଦୁର୍ଗାପୂଜା ନିଜ ଘରେ

### ବିକ୍ରମ ମହାପାତ୍ର



ଭାରତର ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରେ ଓଡ଼ିଶାର ବୀରପୁତ୍ର ସୁଭାଷ ଚନ୍ଦ୍ର ବୋଷ ଥିଲେ ଅନ୍ୟତମ। କଟକରେ ଜନ୍ମିତ ସୁଭାଷ ବିସ୍ମୟ ବିଦ୍ରୋହୀ ସଂଗ୍ରାମୀ ଭାବେ ସମଗ୍ର ବିଶ୍ୱରେ ପରିଚିତ। ସେ ୧୮୯୭ ମସିହା ଜାନୁଆରୀ ୨୩ ତାରିଖରେ ପିତା ଜାନକୀ ନାଥ ବୋଷ ଓ ମାତା ପ୍ରଭାବତୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। କଟକରେ ସ୍କୁଲ ଶିକ୍ଷା ଶେଷ କରି କଲିକତାର ୟୁନିଭରସିଟି ଅଫ୍ କୋଲକାତାରୁ ଦର୍ଶନ ଶାସ୍ତ୍ରରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ଆହ୍ୱାନରେ ସମସ୍ତଙ୍କୁ ଏକଜୁଟ କରିଥିଲେ। ସିଙ୍ଗାପୁରରେ ଆଜାଦ ହିନ୍ଦ ଫୌଜର ଦାୟିତ୍ୱ ଗ୍ରହଣ କଲେ ଏବଂ ୧୯୪୩ ଅକ୍ଟୋବର ୨୧ ତାରିଖରେ ସେଠାରେ ଏକ ଅସ୍ଥାୟୀ ସ୍ୱାଧୀନ ସରକାର ଗଠନ କଲେ। ସେହିଠାରୁ ସେ ଆହ୍ୱାନ ଦେଇଥିଲେ ଦିଲ୍ଲୀ ଚଲୋ। ଏଥିସହ ଆରମ୍ଭ ହୋଇଥିଲା ଆଜାଦ୍ ହିନ୍ଦ ଫୌଜର ଅଭିଯାନ। ଫୌଜ ଉପରେ ବ୍ରିଟିଶ ବାହିନୀ ଉଭୟ ସ୍ଥଳ ଓ ଆକାଶ ପଥରୁ ଆକ୍ରମଣ କରିଥିଲେ। ଏହାପରେ ହଜିଯାଇଥିଲେ ସୁଭାଷ। ବିଭିନ୍ନ କମିଟି ବସିଥିଲେ ମଧ ତାଙ୍କ ମୃତ୍ୟୁର କାରଣ ଓ ସମୟ ଆଜି ପର୍ଯ୍ୟନ୍ତ ସଠିକ୍ ନିରୂପିତ ହୋଇପାରି ନାହିଁ।

ତେବେ ନେତାଜୀଙ୍କ ଜୟନ୍ତୀ ସମୟରେ ଆଜି ଆମେ ଏକ ଅନାଲୋଚିତ ତଥ୍ୟ ସହୃଦୟ ପାଠକଙ୍କ ପାଖରେ ଉପସ୍ଥାପନ କରୁଛୁ। ହଜାର ବର୍ଷର କଟକ ସହରରେ ନେତାଜୀଙ୍କୁ ନେଇ ଅନେକ ସ୍ମୃତି ରହିଛି। ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟରେ ପାଳିତ ହେବାକୁ ଯାଉଛି ୧୨୮ତମ ଜନ୍ମଜୟନ୍ତୀ। ଏହି ଜନ୍ମ ସ୍ଥାନକୁ ସଂଗ୍ରହାଳୟରେ ପରିଣତ କରାଯିବା ସହ ଅନେକ ବିରଳ ଫଟୋ ଓ ସ୍ମାରକୀ ସାଇତା ହୋଇ ରହିଛି। ଏହି ନେତାଜୀ ସଂଗ୍ରହାଳୟ ସମ୍ମୁଖ ବଗିଚାରେ ରହିଛି ଏକ ଭବ୍ୟ ମା'ଦୁର୍ଗାଙ୍କ ମନ୍ଦିର। ୧୮୮୭ ମସିହାରେ ନେତାଜୀଙ୍କ ବାପା ଜାନକୀନାଥ ବୋଷ ଏହାକୁ ପ୍ରତିଷ୍ଠା କରିଥିଲେ। ତାଙ୍କ ବାପା ଜଣେ ଶକ୍ତି ଉପାସକ ଥିବାରୁ ସେ ମା'ଦୁର୍ଗାଙ୍କୁ ପୂଜା କରୁଥିଲେ। ନେତାଜୀଙ୍କ ପରିବାର ଏକ ବେଙ୍ଗଲ ସମ୍ଭ୍ରାନ୍ତ ପରିବାର ହୋଇଥିବାରୁ ନିଜ ଘର ପଛ ପଟରେ ଥିବା ଯାହାକି ବର୍ତ୍ତମାନ ସମ୍ମୁଖ ସ୍ଥାନରେ ରହିଛି ଏକ ମନ୍ଦିର ପ୍ରତିଷ୍ଠା କରିଥିଲେ। ପ୍ରାୟ ୨୦ ଫୁଟ ଉଚ୍ଚତା ଓ ୧୦ଫୁଟ ଚଉଡା ବିଶିଷ୍ଟ ଏହି ମନ୍ଦିରରେ ନେତାଜୀଙ୍କ ପରିବାର ଅଷ୍ଟଧାତୁ ଦୁର୍ଗାମୂର୍ତ୍ତି ପୂଜା କରିଆସୁଥିଲେ। ତେବେ ପରବର୍ତ୍ତୀ ସମୟରେ ନେତାଜୀଙ୍କ ପରିବାର କୋଲକାତା ସ୍ଥାନାନ୍ତର ହେବାରୁ ମନ୍ଦିରରେ ଥିବା ମା'ଦୁର୍ଗାଙ୍କ ମୂର୍ତ୍ତି ଅପୂଜା ହୋଇ ରହିଥିଲା। ଏହି ସମୟରେ କଟକରେ ଥିବା ବେଙ୍ଗଲୀ ସମ୍ପ୍ରଦାୟ ଏହି ମୂର୍ତ୍ତିକୁ ଅନ୍ୟତ୍ର ପୂଜା କରିଥିଲେ ଏହା ପରେ ଅର୍ଥାତ୍ ୧୮୯୭ ମସିହାରେ ନେତାଜୀଙ୍କ ଜନ୍ମ ପରେ ଓଡ଼ିଆ ବଜାର ଘରେ ହିଁ କଟିଥିଲା ନେତାଜୀଙ୍କ ବାଲ୍ୟ ସମୟ। ଏଇଠି ତାଙ୍କ ବାଲ୍ୟ ଜୀବନ ଭିତରେ ରେଭେନ୍ସା କଲିଜିଏଟ ସ୍କୁଲରେ ପାଠପଢ଼ା ଆଉ ସାଙ୍ଗ ସାଥିଙ୍କ ସହ ବିତିଥିଲା ସମୟ ଗୁଡ଼ିକ।

୧୯୧୬ ମସିହାରେ ନେତାଜୀ କିଛି ସାଙ୍ଗ ପିଲାଙ୍କ ସହ ମିଶି ଘରେ ଆରମ୍ଭ କରିଥିଲେ ଦୁର୍ଗାପୂଜା। ପରବର୍ତ୍ତୀ ସମୟରେ ତାଙ୍କ ଘର ନେତାଜୀ ସେବା ସଦନ ନାମରେ ନାମିତ ହୋଇଥିଲା। ୧୯୬୭ ମସିହାରୁ କଟକର ଚୁନଭାଟି ଗଳିସ୍ଥିତ ଆଲାମଚାନ୍ଦ ବଜାରରେ ଥିବା ଦୁର୍ଗାବାଡ଼ି ସମିତି ଦ୍ୱାରା ଏହା ପୂଜିତ ହୋଇ ଆସୁଛି। ସେହିପରି ନେତାଜୀଙ୍କ ଜନ୍ମ ସ୍ଥାନର ବାଲ୍ୟ ସ୍ମୃତି ଭିତରେ ମୂକସାକ୍ଷୀ ହୋଇ ରହିଛି ଏକ ନିମ୍ବଗଛ। ବର୍ତ୍ତମାନର ବିଶାଳକାୟ ମ୍ୟୁଜିୟମ ସମ୍ମୁଖରେ ଥିବା ପ୍ରାୟ ୧୫୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ଧରି ଏହି ନିମ ଗଛ ଆଜିବି ଦଣ୍ଡାୟମାନ। ଆଜି ନେତାଜୀ ସଶରୀରରେ ନଥିଲେ ବି ଏହି ନିମ ଗଛ ସଗର୍ବେ ଛିଡ଼ା ହୋଇ କେବଳ ତିଷ୍ଠି ରହିନି ବରଂ ଅନେକ ସ୍ମୃତିକୁ ସ୍ମୃତିର ଗାଥାକୁ ବଖାଣୁଛି।


'ଆନନ୍ଦ ଜ୍ୟୋତ୍ସ୍ନା', ଚଣ୍ଡୀମନ୍ଦିର ମାର୍ଗ, ଚଣ୍ଡୀଛକ, କଟକ


## ଫେରିଆସ ଆହେ ବୀର

### ସୁଧାକର ରାଉତ



ରକ୍ତ ଟିକିଏ ଦିଅ ଭାଇ ମୋତେ
ସ୍ୱାଧୀନତା ଦେବି ଆଣି
ଦୃପ୍ତ କଣ୍ଠରେ କହିଥିଲେ ସିଏ
ମୁକତିର ମନ୍ତ୍ର ବୁଣି ।
ଫିରିଙ୍ଗି ଦଳ ହେଲେ ଆଚମ୍ବିତ
ଯୋଦ୍ଧୃ ଭାବ ତାଙ୍କ ଦେଖି
ଜାଗ୍ରତ ହେଲେ ସୁପ୍ତ ଜନତା
ଖୋଲିଗଲା ମୁଦା ଆଖି ।
ଦେଖିଲେ ତାଙ୍କର ଚକ୍ଷୁ ସମ୍ମୁଖେ
ଠିଆ ସେ ବିପ୍ଳବୀ ବୀର
ସ୍ୱାଧୀନତା ବୀଜ ବୁଣିଦେବା ପାଇଁ
ଶାଣିତ ତାଙ୍କର ସ୍ୱର ।
କେତେ ଯେ କାରା କଷଣ ସହିଲେ
ଶେଷେ ବିଦେଶରେ ରହି
'ଆଜାଦ୍ ହିନ୍ଦ୍' ଫଉଜ ଗଢିଲେ
ପ୍ରକମ୍ପିତ ହେଲା ମହୀ ।
'ଦିଲ୍ଲୀଚଲୋ' ଆହ୍ୱାନରେ ତାଙ୍କର
ଥିଲା କେଜାଣି କି ମନ୍ତ୍ର
ମୁକତି ମଶାଲ ଜଳିଲା ହୃଦେ
ହେଲେ ଯନ୍ତ୍ରୀ ହାତେ ଯନ୍ତ୍ର ।
ମାତ୍ର ବିଧି ବିଧାନ କି ବିଚିତ୍ର
ତାଙ୍କ ଇପ୍ସିତ ଫଳ
ଆଶା ଖାଲି ଯାହା ଆଶାରେ ରହି
ହୋଇଲା ତାଙ୍କର କାଳ ।ଭାରତ ମୁକ୍ତି
ଆନ୍ଦୋଳନ ତାଙ୍କ
ଅମର ଆହୁତି ଗାଥା
ଗାଉଥିବେ ଗର୍ବେ ଦେଶ ଜନତା
ଉନ୍ନତ କରିଣ ମଥା ।
ଦେଶ ପାଇଁ ତୁମ ତ୍ୟାଗ ବଳିଦାନ
ତୁଳନା କା ସଙ୍ଗେ ନାହିଁ
ଫେରିଆସି ପୁଣି ବୀର ସୁଭାଷ
ତୁମକୁ ରହିଛୁ ଚାହିଁ ।


+ପ୍ରତାପ ନଗରୀ, କଟକ
ମୋ - ୮୨୪୯୯୩୨୭୯୨


## ବୀର ସୁରେନ୍ଦ୍ର ସାଏ

### ଜଗଦୀଶ ସାହୁ



ସମ୍ବଲପୁର ଖିଣ୍ଡାଗାଆଁର
ସାହସୀ ପୁଅଟିଏ
ଚିର ଅମର ନାଆଁ ତାଙ୍କର
ବୀର ସୁରେନ୍ଦ୍ର ସାଏ ।
ମାଟି ମାଆ ପାଇଁ କଲେ ଲଢେଇ
ଗୋରାଙ୍କ ବିରୁଦ୍ଧରେ
ନଖୋଜି ସୁଖ ସହିଲେ ଦୁଃଖ
ରହିଲେ କାରାଗାରେ ।
ମନରେ ଦମ୍ଭ କଲେ ଆରମ୍ଭ
ସିପାହୀ ବିଦ୍ରୋହକୁ
ପ୍ରଥମ ସ୍ୱାଧୀନତା ସଂଗ୍ରାମ
ଇତିହାସ କହେ ତାକୁ ।
ନୀଳ ଗଗନ ପାଣି ପବନ
ପାହାଡ଼ ବୃକ୍ଷଲତା
ନିତି ଝୁରନ୍ତି ଗୁଣ ଗାଆନ୍ତି
ବୀର ସୁରେନ୍ଦ୍ର ଗାଥା ।
ଜଗତେ ସିନା ଉଡୁଛି ବାନା
ବୀର ସଂଗ୍ରାମୀ ପାଇଁ
ଚରଣ ତଳେ ପ୍ରଣତି ଢାଳେ
ଭକତି ପୁଷ୍ପ ଦେଇ ।


+ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬


## ନେତାଜୀ

### ନୀଳମଣି ଚାନ୍ଦ



'ଦିଲ୍ଲୀ ଚଲୋ'ର ଡାକରା
'ମୋତେ ରକ୍ତ ଦିଅ ମୁଁ ତୁମକୁ
ସ୍ୱାଧୀନତା ଦେବି' ପରା
କହୁଥିଲେ ଯିଏ
'ଆଜାଦ ହିନ୍ଦ୍' ବାହିନୀ ଗଢ଼ି
ଫିରିଙ୍ଗୀ ସାଥେ ଲଢ଼ି
'ନେତାଜୀ' ହେଲେ ସିଏ।

କଟକର ଓଡ଼ିଆ ବଜାର
ଜନ୍ମସ୍ଥାନ ଯେ ତାଙ୍କର
ଯା ତିରୋଧାନ ଦିବସ
ଏବେ ବି ରହିଛି ରହସ୍ୟ
ସବୁ ଜାନୁଆରୀ ତେଇଶିରେ
ପାଳୁ ଜୟନ୍ତୀ ଅବଶ୍ୟ।

ଯେ ଓଡ଼ିଶାର
ବହନ କରନ୍ତି ଓଡ଼ିଆଙ୍କ
ଗର୍ବ, ଗୌରବର ସ୍ୱାକ୍ଷର
ହେ ପ୍ରଣମ୍ୟ ନେତାଜୀ !
ଜୟନ୍ତୀବାସରେ
କରୁ ଶତ ନମସ୍କାର।


+ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭







ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୫୧



ଡ. ସିନ୍ଧୁ ସେନ୍

ପ୍ରତ୍ୟେକଙ୍କର ଆତ୍ମା ଅଛି । ଏମିତିକି ପଶୁର ମଧ୍ୟ, ତେବେ ପଶୁ ଆତ୍ମାର ଅସ୍ତିତ୍ୱକୁ ଉପଲବ୍ଧି କରିପାରେ ନାହିଁ ବୋଲି ତ ସେ ପଶୁ । ମଣିଷ ଯଦି ସେମିତି ଆତ୍ମା ଚିହ୍ନି ନପାରେ, ସେ ବି ତ ପଶୁ ସଂଗେ ସମାନ । ତେଣୁ ଆତ୍ମାକୁ ଚିହ୍ନିବାକୁ ହେଲେ ନିଜ ଭିତରେ ଆଉ ମଣିଷ ପଣିଆର ରହିବା ଉଚିତ୍, ବିବେକ, ସତ୍ ଚିନ୍ତାଧାରା ଉଦାରପଣିଆ, ଅନ୍ୟକୁ ଭଲପାଇବା ଇତ୍ୟାଦି ଜରୁରି । ବିଶେଷକରି ଅହଂଶୂନ୍ୟ ଆତ୍ମା ହିଁ ଏସବୁର ତାତ୍ପର୍ଯ୍ୟ ବୁଝିପାରେ । ତେଣୁ ଏସବୁ ବୁଝିବାକୁ ନିଜ ଅନ୍ତରକୁ ପ୍ରଥମେ ବୁଝିବାକୁ ଚେଷ୍ଟା କର । ତୁମେ କିଭଳି ସୁଖ ପାଇଛ ତାହାର ମଧ୍ୟ ତର୍ଜମା କର । ତୁମ ଭିତରେ କାମନା ବାସନାରେ ହଳାହଳ ବିଷ ଭରିରହିଛି । ତାକୁ ପରିତ୍ୟାଗ ନକରି ତୁମେ ଯେଉଁ ସୁଖ, ଆନନ୍ଦ ପଛରେ ଗୋଡ଼ାଇ ଚାଲିଛି, ତାହା ପ୍ରକୃତରେ ସୁଖ ନୁହେଁ । ବରଂ ଦୁଃଖ, କାରଣ କାମନାର ବିନାଶରେ ଦୁଃଖର ବିନାଶ ।

ସେଦିନ ପିତାଙ୍କ ଆଶ୍ରମର ପ୍ରବେଶ ପଥରେ ପୁଷ୍ପକ ବିମାନରୁ ଓହ୍ଲାଇ ଚାଲିଚାଲି ଭିତରକୁ ପ୍ରବେଶ କଲି । ମୁଣ୍ଡରୁ ମୁକୁଟ ଓହ୍ଲାଇ ଦେଇ ତାଙ୍କ ପଦସ୍ପର୍ଶ କରି ବିନମ୍ର ପ୍ରଣାମ ଜଣାଇଲି । ପିତା ମୋତେ ତଳୁ ଉଠାଇ ନେଇ ସୁଖୀ ହୁଅ ଭଲ ମଣିଷ ହୁଅ ବୋଲି ଆଶୀର୍ବାଦ ଦେଲେ । ତାହାହିଁ ମୋତେ ଦ୍ୱନ୍ଦ୍ୱରେ ପକାଇଦେଲା । ମୁଁ କ'ଣ ସତରେ ଏ ପର୍ଯ୍ୟନ୍ତ ମଣିଷ ହୋଇନି ? ନା ସୁଖୀ ହୋଇନି ? ସୁବର୍ଣ୍ଣ ଲଙ୍କାର ଅଧିପତି ମୁଁ ରାବଣ । ଧନ, ଜନ, ଗୋପ, ଲକ୍ଷ୍ମୀ କେଉଁଥିରେ ମୋର ଅଭାବ ନାହିଁ । ଏତେ ପ୍ରାପ୍ତି ପରେ ବି ମୁଁ ଯଦି ସୁଖୀ ହୋଇ ନପାରିଲି, ତେବେ ମୋ ଠାରୁ ଆଉ ଅଧିକ ସୁଖୀ କିଏ ଅଛି ? ଏ ଆଶୀର୍ବାଦ ମୋ ପାଇଁ ଉପହାସ ନୁହେଁ ତ ? ବିଶ୍ୱବିଜୟୀ ହେବାର ଆଶୀର୍ବାଦ ପାଇବା ପାଇଁ ମୁଁ ତାଙ୍କ ନିକଟକୁ ଧାଇଁ ଯାଇଥିଲି । ମାତ୍ର ତାଙ୍କ ମୁହଁରୁ ଏମିତି ଦ୍ୱନ୍ଦ୍ୱାତ୍ମକ ବାଣୀ ଶୁଣି ମୋ ମନରେ ପ୍ରଶ୍ନ ପରେ ପ୍ରଶ୍ନ ଉଙ୍କି ମାରୁଥିଲା । ବାପା ମୋର ବିଚଳିତ ଭାବଭଂଗୀକୁ ଦେଖି କ'ଣ ବୁଝିଲେ କେଜାଣି ମୋ ପିଠି ଥାପୁଡ଼ାଇ କହିଲେ ରାବଣ ତୁମେ କେବଳ ତୁମ ଶରୀରକୁ ନେଇ ମଣିଷ ହୋଇଛ । ମାତ୍ର ତାହା ପ୍ରକୃତ ମନୁଷ୍ୟ ପଦବାଚ୍ୟ ନୁହେଁ । ମଣିଷ ତାକୁ ହିଁ କୁହାଯାଏ, ଯିଏ ଆତ୍ମାକୁ ଚିହ୍ନି ପାରିଥାଏ । ଆଉ ଆତ୍ମଜ୍ଞାନୀ ହିଁ ଆତ୍ମକୁ ସଠିକ୍ ଚିହ୍ନିପାରେ । ଏସବୁ ଜାଣିଥିବା ମଣିଷ ହିଁ ବାସ୍ତବରେ ବ୍ରହ୍ମଜ୍ଞ । ତୁମେ ତେଣୁ ବ୍ରହ୍ମଜ୍ଞାନୀ ହେବାକୁ ଚେଷ୍ଟା କର । ଦେଖ ରାବଣ,

ମାନୁଛି, ତୁମେ ଅନେକ କିଛି ପାଇଛ । ସ୍ୱର୍ଣ୍ଣଲଙ୍କାର ଅଧିପତି ହୋଇଛି । ହୋଇଛ ମଧ୍ୟ ସପ୍ତଦ୍ୱୀପର ଅଧୀଶ୍ୱର । ତୁମର ଯାହା ନଥିଲା, ତାହା ଠାରୁ ଢେର ଅଧିକ ସମ୍ପତ୍ତି ପାଇଛ । ଦିଗ୍‌ବିଜୟୀ ହୋଇଛ ଅନେକ ରାଜା, ମହାରାଜାଙ୍କ ସହ ଯୁଦ୍ଧ କରି ନିଜ ଅଧୀନକୁ ଆଣିଛ । ତଥାପି ତୁମ ମନରେ ଅଶାନ୍ତି କାହିଁକି ? ଲୋଭ କାହିଁକି ? ତୁମେ ଆହୁରି ଅଧିକରୁ ଅଧିକ ପାଇବା ପାଇଁ ଆଶାୟୀ ହୋଇ ଉଠିଛ । ତାହାହିଁ ତୁମର ମୂର୍ଖାମୀ । ଏତେସବୁ ପରେ ମଧ୍ୟ ଭଲ ମଣିଷ ହୋଇପାରିଛି ବୋଲି ଭାବୁଛ କେମିତି ? ଭଲମଣିଷ ତ ତାଙ୍କୁ ହିଁ କୁହାଯାଏ, ଯେତେବେଳେ ସେ ମଣିଷ ମଣିଷ ମଧ୍ୟରେ କିଛି ପ୍ରଭେଦ ଦେଖିପାରେନା । ସମସ୍ତଙ୍କୁ ନିଜ ଆତ୍ମା ମଧ୍ୟରେ ଦେଖିପାରେ । ଅନ୍ତର୍ମନରୁ ଶୁଣିପାରେ ଅନ୍ୟମାନଙ୍କର ସ୍ୱର, ତେଣୁ ପ୍ରଥମେ ନିଜ ଭିତରେ ସମସ୍ତଙ୍କୁ ଓ ସମସ୍ତଙ୍କ ଠାରେ ନିଜକୁ ଦେଖିବାକୁ ଚେଷ୍ଟା କର । ବାପା ସେମିତି ଅନର୍ଗଳ ଭାବେ କହି ଚାଲିଥାନ୍ତି । ସେ ଯେ ମୋ ମତର ସଂପୂର୍ଣ୍ଣ ବିରୋଧୀ ତାହା ମୋ ଆଗରେ ସ୍ପଷ୍ଟ ହୋଇ ଉଠୁଥିଲା । ମାତାମହ ମୋତେ କହୁଥିଲେ ଆର୍ଯ୍ୟମାନେ ଆମର ପରମ ଶତ୍ରୁ । ସେମାନେ ରାକ୍ଷସ ସଂସ୍କୃତିର ବିରୋଧୀ । ଅଥଚ ବାପା କହୁଛନ୍ତି ଓଲଟା । ମୁଁ ତେବେ କେଉଁଟା ଠିକ୍ କେଉଁଟା ଭୁଲ୍ ନିର୍ଣ୍ଣୟ କରିବି କେମିତି ? ବାପାଙ୍କକଥାରେ ମୋର ଭାବ ପ୍ରବଣତା ବଢ଼ି ଯାଇଥିଲା । ବାପାଙ୍କ ବାକ୍ୟସବୁ ବାରମ୍ବାର ମୋ କାନରେ ପ୍ରତିଧ୍ୱନିତ୍ୱ ହେଉଥିଲା । ରାବଣ ଏବେବି ସମୟ ଅଛି ସୁଧୁରିଯାଅ । ନିଜକୁ ବଦଳାଇ ଦିଅ । ଆର୍ଯ୍ୟମାନଙ୍କ ପାଇଁ ମନରେ ଥିବା ଘୃଣାକୁ ଦୂର କରିଦିଅ । ନିଜକୁ କେବଳ ରାକ୍ଷସ ବୋଲି ନ ଭାବି ଆର୍ଯ୍ୟ ହେବାକୁ ଚେଷ୍ଟା କର । ଆର୍ଯ୍ୟ ଅନାର୍ଯ୍ୟ ମଧ୍ୟରେ କିଛି ଭେଦଭାବ ନରଖି ଉଭୟଙ୍କୁ ଭଲପାଇ ଶିଖ, ଆର୍ଯ୍ୟ ହେବା କିଛି ଖରାପ ନୁହେଁ । ତୁମେ ମଧ୍ୟ ମୋ ଠାରୁ ବେଦଜ୍ଞାନ ପାଇଛ । ଆର୍ଯ୍ୟ ହେବା ମଧ୍ୟ ଏକପ୍ରକାର ତପସ୍ୟା । ବ୍ରହ୍ମାଙ୍କ ବରଦାନ ତୁମ ଉପରେ ରହିଛି । ତେଣୁ ପାରୁଛ ଯଦି ନିଜକୁ ବଦଳାଇ ଦିଅ । କେବଳ ଆର୍ଯ୍ୟ କି ଅନାର୍ଯ୍ୟ ନୁହେଁ, ବରଂ ଭଲମଣିଷଟିଏ ହୋଇ ମାନବ ସଂସ୍କୃତିକୁ ରକ୍ଷା କରିବା ପାଇଁ ଚେଷ୍ଟା କର ।

ବାପାଙ୍କ ଠାରୁ ବିଦାୟ ନେବାବେଳେ ମୋ ଆଖିରେ ଲୁହ ଡବଡବ ହୋଇ ଉଠିଥିଲା । ବାପା ତେବେ, ଏବେବି ମୋତେ ମଣିଷ ଭାବେ ଗ୍ରହଣ କରି ନାହାନ୍ତି । ଏପର୍ଯ୍ୟନ୍ତ ମୁଁ ଯାହା କରିଆସିଛି, ସବୁ କ'ଣ ମୋର ଏକାକୀ ଭୁଲ୍ । ଯଦି ସବୁ କିଚି ମୋର ଭୁଲ୍ । ତେବେ ଏହି ଭୁଲମାର୍ଗରେ ଯାଇ ବିଜୟୀ ହେଉଛି କେମିତି ? ତେବେ, ଏ ବିଜୟ କ'ଣ ମୋର ପ୍ରକୃତ ବିଜୟ ନୁହେଁ ? ମୋ ତନୁମନ ଗଭୀର ଭାବେ ଉଦ୍‌ବେଳିତ ହୋଇ ଉଠୁଥିଲା । ମୋର କ'ଣ କର୍ତ୍ତବ୍ୟ ? କ'ଣ କରିବା ଉଚିତ୍ କେଉଁଟା ଅନୁଚିତ ଏସବୁ ବିବାଦୀୟ ପ୍ରଶ୍ନ ମଧ୍ୟରେ ଛନ୍ଦି ହୋଇ ପଡୁଥିଲି । ତେବେ କ'ଣ ଦିଗ୍‌ବିଜୟୀର ଆଶା ନେଇ ଯେଉଁ ରାବଣ ନିଜେ ନିଜର ଜୟଯାତ୍ରା ଆରମ୍ଭ କରିଥିଲା । ତାକୁ କ'ଣ ପରିତ୍ୟାଗ କରି ସବୁକିଛି ଫେରାଇ ଦେବି, ଏହା କ'ଣ କେବେ ସମ୍ଭବ ହୋଇପାରେ ?

ନା ନା ଚିର ଅବିଚଳିତ ରାବଣର ଜିଦି ଆଗରେ ସବୁ କିଛି ତୁଚ୍ଛ । ସେ କେବେ କାହାରି ଉପଦେଶ, ଆଶ୍ୱାସନା ମାନିନେବାକୁ ପ୍ରସ୍ତୁତ ନୁହେଁ ।

ପୁଷ୍ପକ ଯାନରେ ବସିବା ପରେ ମୋତେ ଯେମିତି ଲାଗୁଥିଲା, ମୁଁ ସେଇ ପୂର୍ବର ରାବଣ ହୋଇଯାଇଛି । ମୋ ନିଜସ୍ୱ ନିଷ୍ପତ୍ତି ହିଁ ସଠିକ୍ ନିଷ୍ପତ୍ତି । ହଁ... ମୁଁ କିଛି ଭୁଲ୍ କରିନି । ଯାହା କରିଛି ସବୁ ଠିକ୍ କରିଛି । ବହୁତ ଭାବିଚିନ୍ତି କରିଛି । ତାହାହିଁ ମୋର ଭାଗ୍ୟ ଭବିତବ୍ୟ । ପୁତ୍ର ହିସାବରେ ବାପାଙ୍କୁ ଭକ୍ତି କରିଛି । ତାଙ୍କ ପାଖକୁ ଆଶୀର୍ବାଦ ନେବାପାଇଁ ଯାଇଛି । ହୋଇପାରେ ପିତା ଓ ପୁତ୍ର ଉଭୟଙ୍କ ଚିନ୍ତାଧାରା ପରସ୍ପର ବିରୋଧୀ । ସେଥିରେ କିଛି ଅସମ୍ଭବ ମଧ୍ୟ ନାହିଁ । କାରଣ ମୋ ଧମନୀରେ ଉଭୟ ବାପା, ବେଦଜ୍ଞ ବ୍ରାହ୍ମଣ ଆଉ ମାତା ରାକ୍ଷସୀ ରକ୍ତ ପ୍ରବାହିତ । ତାଛଡ଼ା ମୁଁ ଦୀର୍ଘଦିନ ଧରି ମାତାଙ୍କ ସହ ମାତାମହଙ୍କ ଘରେ ବଢ଼ିଛି । ତେଣୁ ମୁଁ କେମିତି ଏକଚାଟିଆ ଭାବେ ପିତାଙ୍କ ଉପଦେଶକୁ ମାନି ନେଇ ପାରିବି । ମାତାମହଙ୍କ ଶିକ୍ଷା ଓ ସଂସ୍କାର ନିଶ୍ଚିତ ଭାବେ ମୋ ଉପରେ ପ୍ରଭାବ ପଡ଼ିଛି । ତେଣୁ ମୋ ଚରିତ୍ରର ପରିବର୍ତ୍ତନ ସମ୍ଭବ ହେବ କିପରି ? ମୁଁ ରାବଣ । ସବୁଦିନେ ସେଇ ରାବଣ ହୋଇ ରହିବି । ବାପା ଯାହା କିଛି ଉପଦେଶ ଦେଲେ ସେ ସବୁ ଠିକ୍ ହୋଇପାରେ ମାତ୍ର ମୋ ନିକଟରେ ସେସବୁ ଉପଦେଶ ନିରର୍ଥକ, ସେ କଥା ବାପାଙ୍କୁ ବୁଝାଇବାର ଶକ୍ତି ମୋ ନିକଟରେ ନାହିଁ । ଏମିତି ଅନେକ ଅନାବନ ଭାବନା ମଧ୍ୟରେ ବାପାଙ୍କ ଆଶ୍ରମ ଛାଡ଼ି ଲଙ୍କା ଅଭିମୁଖେ ଯାତ୍ରା ଆରମ୍ଭ କଲି ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫

## ଯୁଦ୍ଧ ପରେ ପରେ
### ସୁମିତା ବେହେରା



ଯୁଦ୍ଧର ଦେହ ଡେଇଁ
ଯେଉଁ ସବୁଜ ଉପତ୍ୟକା
ତା ଭିତରେ
ସହସ୍ର ଆଖି ଧରି ରଖିବା ପରି ପ୍ରେମ
ଲହୁଣୀ ମନ
ତାକୁଇ ଖୋଜୁଛି ।
ତୁମ କ୍ୟାମେରାରେ କ୍ୟାପଚର
ମୁଁ ବର୍ଷର ଶ୍ରେଷ୍ଠ ଚିତ୍ର ହୋଇପାରେ
ଆଖି ଦି'ଟା ଚଉକାଠ ଉପରେ ଥୋଇ
ଅପେକ୍ଷାରେ ଥକିଯାଇ ନ ଥିବା
ମୋର ପ୍ରାର୍ଥନା
ଏବେ ମୋ ପିଠିରେ
ଝୁଲୁଥିବା ପାଣିବୋତଲ
ହସଟେ ଆଙ୍କିବା ପାଇଁ ଯଥେଷ୍ଟ
କହି ରଖୁଛି ।
ଏତେ ଖୋଜିବା ପରେ ବି
ବାଛି ପାରିଲିନି
କେଉଁଟା ପାପର ଅଳିଆ
କେଉଁଟା ପୁଣ୍ୟର ମାଟି
ଏବେ ମୁଁ ସଫା କରୁଛି
ତୁମ ମନର ଅଳନ୍ଧୁ
ମୋ ଦେହର ଆଞ୍ଚୁଡା ଦାଗରେ ।
ଏବେ ବୁଝି ପାରୁଛି
ପ୍ରାଣନ୍ୟାସ ଦେଇ ପାରୁଥିବା
ପୋଷେ ବିଶ୍ୱାସ ନାହିଁ
ତୁମ ପାଖରେ,
ଏବେ ମୋତେ ହିଁ ଝାଡୁଟେ
ହେବାକୁ ପଡ଼ିବ
ଓଲେଇବା ପାଇଁ
ତୁମ ଅହଂକାରର ଅଧାଜଳା ଦେହ ।

+କାଳିକାପୁର, ବାରିପଦା
ମୟୂରଭଞ୍ଜ
ମୋ: ୬୩୭୨୮୫୬୯୯୪

## ଧୂଆଁ
### ମଧୁମିତା ମିଶ୍ର



ଯେତେବେଳେ ଧୂଆଁ ଉଠେ...
ରୋଷେଇ ଘରୁ...
ଚିମିନି ଭିତରୁ...!
ସ୍ୱାଦପୂର୍ଣ୍ଣ ଭାବନାଟିଏ...
ଖୁସି ଆନନ୍ଦ ଭରିଦିଏ...
ଅନ୍ନପୂର୍ଣ୍ଣାଙ୍କ ଅପାର ଆଶିଷରୁ...!
ଧୂଆଁ ପୁଣି ଉଠିଥାଏ...
ଏନ୍ତୁଡ଼ି ଶାଳରୁ...
ଆଗନ୍ତୁକ ପାଇଁ ଆନନ୍ଦ ହୁଏ...!
ଭବିଷ୍ୟତ ପାଇଁ ସ୍ୱପ୍ନ ସଜେ...
ମନ ନାଚି ଉଠେ ଆପଣାଛାଏଁ...
ଷଠିଦେବୀଙ୍କ କରୁଣାରୁ..!
ଧୂଆଁ ଯେତେବେଳେ ଉଠେ...
ଜୁଇ ଜଳିବା ପରେ...
ଶ୍ମଶାନ ଭିତରୁ...!
ମନ ଭରି ଥାଏ କୋହରେ...!
ତଥାପି ଆତ୍ମମୁକ୍ତି ଶାନ୍ତି ଦିଏ...
ପରମାତ୍ମାଙ୍କ ଅମାପ ଦୟାରୁ...!
କିନ୍ତୁ ଧୂଆଁ ଯଦି ଉଠିଥାଏ...
ମନ ଗହନ କାନନରୁ...!
ଜାଳି ପୋଡ଼ି ଧ୍ୱଂସ କରିଦିଏ...
ସବୁକିଛି ସମାପ୍ତ ହୋଇଯାଏ...!
କେହି ଆଉ ରଖି ପାରେନା...
ସମ୍ପୂର୍ଣ୍ଣ ବିନାଶ ମୁଖରୁ...!

+ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭

## ଅଭିମାନ ଆଉ ନାହିଁ
### ସୁନନ୍ଦା ମହାନ୍ତି



ଅଭିମାନ ଆଉ କଣ ପାଇଁ
ଅନ୍ତଃସ୍ୱର ଶୂନ୍ୟତାରେ ଭରପୁର
ତୁମେ କିଏ ମୁଁ କିଏ ସେ ଓ ସେମାନେ
ସମସ୍ତେ ତ୍ରିତଦାସ ସମୟ ନଈ ସୁଏ
ସମୟକୁ ନା କହି ଆୟୁଷକୁ ହଁ ମାରି
କିଏ, । ରହିଛି ଏପାରି
, । କଦମାକ୍ତ ହୋଇଛି ଆଣ୍ଠେଇ ସେପାରି
ନଈ ବହୁଛି ପବନ ବି ବହୁଛି
ଜଳ ସ୍ଥଳ କୂଳ ଲଙ୍ଘି ଆବୋରି
ଅଭିମାନ ପରି ସୁପାରି
କାମ କମ କଥା ବେଶୀ
ଚିନି ଲୁଣ ସବୁ ମିଶି
କମରେ କାମ କରି ହସି ହସି
ସମୟ ଦେଇଛି ଆଉଜି କବାଟ
ସଂସାର ହାଟ ନାଟ ବାଟ
ଅଭିମାନ ଫିଟି ପଡିଲେ ଲୋଟି
ଆକଟକୁ ନାହିଁ ଅକପଟ
ଏପଟ ସେପଟ ସବୁଠି ଛାଟ
ନକର ମଠ ସଅଳ ଉଠ
କର ପୈଠ ସଜଳ କଜ୍ଜଳ ସିଲଟ
ବହି ଲେଖିଛି ବିହି ପା ଭାଗ୍ୟ ମଲାଟ
ଅଭିମାନ ଅନ୍ତଃଶ୍ୱର ମାଖି ଲଲାଟ ।

ସାକ୍ଷୀଗୋପାଳ,
ପୁରୀ
ମୋ: ୯୦୪୦୯୭୭୩୨୭

## ଅଭାବ
### ଜ୍ୟୋତ୍ସ୍ନାରାଣୀ ମହାନ୍ତି



ଅଭାବ କରଇ ସ୍ୱଭାବର ନଷ୍ଟ
ଶୂନ୍ୟ ହୁଏ ସୁଖ ଶାନ୍ତି
ଦରିଦ୍ର ଜୀବନ ଯନ୍ତ୍ରଣାର ଗୁମ୍ଫା
ମିଳେ ନାହିଁ କେବେ ମୁକ୍ତି ।
ଯେତେ ଥିଲେ ଜ୍ଞାନ ମିଳେନା ଯେ ମାନ
ମିଳେ ଅସଂଖ୍ୟ ଧିକାର
ନିରବ ରହିକି ସହିବାକୁ ପଡ଼େ
ଦେଇ ହୁଏନା ଉତ୍ତର ।
ଅଭାବ ଛିଡ଼ାଏ ସମ୍ପର୍କର ଡୋରି
ପରିଚୟ ହଜିଯାଏ
ଚିହ୍ନା ମୁହଁ ସବୁ ଅଚିହ୍ନା ହୁଅନ୍ତି
ଉପହାସ ମିଳି ଥାଏ ।
ଅଭାବୀ ମଣିଷ କହିଲେ କଥାଟି
ଶୁଣେନା ତା କଥା କେହି
ସବୁଠାରେ ହୀନ ହେଉ ଥାଏ ସେହି
ତାର ବା ଇଜ୍ଜତ କାହିଁ ।
ଭେକ ନ ଥିଲେ ଯେ ଭିକ ମିଳେନାହିଁ
ରହିଅଛି ନୀତି ବାଣୀ
ଅଭାବର ପଣ ଯନ୍ତ୍ରଣା ଦାୟକ
ସୁଖୀ କି ପାରିବ ଜାଣି ।
ଅଭାବ କରଇ ଆୟୁଷର ନଷ୍ଟ
ଅକାଳେ ଯାଏ ଜୀବନ
ଅଭାବୀ ଲୋକକୁ ଦୁଃଖ ଦିଅ ନାହିଁ
ଦେବ ଯଦି ଦିଅ ମାନ ।
ଅଭାବର ଗତି ଉଇ ପୋକ ପରି
ସର୍ବସ୍ୱ ଭକ୍ଷଣ କରେ
ଅଭାବ ଯାହାର ସଂସାରେ ରହିଛି
ନୀତି ଦିନ ସେ ଯେ ମରେ ।

+ରାଇବଣିଆ, ଜଳେଶ୍ୱର,
ବାଲେଶ୍ୱର

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୭୭ ॥

'ଅଦିତି, ଜଣେ ନାରୀକୁ ଏହି ବାର ଜଣ ବିଭିନ୍ନ ବଂଶର ଶିଶୁଙ୍କ ଜନନୀ କରିବା ପାଇଁ ଅନେକ ଉପାୟ ମୋ ନିକଟରେ ଅଛି । ଇଚ୍ଛା କଲେ ଜଣେ ବିଭିନ୍ନ ବଂଶର ବାରଟି ଶିଶୁଙ୍କୁ ପାଳନ କରି ପାରିବ । ବିଭିନ୍ନ ବଂଶର ଶୁକ୍ରାଣୁ ଗୁଡ଼ିକରେ ନାରୀର ଡିମ୍ବାଣୁ ବା ଚର୍ମ କୋଷିକା ମିଳାଇ ତାହା ବିଜ୍ଞାନ ପଦ୍ଧତିରେ କରା ଯାଇ ପାରିବ । ପୁରୁଷର ଶୁକ୍ରାଣୁ ଗୁଡ଼ିକରୁ ବିଭିନ୍ନ ପୂର୍ବଜ ବଂଶକୁ ଚିହ୍ନି ତଫାତ କରି ପାରିଲେ, ଏହିପରି ବିଭିନ୍ନ ଜାତିର ସନ୍ତାନ ମାନଙ୍କୁ ସୃଷ୍ଟି କରାଯାଇପାରିବ । କିନ୍ତୁ ଏହିପରି କୌଣସି ସନ୍ତାନ ମୋତେ ତୁମର ଗର୍ଭଜ ସନ୍ତାନର ପିତା ହେବାର ପ୍ରାକୃତିକ ଆନନ୍ଦ ଦେଇପାରିବ ନାହିଁ ।'

'ମୋତେ ମଧ୍ୟ ।' ଅତି ଧୀର ସ୍ୱରରେ କହିଥିଲେ ଅଦିତି । ପର ଦିନ ଯଜ୍ଞ ସମାପ୍ତ ହେବା ପରେ ଉଭୟ ପୁଣି ଯୋଗ ଓ ଧ୍ୟାନ ରେ ମଗ୍ନ ହୋଇଗଲେ । ସେମାନେ ଯମ, ନିୟମ, ଆସନ, ପ୍ରାଣୟାମ, ପ୍ରତ୍ୟାହାର, ଧ୍ୟାନ, ଧାରଣା ଏହି ସପ୍ତ ମାତୃକାଙ୍କ ସୋପାନ ର ଉର୍ଦ୍ଧ୍ୱରେ ଅଣିମା, ଲଘିମା, ମହିମା ଆଦି ସିଦ୍ଧିର ଅଧିକାରୀ ହୋଇଥିଲେ । ଫଳରେ ସେମାନଙ୍କ ଶରୀର ସୂକ୍ଷ୍ମୀକରଣ କରି ଇଚ୍ଛା ମତେ ହାଲୁକା, ଓଜନିଆ, ଦୃଶ୍ୟ ଓ ଅଦୃଶ୍ୟ ହୋଇ ଯାଉଥିଲେ । ଗୋଟିଏ ସ୍ଥାନରୁ ଯାଇ ଅନ୍ୟ ସ୍ଥାନରେ ପହଞ୍ଚି ଯାଉଥିଲେ । କେବଳ ଯୋଗ ବଳରେ ନୁହେଁ, ବୋଧହୁଏ,ପ୍ରାକୃତିକ ଭାବରେ ମଧ୍ୟ ଜଣେ ଖୁବ୍, ଦୁଃଖ, ଭୟ ବା ଉତ୍କଣ୍ଠା, ମସ୍ତିଷ୍କ ରେ ଆଘାତ ଅବା କୌଣସି ବିଷୟରେ ତଲ୍ଲୀନ ହୋଇ ଗଲେ ବା ଅନ୍ୟ ଶକ୍ତି ଦ୍ୱାରା କୌଣସି ଏକ ଆଶ୍ଚର୍ଯ୍ୟ ଜଗତ ଭିତରକୁ ଚାଲିଯାଏ । ମସ୍ତିଷ୍କ ଭିତରେ ଗୋଟିଏ କଂପ୍ୟୁଟର ପରି ବିଭିନ୍ନ ଅଂଶ ରହିଅଛି । ଏଥିରେ ଅତି ଅଦ୍ଭୁତ ଅଲୌକିକ ଶକ୍ତିମାନ ରହି ଅଛି । କିନ୍ତୁ ଏହି ସବୁ ଅଂଶ ଗୁଡ଼ିକ ସମସ୍ତଙ୍କର କ୍ରିୟାଶୀଳ ନଥାଏ । ପିଟର କାନ୍ଥ ରଙ୍ଗ କରୁ, କରୁ ତଳେ ଖସି ପଡ଼ିଲେ । ତାହାପରେ ସେ ପ୍ରତ୍ୟେକ ବ୍ୟକ୍ତିର ଭବିଷ୍ୟତକୁ ଦେଖି ପାରିଲେ । ଏଥିରୁ ଜଣାଯାଏ ଏହି ଶକ୍ତି ପ୍ରତ୍ୟେକ ମଣିଷଠାରେ ଅଛି ଓ ଆମର ଭବିଷ୍ୟତ ଜନ୍ମ ପୂର୍ବରୁ ହିଁ ନିର୍ଣ୍ଣୟ ହୋଇ ସରିଥାଏ । ଏହି ଭଳି ପରିସ୍ଥିତିରେ ସାଧାରଣ ମଣିଷଟିଏ ବିନା ଯୋଗ, ବିନା ବିଜ୍ଞାନ ପ୍ରୟୋଗରେ ମଧ୍ୟ ଅନ୍ୟ ଏକ ଆଶ୍ଚର୍ଯ୍ୟ ଜଗତକୁ ଚାଲିଯାଏ । ଯେଉଁଠାରେ ଅତି ଅଦ୍ଭୁତ ଘଟଣା ମାନ ଘଟିଥାଏ । କିନ୍ତୁ ସାଧାରଣ ମଣିଷଟିଏ ଏହାର କାରଣ ଜାଣି ନପାରିବା ବେଳେ, ସାଧକ ବୈଜ୍ଞାନିକ ମାନେ ତାହା ଉତ୍ତମ ରୂପେ ଜାଣି ପାରନ୍ତି ଓ ବିଜ୍ଞାନ ବଳରେ ଏହି ଜଗତକୁ ଯାଇ ଏହାକୁ ନିଜ ନିୟନ୍ତ୍ରଣରେ ରଖିପାରିଥାନ୍ତି । ଯୋଗ, ମନ୍ତ୍ର, ତନ୍ତ୍ର, ଯାଦୁ , ଆତ୍ମା, ପ୍ରେମ, ବ୍ରହ୍ମ ଆଦି ଉଚ୍ଚସ୍ତରର ବିଜ୍ଞାନ କୌଶଳମାନ ପ୍ରୟୋଗ କରି ନିଜ କୁ ସୁସ୍ଥ ରଖିବା ପାଇଁ ଏବଂ ମୃତ୍ୟୁ ଜନିତ ଦୁଃଖକୁ ଲାଘବ କରିବା ପାଇଁ ଏକ ନୂତନ ଜଗତ ସୃଷ୍ଟି କରନ୍ତି । ପ୍ରାଚୀନ ଋଷିମାନେ ସଂଯମ ରକ୍ଷା ପାଇଁ ଗୋଟିଏ ବାସ୍ତବ ଦେହ ସହିତ ସଂପୃକ୍ତ ହୋଇ ପାର୍ଥିବ ସମସ୍ୟା ମାନଙ୍କର ସମ୍ମୁଖୀନ ହେବାଠାରୁ ଯୋଗ ବଳରେ ନିଜ ପ୍ରିୟତମା ପତ୍ନୀମାନଙ୍କ ସହିତ ସମ୍ପର୍କ ରକ୍ଷା କରୁଥିଲେ । ଯୋଗର ସେହି ଆଶ୍ଚର୍ଯ୍ୟ ସ୍ତର ରେ ଅଦିତିଙ୍କ ସହିତ ମିଳିତ ହୋଇ ଯାଉ ଥିଲେ କଶ୍ୟପ । ବିନା ଶରୀରରେ ଉଭୟଙ୍କର ଆତ୍ମ । ପରସ୍ପରର ନିକଟବର୍ତ୍ତୀ ହୋଇ ପାରୁଥିଲା, ସେମାନେ ପରସ୍ପର ସହ ବାର୍ତ୍ତାଳାପ କରି ପାରୁଥିଲେ, ପରସ୍ପରକୁ ସ୍ପର୍ଶ କରି ପାରୁଥିଲେ ଏବଂ ମିଳିତ ହେଉଥିଲେ । ଏହା ସେମାନଙ୍କର ପ୍ରାକ ପ୍ରେମକୁ ଘନିଷ୍ଠ କରି ପାରୁଥିଲା । ଏହାଥିଲା ଏକ ଉଚ୍ଚ କୋଟିର ଅନୁଭବ । ସେଇ ଯୋଗ ମଗ୍ନ ଅବସ୍ଥାରେ ନିଦ୍ରିତା ଅଦିତିଙ୍କ ନିକଟରେ ପହଞ୍ଚି ଯାଉଥିଲେ କଶ୍ୟପ । ତାଙ୍କର ସୁଶ୍ରୀ ତନୁକୁ ସୁଗନ୍ଧିତ ନୀଳ ପଦ୍ମରେ ସ୍ପର୍ଶ କରୁଥିଲେ । ଏପରି ଅନୁଭବ ସେମାନଙ୍କର ଦୈହିକ ମିଳନ ପୂର୍ବରୁ, ପ୍ରେମର ପୂର୍ବ ରାଗକୁ ଅଧିକ ନିବିଡ଼ କରୁଥିଲା । କାଶ୍ୟପ ଉଭୟ ଅନ୍ତର୍ବିଜ୍ଞାନ ଓ ବହିର୍ବିଜ୍ଞାନରେ ଦୀର୍ଘ ବର୍ଷ ଧରି ସାଧନା କରିଥିଲେ । ଅଦିତି ମଧ୍ୟ ଜଣେ ହଯୋଗ ସାଧିକା ଥିଲେ । ଏହିପରି ଅନୁଭବ କେବଳ କଶ୍ୟପଙ୍କ ପରି ଉଚ୍ଚସ୍ତରର ଆତ୍ମା ସାଧକ, ଯୋଗ ସାଧକ ଓ ବୈଜ୍ଞାନିକ ମାନେ କରି ପାରୁ ଥିଲେ । ଏହି ଯୋଗସ୍ତରରେ ଯେପରି କୌଣସି ଦିବ୍ୟ ଚେତନା ହିଁ ସେମାନଙ୍କୁ ନିୟନ୍ତ୍ରଣ କରୁଥିଲା । ଏହିପରି ଅନୁଭବ ଦୈହିକ ହୋଇ ମଧ୍ୟ ଦେହାତୀତ ଥିଲା । ସେମାନେ ଯୋଗ ବଳରେ ପରମ୍ ଆତ୍ମାଙ୍କ ସହିତ ମଧ୍ୟ ମିଳିତ ହେଉଥିଲେ । (ସହାୟକ ପୁସ୍ତକ, ଶ୍ରୀଅର ବିନ୍ଦ ଯୋଗ ସାଧନା । ଜୀବାତ୍ମାର ପରମ ଆତ୍ମାଙ୍କ ସହ ମିଳନ ।) ଏହି ମିଳନ ଥିଲା ବିଦେହୀ ତଥା ମାନବୋତ୍ତର ଅପାର୍ଥୀବ ଅନୁ ଭବ । ଏହିଭଳି ଭାବେ ସ୍ୱପ୍ନ ମାଧମରେ ଉଷା ଓ ଅନିରୁଦ୍ଧଙ୍କ ମିଳନ ତଥା କୁନ୍ତୀଙ୍କ ନିକଟରେ ତାଙ୍କ ଇଚ୍ଛିତ ବ୍ୟକ୍ତିମାନେ ସଦେହରେ ଉପସ୍ଥିତ ହୋଇଯିବା ମଧ୍ୟ ଅନ୍ତ ର୍ବିଜ୍ଞାନ ବଳରେ ସଂଭବ ଏବଂ ସତ୍ୟ ବୋଲି ମୋର ବିଶ୍ୱାସ । ଏହା ଏଲିୟନ୍ ଶକ୍ତି ବୋଲି ମୁଁ ଭାବିଥାଏ । ଶ୍ରୀମଦ୍ ଭାଗ ବତରେ ଅଦିତିଙ୍କ ବିଷୟରେ ଏହା ଲେଖା ନାହିଁ । କିନ୍ତୁ ଏହିଭଳି ଅନେକ ଅଲୌକିକ ଘଟଣାର ବର୍ଣ୍ଣନା ଅଛି । ଯଥା, କୌଣସି ସାଧକ ଶତ ବର୍ଷ ତ କେହି ସହସ୍ର ବର୍ଷ ( ଏକ ଓ ଦଶ ବର୍ଷ) ରମଣ କରୁଥିଲେ, ଯାହା ଏକ ସାଧାରଣ ମଣିଷ ପାଇଁ ଏକ ଅସମ୍ଭବ ଘଟଣା । ଅବଶ୍ୟ ବର୍ତ୍ତମାନ ସମୟରେ ଏଥିପାଇଁ ବୈଜ୍ଞାନିକ ମାନେ ନାନା ପ୍ରକାର ଉନ୍ନତ ଔଷଧ ଓ କୌଶଳ ମାନ ଉଦ୍ଭାବନ କଲେଣି,ଏପରିକି କର୍କଟ ପରି ରୋଗର ମଧ୍ୟ ନିରାକରଣ କରିପାରିଲେଣି । ଏହା ଯୋଗ ଆଦି ଅନ୍ତର୍ବିଜ୍ଞାନ ବଳରେ ସଂଭବ ହୋଇ ପାରୁଥିଲା । ଦେବତା ତଥା ଅସୁର ଚରିତ୍ର ରେ ମଧ୍ୟ ଲେଖା ଅଛି ଯେ, ସେମାନେ ଯୁଦ୍ଧ ସମୟରେ ନିଜ ଆତ୍ମା ଶକ୍ତି, ଯୋଗ, ମନ୍ତ୍ର, ତନ୍ତ୍ର, ବିଜ୍ଞାନ, ଆଧାତ୍ମିକତା, ଯାଦୁ, ଅନିଷ୍ଟ କାରୀ ଭୂତ, ପ୍ରେତ ଆଦି ଅସ୍ତ୍ର ଅନ୍ତର୍ବିଜ୍ଞାନ ବା ବହିର୍ବିଜ୍ଞାନ ଅନୁସାରେ ପ୍ରୟୋଗ କରୁଥିଲେ । କଶ୍ୟପଙ୍କର ଅନୁଭବ ଦେଉଥିଲା ଯେ, ଅନ୍ୟ ପତ୍ନୀମାନେ ତାଙ୍କ ଦୈହିକ ବାସନାର ପୂର୍ତ୍ତି କିମ୍ବା ବିଜ୍ଞାନର ସହାୟିକା ହୋଇପାରନ୍ତି,କିନ୍ତୁ ଅଦିତି ତାଙ୍କଠାରୁ ଅଭିନ୍ନ ଅର୍ଦ୍ଧାଙ୍ଗିନୀ । ତାଙ୍କର ଦେହ, ମନ ଓ ଆତ୍ମା ସହ ଜୀବନର ପ୍ରତିଟି କାର୍ଯ୍ୟରେ ଅଦିତିଙ୍କ ଦେହ, ମନ ଓ ଆତ୍ମା ଏକାକାର ହୋଇଯାଇଛି । ଏହିପରି ଯୋଗ ଜଗତରେ ଋତୁ, ମାସ, ପକ୍ଷ ଓ ବର୍ଷ ମଧ୍ୟ ଅତୀତ ହୋଇ ଯାଇଛି ।

ଦିନେ କଶ୍ୟପ କହିଲେ,'ଦେବୀ ଅଦିତି, ଏହା ପୃଥିବୀ ଅଟେ ।ଏହି ପୃଥିବୀ ପାର୍ଥିବ ଅଟେ । ଆମେ ମାନେ ଘର, ସଂସାର କରିଥିବା ମାନବ । ଏହି ଅଲୌକିକ ଜଗତରେ ଅଧିକ ଦିନ ଆମେ ଏହି ଅପାର୍ଥୀବ ସ୍ୱପ୍ନରେ ମଗ୍ନ ରହିଲେ, ଆମେ ସଂସାରକୁ ଫେରି ଆଉ ବାସ୍ତବ ଜୀବନରେ ହଠାତ୍ ସ୍ୱାଭାବିକ ହୋଇ ପାରିବା ନାହିଁ । ମୁଁଏଣିକି ତୁମଠାରୁ ସେହି ପ୍ରଥମ ସନ୍ତାନର ଜନକ ହେବାକୁ ଚାହେଁ,ଯେଏହି ପୃଥିବୀର ସମ୍ରାଟ ହୋଇପାରିବ । କାରଣ ତୁମଠାରୁ ଯେଉଁ ବାର ଆଦିତ୍ୟ ଜନ୍ମ ହେବେ, ତାଙ୍କ ଠାରୁ ହିଁ ବ୍ରହ୍ମାଙ୍କ ଅଂଶରେ ଆର୍ଯ୍ୟ ମାନେ ଜନ୍ମ ହେବେ । ମୁଁ ଜାଣେ, ତୁମର ସନ୍ତା ନ ମାନେ ଅସାଧାରଣ ଓ ଦିବ୍ୟ ଶକ୍ତିର ଅଧିକାରୀ ହେବେ । ଏଣିକି ପୃଥିବୀର ମଙ୍ଗଳ ନିମନ୍ତେ ସେହି ଦିବ୍ୟ ଶକ୍ତିମାନଙ୍କୁ ଧରାବତରଣ କରିବାର ସୁଯୋଗ ଦିଅ ।'

ଅଦିତିଙ୍କର ସୁଶ୍ରୀ ମୁଖମଣ୍ଡଳ ଲଜ୍ୟାରେ ରକ୍ତିମ ହୋଇ ଉଠିଲା । ସେ ନମ୍ର ଭାବରେ ତଳକୁ ମୁଖ ପୋତି ଅସ୍ଫୁଟ ସ୍ୱରରେ କହିଲେ ,' ହଁ, ନିଶ୍ଚୟ ପ୍ରଜାପତି, କେବଳ ଆସନ୍ତା ଶୁଭ ଦିବସ,ଶୁଭ ଲଗ୍ନ ଓ ଶୁଭ ମୁହୂର୍ତ୍ତ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ସେହି ଦିନ ହିଁ ମୁଁ ମୋର ବ୍ରତ ପୂର୍ଣ୍ଣ କରିବି ।'

ଅଦିତି କଣ ନିଜ ବ୍ରତ ପୂର୍ଣ୍ଣ କରି କାଶ୍ୟପଙ୍କ ପ୍ରଥମ ସନ୍ତାନର ଜନନୀ ହୋଇ ପାରିଲେ ?

+ ବାଲିଝରି, କାନପୁର, ବଡ଼ମ୍ବା, କଟକ

# ସୁଭାଷଙ୍କ ଦର୍ଶନ ହିଁ ଯୁବଗୋଷ୍ଠୀର ପ୍ରେରଣା



ଡକ୍ଟର ଲକ୍ଷ୍ମଣ ସାହୁ



ସୁଭାଷ ଭାରତ ତଥା ସମଗ୍ର ବିଶ୍ୱର ବିସ୍ମୟ ବିଦ୍ରୋହୀ ସଂଗ୍ରାମୀ ନେତା ଭାବରେ ପରିଚିତ । ସେ ହେଉଛନ୍ତି ବିଶ୍ୱର ନେତାଜୀ । କହିବାକୁ ଗଲେ ବର୍ତ୍ତମାନର ପିଢିର ଯୁବଗୋଷ୍ଠୀଙ୍କ ଭାରତୀୟ ରାଜନୀତିରେ ଅନିଚ୍ଛା ଯାହା ଭାରତରେ ବିଭିନ୍ନ ପ୍ରସଙ୍ଗକୁ ସଙ୍କଟରେ ପକାଇଛି । ସେମାନଙ୍କର ଆଗକୁ ଆସିବା ଆବଶ୍ୟକତା ଯଥେଷ୍ଟ ରହିଛି । ଯଦି ଶିକ୍ଷା ଦେଶ ତଥା ଦଶନ୍ଧି ପାଇଁ ଉପଯୋଗୀ ନହୁଏ ତାହା କେବଳ ସ୍ୱାର୍ଥର କାରଣ ହୋଇଯାଏ, ତେବେ ସେହି କ୍ଷେତ୍ରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନର ଏକ ବିଶେଷ ଧାରାବାହିକ ଶବ୍ଦ ଅତ୍ୟନ୍ତ ପ୍ରାସଙ୍ଗିକ ଅଟେ । ଏହା ଜାଣିବା ଜରୁରୀ । ସେ ନିଜର ଶିକ୍ଷାକୁ ଦେଶର ସମ୍ପୃକ୍ତ ପ୍ରସଙ୍ଗରେ ପ୍ରୟୋଗ କରିଥିଲେ, ଦେଶକୁ ସ୍ୱାଧୀନ କରିବା ପାଇଁ ନିଜକୁ ନିୟୋଜିତ କରିଥିଲେ ।

ସେ ସମୟରେ ବ୍ରିଟିଶ ଅଧୀନରେ ଥିବା ଭାରତ ବିଷୟରେ ଖୁବ୍ କମ୍ ଖବର ଖବରକାଗଜରେ ପ୍ରକାଶିତ ହୋଇଥିଲା । ତେଣୁ ସେହି ସମୟରେ ଦେଶର ସ୍ଥିତି ବିଷୟରେ ଯାହା ଜଣା ପଡିଥିଲା ତାହା ସମ୍ପର୍କୀୟ କିମ୍ବା ପରିଚିତମାନଙ୍କ ସହିତ ଆଦାନ ପ୍ରଦାନ ମାଧ୍ୟମରେ ଆସିଥିଲା । ଯେଉଁ ପ୍ରସଙ୍ଗରେ ଏହି ପ୍ରସଙ୍ଗ ଉଠିଛି ୧୯୧୯ ସେପ୍ଟେମ୍ବର ୧୫ ପ୍ରଥମ ବିଶ୍ୱଯୁଦ୍ଧର ଭୟାବହତା ଶେଷ ହେବାର କିଛି ସପ୍ତାହ ପୂର୍ବରୁ । ସେତେବେଳେ ସୁଭାଷ ଚନ୍ଦ୍ର ବୋଷ ଭାରତ ଛାଡି ଇଂଲଣ୍ଡ ଯାଇଥିଲେ । ଏପ୍ରିଲ୍ ୧୩ ରେ ଇତିହାସ ପୃଷ୍ଠାରେ ଏକ ଅତି ନିଷ୍ଠୁର ହତ୍ୟା ଭାରତରେ ଘଟିଥିଲା । ବ୍ରିଟିଶ ସୈନିକମାନେ ପଞ୍ଜାବର ଜାଲିଆନାୱାଲାବାଗ ବାଗରେ ନୃସଂସ ଭାବରେ ହତ୍ୟା କରିଥିଲେ । ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଯାହା ସମଗ୍ର ଭାରତୀୟଙ୍କ ହୃଦୟକୁ ବିଚଳିତ କରିଥିଲା । ଏହି କାରଣରୁ ସମଗ୍ର ଭାରତ ସେତେବେଳେ କ୍ରୋଧିତ ହେବାକୁ ଲାଗିଲା ।

ଏପରିକି ରବୀନ୍ଦ୍ରନାଥ ଟାଗୋର ଏହାର ପ୍ରତିବାଦରେ ନିଜର 'ନାଇଟ୍' ଆଖ୍ୟା ମଧ୍ୟ ଫେରାଇ ଦେଇଥିଲେ । ସାଧାରଣ ଭାରତୀୟଙ୍କ ପରି ସେ ମଧ୍ୟ ପେଣ୍ଟ ଅପ୍ କ୍ରୋଧ ଅନୁଭବ କରିଥିଲେ । ସେତେବେଳେ ସୁଭାଷ ଚନ୍ଦ୍ର ବୋଷଙ୍କ ବିଲାତକୁ ଯିବା ସ୍ଥିର ହୋଇଥିଲା । ବିଲାତରେ ଅଧ୍ୟୟନ କରିବା ବ୍ୟତୀତ ସେ ଜାତୀୟ ତଥା ଆନ୍ତର୍ଜାତୀୟ ରାଜନୀତି, ଦର୍ଶନ, ଇତିହାସ ଓ ଅର୍ଥନୀତିର ସବିଶେଷ ତଥ୍ୟ ଜାଣିବା ଆରମ୍ଭ କରିଥିଲେ । ବିଲାତରେ ପ୍ରବେଶ କରିବା ପରେ ହୃଦୟଙ୍ଗମ କଲେ ଯେ ସାଧାରଣ ବ୍ରିଟିଶ ନାଗରିକମାନେ ଭାରତରେ ବ୍ରିଟିଶ ଶାସନର କାର୍ଯ୍ୟ ବିଷୟରେ ଖୁବ୍ କମ୍ ଜାଣିଥିଲେ । ଇଂଲଣ୍ଡ ପାଇଁ ମଧ୍ୟ ସାଧାରଣ ଥିଲା , ଯାହାକୁ ଜାଣିବା ପାରିବା ସହଜ ନୁହେଁ, ସେହି ଅଧିକାର ବ୍ରିଟିଶମାନଙ୍କ ହାତରେ ଅଛି । ଇଂଲଣ୍ଡରେ ସେ ପ୍ରଥମ ଥର ପାଇଁ ଅନୁଭବ କଲେ ଯେ ଗୋଟିଏ ସ୍ୱାଧୀନ ଦେଶରେ ଜୀବନ କେତେ ଆରାମଦାୟକ ହୋଇପାରେ । ଯଦି କେହି ଏଠାକୁ ଆସନ୍ତି ନାହିଁ, ତେବେ ଭାରତରେ ଲୋକଙ୍କ ଜୀବନଶୈଳୀ, ଗତିବିଧି, ଅଭିବ୍ୟକ୍ତିର ସ୍ୱାଧୀନତା ଦେଖି ସେ ନିଶ୍ଚିତ ଆଶ୍ଚର୍ଯ୍ୟ ହୋଇପାରନ୍ତି ।

ସେମାନେ ଭାରତ ପରି ବିଶାଳ ସାମ୍ରାଜ୍ୟକୁ ଶାସନ କରିବାରେ ସକ୍ଷମ ହୋଇଥିଲେ । ସେ ସମୟରେ ସୁଭାଷ ବୋଷ ଅନୁଭବ କରିଥିଲେ ଯେ ଭାରତର ଅଧୀନତା ମୁଖ୍ୟତଃ ଭାରତୀୟ ଲୋକଙ୍କ ରାଜନୈତିକ ପ୍ରସଙ୍ଗ ପ୍ରତି ଉଦାସୀନତା କାରଣରୁ ହୋଇଛି । ଏକଥା ମଧ୍ୟ ଅନୁଭବ କଲା ଯେ ଯଦି ଭାରତୀୟମାନେ ଗୋଟିଏ ସ୍ୱାଧୀନ ଦେଶର ଲାଭ ଉପରେ ଦୃଢ଼ ବିଶ୍ୱାସ ରଖିପାରୁନାହାଁନ୍ତି , ତେବେ ସେମାନଙ୍କର ମୁକ୍ତି ଅସମ୍ଭବ ହେବ । ଏସବୁ ହୃଦୟଙ୍ଗମ କରି ସୁଭାଷ ଚନ୍ଦ୍ର ବୋଷ ୧୯୨୧ ଫେବୃଆରୀ ୨୬ ରେ ଚିତ୍ତରଂଜନ ଦାସଙ୍କୁ ପତ୍ର ଲେଖିଥିଲେ ଯେ ସେ ଆଇସିଏସ୍ ଅର୍ଥାତ୍ ଭାରତୀୟ ସିଭିଲ୍ ସର୍ଭିସରେ ଚତୁର୍ଥ ସ୍ଥାନରେ ଥିଲେ ମଧ୍ୟ ସେ ସେହି ସେବାରେ ଯୋଗ ଦେଉନାହାନ୍ତି । କାରଣ ସେ ଘରକୁ ଫେରିଥିବା ଲୋକଙ୍କ ପାଇଁ କାମ କରିବାକୁ ଚାହୁଁଛନ୍ତି । ସେହି ଚିଠିରେ ହିଁ ତରୁଣ ସୁଭାଷ ଚିତ୍ତରଂଜନ ଦାସଙ୍କୁ କଂଗ୍ରେସରେ ଯୋଗଦେବା ବିଷୟରେ କହିଥିଲେ ।

କାରଣ ଏହା ପୂର୍ବରୁ ସେ ଗାନ୍ଧିଜୀଙ୍କୁ ଭେଟି ପଚାରିଥିଲେ ଯେ, କାହିଁକି ବିଦେଶୀ ଅମଲାତନ୍ତ୍ରମାନଙ୍କଠାରୁ କ୍ଷମତା ଛଡାଇନେବାକୁ ଚାହୁଁଛନ୍ତି ଓ ତାଙ୍କର ଦ୍ୱିତୀୟ ପ୍ରଶ୍ନ ଥିଲା ଗୋଟିଏ ବର୍ଷ ମଧ୍ୟରେ କେଉଁ ପ୍ରକାର ଉପାୟକୁ ଅବଲମ୍ବନ କରି ଭାରତ ସ୍ୱାଧୀନତା ପାଇବ ? ଗାନ୍ଧିଜୀ ସ୍ପଷ୍ଟ ଭାବରେ ଉତ୍ତର ଦେଇଥିଲେ ଏହା ଅସମ୍ଭବ । ସେଠାରେ ସେ ଅନେକ ପ୍ରଶ୍ନ ପଚାରିଥିଲେ ମଧ୍ୟ ତାହର ସନ୍ତୋଷ ଜନକ ଉତ୍ତର ଗାନ୍ଧିଜୀଙ୍କ ଠାରୁ ପାଇ ପାରିନଥିଲେ । ଗାନ୍ଧିଜୀ କହିଥିଲେ ତୁମେ ଚିତ୍ତରଞ୍ଜନଙ୍କୁ ସାକ୍ଷତ କର ଓ ତାଙ୍କ ପରାମର୍ଶ ଅନୁସାରେ କାର୍ଯ୍ୟ କର । ଏହ ପରେ ସେ କଲିକତାର ରସାରୋଡ଼ରେ ଯାଇ ଚିତ୍ତରଞ୍ଜନଙ୍କ ବାସଗୃହରେ ସାକ୍ଷାତ୍ କରିଥିଲେ । ଯାହା ଥିଲା ତାଙ୍କର ଚିତ୍ତରଞ୍ଜନଙ୍କ ସହ ପ୍ରଥମ ସାକ୍ଷାତ । ଯାହାକି ପରବର୍ତ୍ତୀ ସମୟରେ ଉଭୟଙ୍କ ବିରାଟ ଓ ମହତ ତ୍ୟାଗ ନିଷ୍ପତ୍ତିର ମିଶ୍ରଣଦ୍ୱାରା ସ୍ୱାଧୀନତା ସଂଗ୍ରାମର ରାଜନୈତିକ ଇତିହାସ ମଧ୍ୟମ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିପାରିଥିଲା ।

ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ସମ୍ପର୍କରେ ଆସିବା ପରେ ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦେଇ ୧୯୨୩ରେ ବଙ୍ଗଳା ପ୍ରାଦେଶିକ କଂଗ୍ରେସର କମିଟିର ସମ୍ପାଦକ ହୋଇଥିଲେ । ୧୯୨୪ ମସିହାରେ ସେ କଲିକତା ମହାନଗରୀର ମେୟର ହୋଇଥିଲେ । ୧୯୨୮ରେ କଂଗ୍ରେସ ପକ୍ଷରୁ ନିଯୁକ୍ତପ୍ରାପ୍ତ ମୋତିଲାଲ ନେହେରୁ କମିଟି ସ୍ୱାୟତ୍ତ ଶାସନ ସପକ୍ଷରେ ମତ ଦେଇଥିଲେ । କିନ୍ତୁ ଜବାହରଲାଲ ନେହେରୁ ଓ ସୁଭାଷ ବୋଷ ଉଭୟେ ପୂର୍ଣ୍ଣ ସ୍ୱାଧୀନତା ଚାହିଁଥିଲେ । ୧୯୩୦ରେ ଆଇନ ଅମାନ୍ୟ ଆନ୍ଦୋଳନ ବେଳେ ସୁଭାଷଙ୍କୁ ଗିରଫ କରି ଜେଲରେ ରଖାଯାଇଥିଲା ଓ ୧୯୩୧ରେ ଗାନ୍ଧୀ-ଇରୱିନ ଚୁକ୍ତି ପରେ ତାଙ୍କୁ ଜେଲରୁ ମୁକ୍ତ କରାଯାଇଥିଲା । ୧୯୩୮ ମସିହାରେ ହରିପୁରା ଜାତୀୟ କଂଗ୍ରେସର ଅଧିବେଶନରେ ଗାନ୍ଧୀଙ୍କ ମନୋନୀତ ପ୍ରାର୍ଥୀ ପଟ୍ଟାଭି ସୀତାରାମାୟାଙ୍କୁ ହରାଇ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ୧୯୩୯ରେ ସେ ପୁଣିଥରେ ସେହି ପଦବୀକୁ ନିର୍ବାଚିତ ହୋଇଥିଲେ । ୧୯୩୯ରେ ସେ ଫରୱାର୍ଡ଼ ବ୍ଲକ ନାମକ ଏକ ନୂତନ ଦଳ ଗଠନ କରିଥିଲେ । ସଶସ୍ତ୍ର ଆନ୍ଦୋଳନଦ୍ୱାରା ହିଁ ଭାରତକୁ ବ୍ରିଟିଶ ସାମ୍ରାଜ୍ୟବାଦରୁ ମୁକ୍ତ କରିହେବ ବୋଲି ସେ ଦୃଢ ସଂକଳ୍ପ ଓ ବିଶ୍ୱାସ ରଖିଥିଲେ । ବିଶେଷ କରି ସେ ଇଟାଲିର ଜନନାୟକ ଗାରିବାଲ୍ଡି ଓ ମାର୍ଜିନିଙ୍କଦ୍ୱାରା ଯଥେଷ୍ଟ ଅନୁପ୍ରାଣୀତ ହୋଇଥିଲେ । ସୁଭାଷଙ୍କର ଏହି ଉଗ୍ରନୀତି ଯୋଗୁଁ ବ୍ରିଟିଶ ସରକାର ତାଙ୍କୁ କଲିକତାଠାରେ ନଜରବନ୍ଦୀ ରୂପେ ରଖିଥିଲେ ମଧ୍ୟ ଭାରତର ସ୍ୱାଧୀନତା ପାଇଁ ଭାରତ ବାହାରେ ରହି ଯୁଦ୍ଧ କରିବା ପାଇଁ ୧୯୪୧ ଜାନୁଆରୀ ୧୭ ତାରିଖରେ ସେ ଗୋପନରେ ଭାରତର ସୀମାନ୍ତ ଅତିକ୍ରମ କରି ଆଫଗାନିସ୍ଥାନ ଓ ସୋଭିଏତ ଋଷ ମଧ୍ୟ ଦେଇ ମାର୍ଚ୍ଚ ମାସରେ ବର୍ଲିନଠାରେ ପହଞ୍ଚିଥିଲେ । ଜର୍ମାନୀର ନାଜି ଶାସକ ହିଟଲରଙ୍କ ସହ ସାକ୍ଷାତ କରି ଭାରତର ସ୍ୱାଧୀନତା ହାସଲ ସମ୍ପର୍କରେ ତାଙ୍କୁ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ । ବର୍ଲିନଠାରେ ଏକ ମୁକ୍ତ ଭାରତ କେନ୍ଦ୍ର ଉନ୍ମୋଚନ କରିବା ସହିତ ଜର୍ମାନୀ ମାଟିରେ ଫ୍ରି ଇଣ୍ଡିଆ ଆର୍ମି ଗଠନ କରିଥିଲେ । ସୁଦୂର ବର୍ଲିନରୁ ଆଜାଦ ହିନ୍ଦ ରେଡ଼ିଓ ମାଧ୍ୟମରେ ଭାରତବାସୀଙ୍କୁ ସଂଗ୍ରାମ ପାଇଁ ଆହ୍ୱାନ ଦେଇଥିଲେ । ' ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ' ଆହ୍ୱାନରେ ସମସ୍ତଙ୍କୁ ଏକତ୍ରିତ କରିଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନରେ ନିର୍ବାସିତ ଭାବେ ବାସ କରୁଥିବା ରାସ ବିହାରୀ ବୋଷ ନାମକ ଜଣେ ଭାରତୀୟ ଜାପାନ, ବର୍ମା, ମାଳୟ, ପ୍ରଭୃତି ସ୍ଥାନରେ ପ୍ରବାସୀ ଭାରତୀୟ ଓ ଯୁଦ୍ଧ ବନ୍ଦୀମାନଙ୍କୁ ଏକତ୍ରିତ କରି ଭାରତୀୟ ସ୍ୱାଧୀନତା ଲିଗ୍ ଗଠନ କଲେ । ସୁଭାଷ ସିଙ୍ଗାପୁରରେ ଆଜାଦ ହିନ୍ଦ ଫୌଜର ଦାୟିତ୍ୱ ଗ୍ରହଣ କଲେ ଏବଂ ୧୯୪୩ ମସିହା ଅକ୍ଟୋବର ୨୧ତାରିଖ ଦିନ ସେଠାରେ ଏକ ଅସ୍ଥାୟୀ ସ୍ୱାଧୀନ ସରକାର ଗଠନ କଲେ । ସେହିଠାରୁ ସେ ଆହ୍ୱାନ ଦେଇଥିଲେ ଦିଲ୍ଲୀ ଚଲୋ । ଏହା ସହିତ ଆରମ୍ଭ ହେଲା ଆଜାଦ ହିନ୍ଦ ଫୌଜର ଅଭିଯାନ । ୧୯୪୪ ମାର୍ଚ୍ଚ ୧୮ ତାରିଖରେ ଆଜାଦ ହିନ୍ଦ ଫୌଜ ବର୍ମା ସୀମା ଅତିକ୍ରମ କରି ଭାରତୀୟ ମାଟିରେ ପାଦ ଥାପିଥିଲା ଓ ମଣିପୁରର ଇମ୍ଫାଲ ଯାଏଁ ଏହି ଅଭିଯାନ ଅଗ୍ରସର ହେଲା । ଦୃଢ଼ ପଦକ୍ଷେପରେ ଅଗ୍ରସର ହେଉଥିବା ଆଜାଦ ହିନ୍ଦ ଫୌଜ ଉପରେ ବ୍ରିଟିଶ ବାହିନୀ ଉଭୟ ସ୍ଥଳ ଓ ଆକାଶ ପଥରୁ ଆକ୍ରମଣ କରି ଇମ୍ଫାଲଠାରେ ତାଙ୍କୁ ପରାସ୍ତ କଲା । ଯେଉଁଠି ଇତିହାସ ଏବେ ବି ତାଙ୍କର ନିରୁଦ୍ଦିଷ୍ଟ ସଂପର୍କରେ କୌଣସି ତଥ୍ୟଗତ ପ୍ରମାଣ ଦେଇପାରି ନାହିଁ । ଶାହନୱାଜ କମିଟି, ଖୋସଲା କମିଶନ, ମୁଖାର୍ଜୀ କମିଶନ ପରି ଅନେକ କମିଶନ ଅଫ ଇନକ୍ୱାରି ବସିଥିଲେ ମଧ୍ୟ ତାଙ୍କର ମୃତ୍ୟୁର କାରଣ ଓ ସମୟ ସଠିକ ଭାବେ ନିରୁପିତ ହୋଇପାରିନାହିଁ ।

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ବିଳାସପୂର୍ଣ୍ଣ ଜୀବନ ବିତାଇ ପାରିଥାନ୍ତେ । କିନ୍ତୁ ସେ ଦେଶ ତଥା ଦଶନ୍ଧି ପାଇଁ ନିଜକୁ ଉତ୍ସର୍ଗ କରିଥିଲେ । ଶିକ୍ଷାକୁ ଆଦର୍ଶର ଦର୍ଶନ ଭାବରେ ବ୍ୟବହାର କରି ସେ ଅସମ୍ଭବକୁ ସମ୍ଭବ କଲେ ଯାହା ଆଜି ପ୍ରାୟ ମୂଲ୍ୟହୀନ । କେହି ତାଙ୍କର ତ୍ୟାଗ ମୂଲ୍ୟବୋଧ ବୁଝିବାକୁ ନାରାଜ । ପ୍ରକୃତରେ ଯଦି ସେ ସେହି ଦିନ ସର୍ବୋଚ୍ଚ ପଦବୀରେ ଯୋଗ ଦେଇଥାନ୍ତେ, ତେବେ ଭାରତ ବ୍ରିଟିଶ ଶାସନର ତତ୍ତ୍ୱାବଧାନରେ ରହିବା ଅସମ୍ଭବ ନଥିଲା । ବ୍ୟବହାରିକ ଦୃଷ୍ଟିରୁ କହିବାକୁ ଗଲେ ଯୁବଗୋଷ୍ଠୀଙ୍କ ଆଜିର ଲକ୍ଷ୍ୟ ହେଉଛି କେବଳ ବିଦେଶ ଯାଇ ଡିଗ୍ରୀ ହାସଲ କରି ସ୍ୱାର୍ଥ ପ୍ରତିଷ୍ଠା କରିବା । ଦେଶର ସାମଗ୍ରିକ ବିକାଶରେ ସେମାନଙ୍କର ଭୂମିକା ସେହି ଦୃଷ୍ଟିରୁ ନୁହେଁ । ପୀଡିତମାନେ ହେଉଛନ୍ତି ଦେଶବାସୀ। ନିଷ୍କର୍ଷରେ କୁହାଯାଇପାରେ ଯେ ପରେ ସୁଭାଷ ଚନ୍ଦ୍ର ବୋଷଙ୍କ ରାଜନୈତିକ ଗୁରୁ ବା ମାର୍ଗଦର୍ଶନ ଚିତ୍ତରଂଜନ ଦାସ ତାଙ୍କୁ ସବୁ କ୍ଷେତ୍ରରେ ଉପଯୁକ୍ତ କରିଥିଲେ । ସେହି ବ୍ୟକ୍ତି ଯିଏ ପରେ ସର୍ବତ୍ର କହିଥିଲେ, 'ମୁଁ ମୋର ଭଲ ଖବର ତୁମକୁ ଦେଉଛି । କିନ୍ତୁ ଏହା ମୋର ସବୁଠାରୁ ମୂଲ୍ୟବାନ ହୀରା ଖଣ୍ଡ । ଅପେକ୍ଷା କର ସେ ତୁମକୁ ସବୁକିଛି ଫେରାଇ ଦେବେ । ' ସୁଭାଷ ନିରାଶ ନଥିଲେ ଓ ସୁଭାଷ ଚନ୍ଦ୍ର ବୋଷ ରୁ ଆଜିର ନେତାଜୀ ହୋଇପାରିଥିଲେ । ଯଦି ସୁଭାଷ ଚନ୍ଦ୍ର ବୋଷ ହୋଇଗଲେ, ତେବେ ଭାରତର ଲୋକମାନେ କ'ଣ କଳ୍ପନା କରିପାରନ୍ତି ! ସେହି ଭଳି ଅଧୀନତାର ଯୁଆଳିରୁ ମୁକ୍ତ ହେବାର ଦୁଃଚିନ୍ତା, ସମସ୍ୟାଗୁଡ଼ିକ ବିଷୟରେ ଗଭୀର ଭାବରେ ଚିନ୍ତା କରିବାର ଉତ୍ସାହ ବୋଧହୁଏ ତାଙ୍କ ପାଖରୁ ଆସି ନଥାନ୍ତା । ବାସ୍ତବରେ ସୁବାସିତ ସୁଭାଷଙ୍କ ଦର୍ଶନ ହିଁ ଆଜିର ଯୁବଗୋଷ୍ଠୀ ପାଇଁ ବିସ୍ମୟର କାରଣ ...!!!

ଅଧ୍ୟକ୍ଷ , ମହାନଦୀବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ ,
କଟକ - ୪.
ମୋ: ୯୦୪୦ ୧୫୧୪୭୫

# ଭାରତ ମାତାର ମହାନ ସନ୍ତାନ : ନେତାଜୀ ସୁଭାଷ

ଡକ୍ଟର ସୁରେଶ କୁମାର ନାୟକ



ପିଲାମାନେ ଜାଣିଛ, ଆଜି ହେଉଛି ଆମ ଭାରତ ମାତାର ମହାନ ସନ୍ତାନ ସର୍ବୋପରି ଏହି କଟକ ସହରର ବୀର ପୁଅ ନେତାଜୀ ସୁଭାଷ ବୋଷଙ୍କ ପୁଣ୍ୟ ଜୟନ୍ତୀ। ଅନେକ ହୁଏତ ଜାଣି ନାହାଁନ୍ତି ନେତାଜୀ ସୁଭାଷଙ୍କ ଜନ୍ମ ଉଜ୍ଜ୍ୱଳ ଦିବାଲୋକ ପରି ସ୍ପଷ୍ଟ ଏବଂ ମୃତ୍ୟୁ ରାତ୍ରିର ଅନ୍ଧକାର ପରି ରହସ୍ୟମୟ। ୧୮୯୭ ଜାନୁଆରୀ ଆଜିର ଦିନରେ ଐତିହାସିକ କଟକ ନଗରୀରେ ଭାରତମାତାର ଏହି ମହାନ ସନ୍ତାନ ଜନ୍ମ ହୋଇଥିଲେ। ସେତେ ବେଳେ ଲର୍ଡ଼ କର୍ଜନଙ୍କ ପରି ଉଦ୍ଧତ, ଆତ୍ମ-ଗର୍ବୀ ଶାସନ-ମୁଖ୍ୟଙ୍କ ଭାରତ ବିରୋଧୀ କାର୍ଯ୍ୟକଳାପକୁ ବିରୋଧ କରିବା ପାଇଁ ଭାରତୀୟମାନେ ପ୍ରସ୍ତୁତ ହେଉଥିଲେ। ତେବେ ପିତାଙ୍କ ଇଚ୍ଛା ଥିଲା ସୁଭାଷ ଉଚ୍ଚଶିକ୍ଷା ପାଇଁ ବ୍ରିଟିଶ ପ୍ରଶାସନରେ ଯୋଗ ଦିଅନ୍ତୁ। ସୁଭାଷଙ୍କର ବିଦ୍ୟାଳୟ ଶିକ୍ଷା କଟକସ୍ଥିତ ରେଭେନ୍ସା କଲିଜିଏଟ୍ ସ୍କୁଲରେ ହୋଇଥିଲା। ଏହି ବିଦ୍ୟାଳୟର ତତ୍କାଳୀନ ପ୍ରଧାନ ଶିକ୍ଷକ ସରଳ ସଦାଚାରୀ ବେଣୀମାଧବ ଦାସଙ୍କ ଦ୍ୱାରା ସେ ପ୍ରଭାବିତ ଥିଲେ। ମାନବ କଲ୍ୟାଣରେ ନିୟୋଜିତ ହେବାକୁ ବେଣୀମାଧବ ହିଁ ତାଙ୍କୁ ଉପଦେଶ ଦେଇଥିଲେ। ଇଚ୍ଛା ନଥିଲେ ବି ସୁଭାଷ, ପିତାଙ୍କ ଇଚ୍ଛାକୁ ସମ୍ମାନ ଦେଇ କାଲକାତାର ସ୍କଟିସ୍ କଲେଜରେ ଭର୍ତ୍ତି ହୋଇଥିଲେ। ଦର୍ଶନ ଶାସ୍ତ୍ରରେ ଉତ୍ତୀର୍ଣ୍ଣ ହେବା ପରେ ଇଂଲଣ୍ଡ ଯାଇ ଆଇସିଏସ୍ ପରୀକ୍ଷା ଦେଇ କୃତକାର୍ଯ୍ୟ ମଧ୍ୟ ହୋଇଥିଲେ। ଏହା ପିତା ଜାନକୀନାଥଙ୍କୁ ପରିତୃପ୍ତି ଦେଇଥିଲା। ତେବେ ଚାକିରି କରିପାରିବେ ନାହିଁ ବୋଲି ସେ ସବିନୟ ପିତାଙ୍କୁ ଜଣାଇଦେଇଥିଲେ। କହିଥିଲେ ବ୍ରିଟିଶ ଶାସନର ବାହକ ନୁହେଁ ବିନାଶକ ଭୂମିକା ଗ୍ରହଣ କରିବା ପାଇଁ ତାଙ୍କର ଜନ୍ମ। ଦୃଢ଼ମନା ପୁତ୍ରକୁ ନିଷ୍ପତ୍ତିକୁ ଟଳାଇବା ଅସମ୍ଭବ ବୋଲି ପିତାଙ୍କର ହୃଦ୍‌ବୋଧ ହୋଇଥିଲା ଏବଂ ସ୍ୱାଧୀନତା ଆନ୍ଦୋଳନରେ ଝାସଦେବା ପାଇଁ ସେ ସମ୍ମତି ପ୍ରଦାନ କରିଥିଲେ।

ସୁଭାଷ ପ୍ରଥମେ ମହାତ୍ମାଙ୍କ ନେତୃତ୍ୱକୁ ସ୍ୱୀକାର କରିଥିଲେ। ତେବେ କ୍ରମେ ମହାତ୍ମାଙ୍କ ଚିନ୍ତାଧାରା, ତାଙ୍କୁ ଅବାନ୍ତର ଅସଙ୍ଗତ ମନେ ହୋଇଥିଲା। ୧୯୩୯ରେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ପଦ ଲାଗି ସେ ମହାତ୍ମାଙ୍କ ଦ୍ୱାରା ମନୋନୀତ ପ୍ରାର୍ଥୀ ପଟ୍ଟାଭି ସୀତାମୈୟାଙ୍କ ବିରୋଧରେ ଲଢ଼ି ବିଜୟୀ ହୋଇଥିଲେ। ସୁଭାଷଙ୍କ ବିଜୟ ପରେ ମହାତ୍ମା କହିଥିଲେ, ପଟ୍ଟାଭିଙ୍କ ପରାଜୟ ମୋର ପରାଜୟ। ଏହା ସୁଭାଷଙ୍କୁ ଗଭୀର ଭାବେ ବ୍ୟଥିତ କରିଥିଲା। କଂଗ୍ରେସ କାର୍ଯ୍ୟକାରୀ କମିଟି ଗଢ଼ିବା ପାଇଁ ମହାତ୍ମାଙ୍କ ଆଡୁ ଅସହଯୋଗ ଦେଖି ସେ ଇସ୍ତଫା ଦେଇ ଗଠନ କରିଥିଲେ ଫରୱାର୍ଡ଼ ବ୍ଲକ। ତାହା ପରେ ଦେଶ ତ୍ୟାଗ ବିଦେଶରେ ଆଜାଦ ହିନ୍ଦ ଫୌଜର ନେତୃତ୍ୱ ନେଇଥିଲେ। ତାଙ୍କ ସେନା ଇମ୍ଫାଲ ପର୍ଯ୍ୟନ୍ତ ଆସିପାରିଥିଲା। ତେବେ ଭାଗ୍ୟର ବିପର୍ଯ୍ୟୟ ତାଙ୍କୁ ଦିଲ୍ଲୀରେ ପହଞ୍ଚାଇପାରି ନଥିଲା। ଏକ ବିମାନ ଦୁର୍ଘଟନାରେ ତାଙ୍କର ମୃତ୍ୟୁ ଆଜି ଯାଏ ରହସ୍ୟମୟ ହୋଇରହିଛି। ପିଲାମାନେ ଏହି ମହାନ ଯୋଦ୍ଧାଙ୍କ ପାଇଁ ଭକ୍ତି ଅର୍ଘ୍ୟ ହେବ - ଆମେ ଏ ଦେଶ ମାତୃକାର ସେବା ଓ ସମାଜ ସେବାରେ ନିଜକୁ ସର୍ବଦା ଉତ୍ସର୍ଗପୂର୍ବକ ନିଜ ଗୁରୁଙ୍କ ମାର୍ଗ ଦର୍ଶନରେ ଜୀବନକୁ ଅତିବାହିତ କରିବା।

+ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ

# ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷ



ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପରମପୁରୁଷ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଶିଷ୍ୟତ୍ୱ ଗ୍ରହଣ କରି ଯେଉଁମାନେ ଜୀବନକୁ ଧନ୍ୟ କରିଥିଲେ ସେମାନଙ୍କ ମଧ୍ୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପିତାମାତା ଶ୍ରୀଯୁକ୍ତ ଜାନକୀନାଥ ବୋଷ ଓ ଶ୍ରୀମତୀ ପ୍ରଭାବତୀ ଦେବୀ ଅନ୍ୟତମ ଥିଲେ। କଟକର ଓଡ଼ିଆ ବଜାରରେ ରହୁଥିବା ବୋଷ ଦମ୍ପତିଙ୍କ ଅନୁରୋଧକ୍ରମେ ଶ୍ରୀ ଶ୍ରୀ ଠାକୁର, ତାଙ୍କର ମାତା ଓ ଶିଷ୍ୟବର୍ଗ ସହ ସୁଦୂର ବାଂଲାଦେଶର ପାବନା ଜିଲ୍ଲାର ହିମାଇତପୁର ଗ୍ରାମରୁ ଆସି ନୀଳାଚଳଧାମ ପୁରୀରେ ମାସାଧିକ କାଳ ହରନାଥ ଲଜ୍‌ରେ ରହି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିଥିଲେ।

ଆର୍ଯ୍ୟ ଭାରତ ବର୍ଷ ତଥା ଦେଶ ମାତୃକାର ସେବା କରିବା ପାଇଁ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଆଇ.ସି.ଏସ୍. ଚାକିରୀକୁ ପ୍ରତ୍ୟାଖ୍ୟାନ କରି ଭାରତକୁ ଫେରି ଆସିବା ପରେ ତାଙ୍କ ମାତାଙ୍କର ଆଦେଶକ୍ରମେ ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନ ନିମିତ୍ତ ପାବନା ସତ୍‌ସଙ୍ଗ ଆଶ୍ରମକୁ ଯାଇଥିଲେ। ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀଚରଣରେ ଭୂମିଷ୍ଠ ପ୍ରଣାମ କରି ତାଙ୍କର ପାଦତଳେ ବସି ଅତି ବିନୀତ ଭାବରେ କଥାବାର୍ତ୍ତା ହୋଇଥିଲେ। ସେଠାରେ ଜନୈକ ଭକ୍ତ ତାଙ୍କର ବସିବା ପାଇଁ ଗୋଟିଏ ଚେୟାର ଆଣି ଦିଅନ୍ତି। ସୁବାଷ ଚନ୍ଦ୍ର ସେହି ଭକ୍ତଙ୍କୁ କହିଲେ - ଜନକ ଜନନୀ ମୋର ଗୁରୁ, ଠାକୁର ମୋର ଗୁରୁଙ୍କର ଗୁରୁ, ତାଙ୍କ ସମ୍ମୁଖରେ ମୁଁ ଚେୟାରରେ ବସି ପାରିବି ନାହିଁ। ସୁବାଷ ଚନ୍ଦ୍ରଙ୍କ ମାମୁଁ ବାରିଷ୍ଟର ଜେ.ଏନ୍.ଦତ୍ତ ମଧ୍ୟ ସୁବାଷଙ୍କ ସହିତ ଆସିଥିଲେ। ଶ୍ରୀ ଶ୍ରୀ ଠାକୁରଙ୍କ ଅନ୍ୟତମ ଭକ୍ତ ଶ୍ରଦ୍ଧେୟ ସୁଶୀଲ ଚନ୍ଦ୍ର ବସୁ ତାଙ୍କୁ ଆଶ୍ରମର ସବୁକିଛି ବୁଲାଇ ଦେଖାନ୍ତି। ଶ୍ରୀ ଶ୍ରୀ ଠାକୁରଙ୍କର ଭାବଧାରା, କର୍ମଧାରା, ସମାଜ ସଂସ୍କାର, ଶିକ୍ଷା, ଦୀକ୍ଷା ଓ ବିବାହ ସଂସ୍କାର ଇତ୍ୟାଦି ବହୁ ବିଷୟରେ ଆଲୋଚନା ହୁଏ। ସତ୍‌ସଙ୍ଗର ସମସ୍ତ ବିଭାଗ ଦେଖିବା ପରେ ସୁବାଷ ଚନ୍ଦ୍ର କହନ୍ତି - ଆଶ୍ରମ କହିଲେ ଲୋକମାନେ ସାଧାରଣତଃ ସନ୍ନ୍ୟାସୀ ବା ଗୃହତ୍ୟାଗୀ ମାନଙ୍କର ବାସସ୍ଥାନ ବୋଲି ବୁଝନ୍ତି। ଗୃହୀ ହୋଇ ପରିବାର ପରିଜନ ସହ ଆଶ୍ରମ ଜୀବନ ଯାପନ କରିବାର ଦୃଷ୍ଟାନ୍ତ ଆପଣମାନେ ହିଁ ପ୍ରଥମେ ଦେଖାଇଛନ୍ତି। ଆପଣମାନେ ଯଦି ଏହିପରି ଭାବରେ ଆଗେଇ ଯାଆନ୍ତି ତାହାହେଲେ ଦେଶ ସମ୍ମୁଖରେ ଗାର୍ହସ୍ଥ୍ୟ ଆଶ୍ରମର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତସ୍ଥଳ ହୋଇ ପ୍ରତିଭାତ ହେବେ। ଶ୍ରୀ ଶ୍ରୀ ଠାକୁରଙ୍କର ଦୀକ୍ଷା, ଶିକ୍ଷା ଓ ବିବାହ ତଥା ସମାଜ ସଂସ୍କାର ଇତ୍ୟାଦି କଥାଶୁଣି ନେତାଜୀ ଅତ୍ୟନ୍ତ ଅଭିଭୂତ ହୋଇପଡ଼ିଥିଲେ ଏବଂ କହିଲେ, ଏ ସମ୍ବନ୍ଧରେ ଆପଣମାନେ ଯାହା କହିବାକୁ ଚାହୁଁଛନ୍ତି ତାହା ଦୃଢ଼ କଣ୍ଠରେ ଲୋକ ସାମ୍ନାରେ ଘୋଷଣା କରନ୍ତୁ। ଶ୍ରୀ ଶ୍ରୀ ଠାକୁରଙ୍କ ସହ ଆଲୋଚନା ସମୟରେ ସୁବାଷ ଚନ୍ଦ୍ର କହିଲେ - ସତ୍‌ସଙ୍ଗର ଭାବଧାରା ବିଷୟରେ ବିସ୍ତାରିତ ଆଲୋଚନା ହୋଇଛି। ବର୍ତ୍ତମାନ ଦେଶ ପାଇଁ ବହୁତ କିଛି କରିବାର ଅଛି। କିନ୍ତୁ କେଉଁଠାରୁ କାମ ଆରମ୍ଭ କଲେ ଦେଶର ପ୍ରକୃତ ସେବା ହେବ, ଏ ବିଷୟରେ ଆପଣଙ୍କ ମତ କ'ଣ ? ଏହାର ଉତ୍ତରରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ - ଦେଶର କାମ କରିବାକୁ ହେଲେ ପ୍ରଥମେ ମନୁଷ୍ୟ ତିଆରି କାର୍ଯ୍ୟକ୍ରମ ହାତରେ ନେବାକୁ ହେବ। ଭଲ ମଣିଷ ପାଇବାକୁ ହେଲେ ବିବାହ ସଂସ୍କାର ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ବିବାହ ଗୁଡ଼ିକ ସୁସଙ୍ଗତ ହେଲେ ହିଁ ଏହା ସମ୍ଭବ। ସଙ୍ଗତମାନେ ବର୍ଣ୍ଣ, ବଂଶ, ସ୍ୱାସ୍ଥ୍ୟ, ଶିକ୍ଷା, ସ୍ୱଭାବ, ଅଭ୍ୟାସ ଇତ୍ୟାଦି ସବୁକିଛିର ବିହିତ ସଙ୍ଗତି ଦରକାର। ବିହିତ ବିବାହ ହେଲେ ଭଲ ସନ୍ତାନ ସମାଜରେ ଜନ୍ମ ନେବେ। ସେତେବେଳେ ସେମାନଙ୍କ ଦ୍ୱାରା ହିଁ ଦେଶ ଓ ସମାଜର ସମସ୍ତ କର୍ମ ସମ୍ପାଦନ ହେବ। ଶ୍ରୀ ଶ୍ରୀ ଠାକୁରଙ୍କର ଅନ୍ୟତମ ଶିଷ୍ୟ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କୁ ମଧ୍ୟ ଶ୍ରୀ ଶ୍ରୀ ଠାକୁର ଏହା କହିଥିଲେ। ସୁବାଷ ଚନ୍ଦ୍ର ଅବନତ ମସ୍ତକରେ ଏହାକୁ ଗ୍ରହଣ କରି କହିଲେ - ମଣିଷ ତିଆରିର ଯେ ପ୍ରୟୋଜନ ଅଛି ତାହା ମୁଁ ଭାବି ଦେଖିଛି, କିନ୍ତୁ ବିବାହ ସଂସ୍କାରର ପ୍ରୟୋଜନୀୟତା ମୁଁ ଭାବିନାହିଁ। ସ୍ୱାମୀ ବିବେକାନନ୍ଦ ମଧ୍ୟ ମନୁଷ୍ୟ ତିଆରି କଥା କହିଯାଇଛନ୍ତି, ମାତ୍ର କେଉଁ ପ୍ରକାରରେ ଏହା ସମ୍ଭବ ଏ ବିଷୟରେ ସେମିତି କିଛି ପ୍ରକାଶ କରିନାହାନ୍ତି। ସେ ଶିକ୍ଷା ଉପରେ ବିଶେଷ ଜୋର ଦେଇଥିଲେ। ମାତ୍ର ମୁଁ ଏବେ ଭାବି ଦେଖୁଛି ଯେ ଯଦି ଭଲ ସଂସ୍କାରସମ୍ପନ୍ନ ଶିଶୁ ଜନ୍ମ ନ ନିଅନ୍ତି, ଖାଲି ଶିକ୍ଷା ସେମାନଙ୍କ ଉପରେ ବିଶେଷ ପ୍ରଭାବ ପକାଇ ପାରିବନାହିଁ। ବୀଜରୁ ଗଛ ହୁଏ, ବୀଜ ଭଲ ହେଲେ ଗଛ ମଧ୍ୟ ଭଲ ହେବ। ଆପଣଙ୍କ କଥା ଶୁଣି ଏହା ମୁଁ ବୁଝି ପାରିଛି। ଏହାପରେ ଶିକ୍ଷାର ଆବଶ୍ୟକତା ଅଛି ମଣିଷର ସହଜାତ ସଂସ୍କାରକୁ ଭିତ୍ତିକରି, ମାତ୍ର ଏହା ସମୟ ସାପେକ୍ଷ। ଶ୍ରୀ ଶ୍ରୀ ଠାକୁର କହିଲେ - ଏଥିପାଇଁ ସମୟ ନିଶ୍ଚିତ ଆବଶ୍ୟକ। ଆମେ ଏତେଦିନ ଜାତି ବା ସମାଜ ପାଇଁ କିଛି କରିନାହୁଁ, ବହୁତ ଆବର୍ଜନା ଜମି ରହିଛି, ସଫା କରିବାକୁ ସମୟ ଲାଗିବ। କାଟ୍‌ଛାଟ୍ କାର୍ଯ୍ୟକ୍ରମରେ ଜାତିର ସତ୍ୟକାର କଲ୍ୟାଣ ହୁଏନାହିଁ। ୧୯୩୯ ମସିହା ଜୁଲାଇ ୪ ତାରିଖରେ ପୁନର୍ବାର ନେତାଜୀ ସୁବାଷ ଚନ୍ଦ୍ରଙ୍କର ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଅନ୍ତିମ ସାକ୍ଷାତ ହୋଇଥିଲା ଓ ଏହା ପରେ ପରେ ନେତାଜୀଙ୍କର ଐତିହାସିକ ଅନ୍ତର୍ଦ୍ଧାନ ଘଟିଥିଲା। ବହୁଜନ ପରିବେଷ୍ଟିତ ନେତାଜୀ ଶ୍ରୀ ଶ୍ରୀ ଠାକୁରଙ୍କୁ ଦର୍ଶନ କରିଥିଲେ ଶେଷଥର ପାଇଁ କିନ୍ତୁ ବ୍ୟକ୍ତିଗତ କଥାବାର୍ତ୍ତା କରିବାର ଇଚ୍ଛା ପ୍ରକାଶ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନଥିଲା। ପରାଧୀନତାର ଶୃଙ୍ଖଳରୁ ଆର୍ଯ୍ୟ ଭାରତ ବର୍ଷକୁ ମୁକ୍ତ କରିବା ପାଇଁ ନେତାଜୀ ଆହ୍ୱାନ ଦେଇଥିଲେ - ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି। ଏହି ମହାନ ଦେଶଭକ୍ତ ବିପ୍ଳବୀଙ୍କର ବହୁ ତଥ୍ୟ ଲୋକଲୋଚନର ଅଗୋଚରରେ ରହିଯାଇଛି। ମାନ୍ୟବର ପ୍ରଧାନମନ୍ତ୍ରୀ ମହୋଦୟ ଏହି ଗୋପନୀୟ ତଥ୍ୟକୁ ଏବେ ଖୋଲି ଦେଇଛନ୍ତି। ତାଙ୍କର ଗୁଣାବଳୀ ଆଗାମୀ ଦିନର ଯୁବପିଢ଼ୀଙ୍କୁ ଯଥେଷ୍ଟ ପ୍ରେରଣା ଯୋଗାଇବ। ବଜ୍ର ନିନାଦ କଣ୍ଠରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଗାଇ ଉଠିଲେ - ରକ୍ତ ତପନ କ୍ଷିପ୍ତ ଆଲୋକ ରଶ୍ମି ପୁଲକ ଝଲକ ଝଲକ, ଦୀପ୍ତରିକ୍ତ ପାବକ ଅନଘ ମୃତ୍ୟୁ ବିଜୟ ଦାୟିନୀ, ଭାରତ ବିଶ୍ୱ ରତାୟିନୀ।

ସହ-ପ୍ରତିରଦ୍ଧିକ, ପ୍ରଫେସର,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ, କଟକ,
ମୋ: : ୯୪୩୭୦୫୧୯୫୭

# ଅଖିଳ ଭାରତ କୃଷକ ସଭା ପକ୍ଷରୁ ଏଡତାଳ ସୋସାଇଟିରେ ଗଣଧାରଣା




ବାସୁଦେବପୁର, ୨୨/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଏଡତାଳ ସେବା ସମବାୟ ସମିତିରେ ଅଖିଳ ଭାରତ କୃଷକ ସଭା ବାସୁଦେବପୁର ଶାଖା ପକ୍ଷରୁ ଚାଷୀ ମାନଙ୍କ ଧାନର କଟଣି ଛଟଣୀ ବିରୁଦ୍ଧରେ ଗଣ ଧାରଣା ଅନୁଷ୍ଠିତ ହୋଇ ଯାଇଛି। ଏହି ଗଣ ଧାରଣା ରେ ଯୋଗ ଦେଇଥିଲେ ଅଖିଳ ଭାରତ କୃଷକ ସଭା ର ସଭାପତି ହରିହର ବେହେରା, ନାରୀ ନେତ୍ରୀ ବନଲତା ଜେନା, ବସନ୍ତ ନାୟକ, ସୁବାସ ପଣ୍ଡା, ନାଗାର୍ଜୁନ ମଲ୍ଲିକ, କୈଳାସ ମଲ୍ଲିକ, ଅମରେନ୍ଦ୍ର ପଲେଇ,ସମୀର କୁମାର ଦାସ, ଅଭୟ ମହାପାତ୍ର, ରମେଶ ଚନ୍ଦ୍ର ସାହୁ, ସୁବାସ ପଲେଇ, ମୁକ୍ତିକାନ୍ତ ଘଡ଼େଇ ଓ ଅନ୍ୟାନ୍ୟ ଚାଷୀ ଭାଇ ବନ୍ଧୁ ଗଣ। ଶେଷରେ ଚାଷୀ ମାନଙ୍କ ଧାନର ଏକ କୁଇଣ୍ଟାଲ ରେ ଶତକଡା ସାତ କଟା ଯିବ ବୋଲି ସ୍ଥିର ହୋଇ ଥିଲା। ସଂପୂର୍ଣ୍ଣ ରୂପେ ଏଫ୍ ଏ କିୟୁ ମାନର ଧାନ ଦେବା ଚାଷୀ ଙ୍କ ପାଇଁ କଷ୍ଟ ହୋଇ ପଡ଼ିଛି ବୋଲି ଜନ ସାଧାରଣ ମତ ପ୍ରକାଶ କରିଥିଲେ। ମିଲର ଙ୍କ ମନମାନି ପାଇଁ ଅନେକ ଚାଷୀ ବିଭିନ୍ନ ସମସ୍ୟା ରେ ସମ୍ମୁଖୀନ ହେଉଛନ୍ତି ବୋଲି ଚାଷୀ ମାନେ ମତ ପ୍ରକାଶ କରିଥିଲେ। ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ କୃଷକ ସଂଗଠନ ରାଜ ରାସ୍ତା କୁ ଓହ୍ଲାଇବ ବୋଲି ପ୍ରକାଶ କରିଥିଲେ।

## ଲାଂଚ ନେଲା ବେଳେ ଡାକ୍ତରଙ୍କୁ ଧରିଲା ଭିଜିଲାନ୍ସ

ଭୁବନେଶ୍ୱର, ୨୨/୧ (ନି.ପ୍ର): କଟକ ବଡ଼ୟା ସିଏଚସିର ଡାକ୍ତର ବିଶ୍ୱନାଥ ଅଢ଼େକ ଲାଂଚ ନେବା ବେଳେ ଭିଜିଲାନ୍ସ ଦ୍ୱାରା ଧରା ପଡିଛନ୍ତି । ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ପ୍ରେସ ବିବୃତି ଜରିଆରେ ଏହି ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଏକ ପୋଷ୍ଟମର୍ଟମ ରିପୋର୍ଟ ପାଇଁ ୨ ହଜାର ନେଲା ବେଳେ ଭିଜିଲାନ୍ସ ତାକୁ ଧରିଥିଲା । ସେ ରିପୋର୍ଟ ପାଇଁ ୫,୫୦୦ ଦାବି କରି ଦ୍ୱିତୀୟ କିସ୍ତିରେ ୨ ହଜାର ନେଉଥିଲେ । ଧରାପଡ଼ିବା ପରେ ଡାକ୍ତରଙ୍କ ଦୁଇଟି ଘରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଚଢାଉ କରାଯାଉଥିବା ଜଣା ପଡିଛି ।

# ଜଳେଶ୍ୱର ପୋଲିସ ଓ ଜଳେଶ୍ୱର ଡ୍ରାଇଭର ମହସଂଘ ପକ୍ଷରୁ ମିଳିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ




ଜଳେଶ୍ୱର, ୨୨/୧ (ନି.ପ୍ର): ଏକଦା ମୋଟରଯାନ ସମସ୍ତଙ୍କ ପାଇଁ ଆବଶ୍ୟକତା ଅଛି ।କିନ୍ତୁ ଏହା ଏବେ ପ୍ରତିଷ୍ଠା,ଆଭିଜାତ୍ୟ ଓ ଆତ୍ମସମ୍ମାନର ପ୍ରତୀକ ପାଲଟି ଯାଇଛି। କିଏ କେତେ ବିଳାସପୂର୍ଣ୍ଣ ଓ ବ୍ୟୟବହୁଳ ଗାଡ଼ି କିଣି ପାରୁଛି ତାହା ଏବେ ପ୍ରତିଯୋଗିତାର ରୂପ ନେଇଛି ।ଏପରିକି ପରିବାରର ଲୋକସଂଖ୍ୟାଠାରୁ ଗାଡ଼ି ସଂଖ୍ୟା ବଢ଼ିବାରେ ଲାଗିଛି। ଯୁବପିଢ଼ିଙ୍କ ପାଇଁ ଦୁଇଚକିଆ ଯାନ ସତେଯେପରି ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇଯାଇଛି । ସଡ଼କ ଦୁର୍ଘଟଣା ପଛରେ ଆଉ ଏକ ମୁଖ୍ୟକାରଣ ହେଉଛି ଯାନବାହନ ସଂଖ୍ୟା ବୃଦ୍ଧି। ଯୁବପିଢ଼ିଙ୍କ ଗାଡ଼ି ଚଳାଇବାର ଉନ୍ମାଦକୁ ନିରୁତ୍ସାହିତ କରିବା ଲାଗି ୧୮ ବର୍ଷରୁ କମ୍ ବୟସର ଚାଳକଙ୍କୁ ଲାଇସେନ୍ସ ପ୍ରଦାନ ନ କରିବା ଲାଗି ନିୟମ ରହିଛି। ଏଥିପାଇଁ ଜରିମାନା ବ୍ୟବସ୍ଥା ମଧ କରାଯାଇଛି। ସଡ଼କ ଦୁର୍ଘଟଣାର କାରଣମାନଙ୍କ ମଧ୍ୟରୁ ୬୦% ହେଉଛି ନିଶାସକ୍ତ ଗାଡ଼ିଚାଳନା ।ନିଶାସେବନ କରି ଚାଳକ ଆସନରେ ବସିଲେ ଗାଡ଼ି ଷ୍ଟାର୍ଟ ନ ହେବାର ଯେଉଁ ବ୍ୟବସ୍ଥା ଏବେ ବ୍ୟୟବହୁଳ ଗାଡ଼ିରେ ଉପଲବ୍ଧ ତାହା ସବୁଗାଡ଼ିରେ ବାଧ୍ୟତାମୂଳକ କରାଗଲେ ସଡ଼କ ଦୁର୍ଘଟଣା ଅନେକାଂଶରେ ହ୍ରାସ ପାଇପାରନ୍ତା। ବ୍ୟକ୍ତିଗତ ଗାଡ଼ି ଚଢ଼ିବାର ମାନସିକତା ପରିତ୍ୟାଗ କରି ସର୍ବସାଧାରଣ ଯାତାୟତର କିଭଳି ସର୍ବାଧିକ ଉପଯୋଗ କରାଯାଇପାରିବ ସେ ଦିଗରେ ସମସ୍ତଙ୍କ ମାନସିକତାରେ ପରିବର୍ତ୍ତନ କରିବାର ସମୟ ଆସିଛି। ସଡ଼କ ଦୁର୍ଘଟଣାକୁ ଏଡ଼ାଇବା ଲାଗି ଯଦି ସରକାରଙ୍କ ଆନ୍ତରିକତା ଓ ନିଷ୍ଠା ଥାଏ ତେବେ ସାର୍ବଜନୀନ ପରିବହନ ସେବାକୁ ଆହୁରି ସୁସଂହତ, ଶୃଙ୍ଖଳିତ, ବ୍ୟବସ୍ଥିତ ଓ ଉନ୍ନତ କରିବା ସହିତ ଏମ୍ଭି ଆଇନକୁ ସଂଶୋଧନ କରି ଆହୁରି କଠୋର କରିବା ଆବଶ୍ୟକତା ରହିଛି। ତଥାପି ସଡ଼କ ଦୁର୍ଘଟଣା ହ୍ରାସ ପାଇବା ବଦଳରେ ବଢ଼ିବାରେ ଲାଗିଛି। ଏହାପଛରେ କେତେକ ଅଦୃଶ୍ୟ କାରକ ରହିଥିବାରୁ ସଡ଼କ ଦୁର୍ଘଟଣା ନିୟନ୍ତ୍ରଣକୁ ଆସିପାରୁନାହିଁ। ତେଣୁ ଆଜି ଦିନ ୧୦ ଘଟିକା ସମୟରେ ଜଳେଶ୍ୱର ଆଇଆଇସିଙ୍କ ରଞ୍ଜନ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଳେଶ୍ୱର ବଡ ବଜାର ଠାରୁ ଜଳେଶ୍ୱର ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ଜଳେଶ୍ୱର ପୋଲିସ ଓ ଜଳେଶ୍ୱର ଡ୍ରାଇଭର ମହସଂଘ ପକ୍ଷରୁ ମିଳିତ ଭାବେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ପାଇଁ ଫ୍ଲାଗକାଡ ଧରି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଡ୍ରାଇଭର ମହାସଂଘର ସଭାପତି ଚନ୍ଦନ ଭଟ୍ଟାଚାର୍ଯ୍ୟ, ସମ୍ପାଦକ ଭାସ୍କର ମହାନା, ମିର ୱାର୍ଦ୍, ରାମକୃଷ୍ଣ ଦାସ,ଏସ କେ ଜମିର ଉଦିନ ପ୍ରମୁଖ ସହଯୋଗ କରିଥିଲେ।

## ଏସ୍. ଇ. ରେଳ ଟେଣ୍ଡର

ଟେଣ୍ଡର ନୋଟିସ୍ ନମ୍ବର: ଇ-ଟେଣ୍ଡର/ଜିଏସୟୁ/୨୦୨୫/୦୧ ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଡେପୁଟି ଚିଫ୍ ପ୍ରୋଜେକ୍ଟ ମ୍ୟାନେଜର, ଗତି ଶକ୍ତି, ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ ତାରିଖରେ ଅପରାହ୍ନ ୩ଟା ପୂର୍ବରୁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି ଏବଂ ଅପରାହ୍ନ ୩ଟାରେ ଖୋଲାଯିବ। କ୍ରମିକ ନମ୍ବର, ଟେଣ୍ଡର ନମ୍ବର, କାର୍ଯ୍ୟର ବର୍ଣ୍ଣନା, ଟେଣ୍ଡର ମୂଲ୍ୟ (ଟଙ୍କା), ଆୟ ଟଙ୍କା (ଟଙ୍କା): (୧) ଇ-କେଜିପି-ଜିଏସ-୦୧-୨୦୨୫, ସାନ୍ତ୍ରାଗାଛି: ସିପିଏମ/ ଜିଏସ/ଖଡ଼ଗପୁର ୧୫ ଅଧୀନରେ ନୂତନ ଷ୍ଟେସନ କୋଠାର ମୁଖବନ୍ଧର ଉନ୍ନତିକରଣ ୪୭.୫୧,୬୭୦.୮୨ ; ୫୯,୨୩,୮୦୦. ୦୦ (୨) E-KGP-GS-02-2025, ଶାଲିମାର: CPM/ GS/ଖଡ଼ଗପୁରର ଅଧିକାରକ୍ଷେତ୍ର ଅଧୀନରେ ନୂତନ ଷ୍ଟେସନ କୋଠାର ମୁଖଶାଳାର ଉନ୍ନତି; ୫୬,୩୬,୪୫,୭୭୨. ୬୯; ୪,୬୮,୨୦୦.୦୦; ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ (ଟଙ୍କା) ୦.୦୦ (ସମସ୍ତଙ୍କ ପାଇଁ); ଖୋଲିବାର ତାରିଖ ୧୦.୦୨.୨୦୨୫ (ସମସ୍ତଙ୍କ ପାଇଁ); କାର୍ଯ୍ୟ ସମାପ୍ତି ଅବଧି: ୧୨ ମାସ (ସମସ୍ତଙ୍କ ପାଇଁ)। ବିଡିଂ ଆରମ୍ଭ ତାରିଖ: ୨୭.୦୧.୨୦୨୫ ରୁ ୧୦.୦୨.୨୦୨୫ ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ ବିଶିଷ୍ଟୀକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବରେ "www.ireps.gov.in" ପରିଦର୍ଶନ କରିପାରିବେ।

(PR-1045)

## ଚିକିତ୍ସାଧୀନ ଅବସ୍ଥାରେ ନନ୍ଦନକାନନରେ ହାତୀ ମୃତ

ଭୁବନେଶ୍ୱର, ୨୨/୧ (ନି.ପ୍ର): ନନ୍ଦନକାନନରେ ଚିକିତ୍ସାଧୀନ ଅବସ୍ଥା ରେ ଏକ ହାତୀର ମୃତ୍ୟୁ ଘଟିଛି । ଏ ନେଇ ନନ୍ଦନକାନନ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ ଗତ ୬ ତାରିଖ ରେ କରଞ୍ଜିଆ ବନଖଣ୍ଡ ଅଂଚଳ ରୁ ହାତୀ କୁ ଉଦ୍ଧାର କରାଯାଇଥିଲା । ହାତୀ ର ମେରୁଦଣ୍ଡ ରେ ଆଘାତ ଲାଗିଥିବା ବେଳେ ହାତୀ ଅସୁସ୍ଥ ଥିଲା । ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ ଗଠନ କରାଯାଇ ହାତୀ ର ଚିକିତ୍ସା କରାଯାଉଥିଲା । ଏହା ସତ୍ତ୍ୱେ ହାତୀ ର ସ୍ୱାସ୍ଥ୍ୟ ବସ୍ଥା ରେ କୌଣସି ସୁଧାର ଆସି ନ ଥିଲା । ଆଜି ସକାଳୁ ହାତୀ ଟି ପ୍ରାଣ ହରାଇଥିବା ବନ ବିଭାଗ ସୂଚନା ଦିଆଯାଇଛି ।

# ଗଙ୍ଗାମାତା ପୂଜାଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର , ୨୨/୧ (ନି.ପ୍ର): କଷାଫଳ ସାମୁଦ୍ରିକ ଥାନା ଅନ୍ତର୍ଗତ ବାହାବଳପୁର ମତ୍ସ୍ୟଜିବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ଆୟୋଜିତ ୭୪ ତମ ସାର୍ବଜନୀନ ଗଙ୍ଗାମାତା ପୂଜା ଉତ୍ସବ ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ସଂଘ ସଭାପତି ବିକାଶ ଦାସ ପୌରାହିତ୍ୟ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ଓ ମୁଖ୍ୟ ବକ୍ତା ସଦର ବ୍ଲକ ଅଧକ୍ଷା ସୁନିତା ବେହେରା ଯୋଗ ଦେଇ ବାହାବଳପୁର ଜେଟି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ହେଲେ ଆର୍ଥିକ ମାନଦଣ୍ଡର ଅବିବୃଦ୍ଧି ଘଟିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଗୟାପ୍ରସାଦ ଦାସ,ସଂଘର ପୂର୍ବତନ ସଭାପତି ତାପସ ମାଇତି, ସମାଜସେବୀ ବିଜୟାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ସଙ୍ଘର ସାଧାରଣ ସମ୍ପାଦକ ଗୋରାଚାନ୍ଦ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ । ସଂଘ ଯୁଗ୍ମ ସମ୍ପାଦକ ଅଞ୍ଜନ କୁମାର ପରିଡା,ଉପ ସଭାପତି ସୁକୁମାର ପାତ୍ର, କୋଷାଧକ୍ଷ ଗୌରାଙ୍ଗ ଚରଣ ମଣ୍ଡଳ ଓ ଅଶୋକ କୁମାର ସାହୁ, ସହ ସମ୍ପାଦକ ହେମନ୍ତ କୁମାର ସାହୁ, ଉପଦେଷ୍ଟା କାହ୍ନୁଚରଣ ବେରା, ଅନିଲ ପାତ୍ର, ରତନ କୁମାର ବେରା ଓ ସୁରେଶ ଚନ୍ଦ୍ର ମାନ୍ନା, ଜୟଦେବ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ । ମତ୍ସ୍ୟ ବିକ୍ରୟ କେନ୍ଦ୍ର ଠାରୁ ଜେଟି ପର୍ଯ୍ୟନ୍ତ ଉଜ୍ଜ୍ୱଳ ଆଲୋକ , ସିସିଟିଭି ବ୍ୟବସ୍ଥା , ଜେଟି ଠାରୁ ବଳରାମଗଡ଼ି ପର୍ଯ୍ୟନ୍ତ ସମୁଦ୍ର କୂଳରେ ପଥର ବନ୍ଧ ନିର୍ମାଣ, ସୋଲପଟା ଠାରେ ନିର୍ମାଣଧୀନ ପୋଲକୁ ପୂର୍ଣ୍ଣାଙ୍ଗ କରିବା ସହ ରାସ୍ତାର ପ୍ରଶସ୍ତିକରଣ,ପଞ୍ଚପଡା ନଦୀ ମୁହାଣକୁ ଡ୍ରେଜର ଦ୍ୱାରା ଖନନ କରିବା, ଜେଟି ସମ୍ପ୍ରସାରଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରାଯିବା, ଦୁବୁଲାଗଡି ବେଳାଭୂମିକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଆଦି ୮ ଦଫା ସମ୍ବଳିତ ଦାବିପତ୍ର ଜିଲା ପରିଷଦ ସଭାପତି ଓ ବ୍ଲକ ଚେୟାରମ୍ୟାନଙ୍କୁ ଦିଆଯାଇଥିଲା । ମୃତ ମତ୍ସ୍ୟଜିବୀଙ୍କ ପରିବାରକୁ ସଂଘ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଶେଷରେ ସରପଞ୍ଚ ତଥା ସଂଘର ଯୁଗ୍ମ ସମ୍ପାଦକ ପ୍ରବୀର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭିନ୍ନକ୍ଷମ ଓ ଅସହାୟ ଲୋକଙ୍କୁ ସାହାଯ୍ୟ ଦେଲେ ପିଣ୍ଟୁ ପ୍ରଧାନ



ବାସୁଦେବପୁର , ୨୨/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାଲିମୁଣ୍ଡା ଠାରେ ଆଜି ବିଶିଷ୍ଟ ସମାଜସେବୀ ରତିକାନ୍ତ ପ୍ରଧାନ ପିଣ୍ଟୁ ଦୁଃଖୀ ଗରିବ, ଭିନ୍ନ କ୍ଷମ ଓ ଅସହାୟ ଲୋକ ମାନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେଇଛନ୍ତି। ଗରିବ ଲୋକଙ୍କୁ ଫଳ, ସାଲ, ଚାଦର, ବିସ୍କୁଟ ଓ କିଛି ଆର୍ଥିକ ସାହାଯ୍ୟ ସହଯୋଗ ଯୋଗାଇ ଦିଆ ଯାଇଛି। ବାଲିମୁଣ୍ଡା ଗୋଚର ପଡ଼ାର ସରସ୍ୱତୀ ହାଜରା ବୟସ ୭୫ , ବାସନ୍ତୀ ଚଣ୍ଡ, ଲକ୍ଷ୍ମୀ ବେହେରା, କାଳିଆ ବୋଦା ଗ୍ରାମର ଭୀମ ରାୟ, ଭିନ୍ନ କ୍ଷମ ଓ ପାରାଲିଶିସ ରୋଗୀ, ତେନ୍ତୁଳି ଆଡିଆ ଗ୍ରାମର ସରୋଜିନୀ ଦାସ , କାଳିଆ ବୋଦା ଗ୍ରାମର ଶଙ୍କର ମାଇତି ଭିନ୍ନ କ୍ଷମ ପ୍ରମୁଖ ଅସହାୟ ଲୋକ ମାନଙ୍କୁ ସମାଜସେବା ପିଣ୍ଟୁ ପ୍ରଧାନ ସାହାଯ୍ୟ ସହଯୋଗ ଯୋଗାଇ ଦେଇଛନ୍ତି। ସମାଜସେବୀ ପିଣ୍ଟୁ ପ୍ରଧାନ ଙ୍କ ସହିତ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ ଗୌତମ ନାୟକ, ରାଜ କମଲ ଜାନା, ଜଗନ୍ନାଥ ଗିରି, ଅର୍ଜୁନ, ସନାତନ ଦଳାଇ। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ କରଞ୍ଜଆଡ଼ିଆ ଗ୍ରାମରେ ସମାଜସେବୀ ରତିକାନ୍ତ ପ୍ରଧାନ ପିଣ୍ଟୁ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ଓଡ଼ିଶାର ବିଭିନ୍ନ ସ୍ଥାନରେ ସେ ଦୁଃଖୀ ଗରିବ ଲୋକଙ୍କୁ ସାହାଯ୍ୟ ସହଯୋଗ ଓ ସେବା ଯୋଗାଇ ଦେଇ ଆସିଛନ୍ତି। ଆଗାମୀ ଦିନରେ ବାସୁଦେବପୁର ବ୍ଲକ ରେ ମେଡ଼ିକାଲ ରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିବା ସହିତ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ ଓ ବୃଦ୍ଧ ବୃଦ୍ଧା ଆଶ୍ରମରେ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଥିଲେ। ଏହି ସମାଜସେବା ପାଇଁ ଶ୍ରୀ ପ୍ରଧାନଙ୍କୁ ଅନେକ ଗୁରୁଜନ, ବନ୍ଧୁ ବର୍ଗ,ଯୁବ ବର୍ଗ ଓ ଅନୁଷ୍ଠାନ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ନିଆଁ ଗୁଜବ ପରେ...

ସେହିପରି ଭୁସାବଲରୁ ଗୋଟିଏ ରିଲିଫ ଟ୍ରେନ ଘଟଣା ସ୍ଥଳରୁ ସହାୟତା ପାଇଁ ଯାଇଛି। ଘଟଣା ସ୍ଥଳରେ ହିଁ ମେଡିକାଲ ସହାୟତା ଯୋଗାଇ ଦେବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଅଧିକାରୀ ଜଣଙ୍କ କହିଛନ୍ତି। ସାମ୍ନାକୁ ଆସିଥିବା ଫଟୋ ଓ ଭିଡିଓରେ ଦେଖିବାକୁ ମିଳୁଛି ଯେ ମୃତାହତମାନେ ଟ୍ରାକରେ ପଡ଼ି ରହିଛନ୍ତି। ଜିନିଷପତ୍ର ସବୁ ଏଣେତେଣେ ପଡ଼ି ରହିଛି। କିଛି ଲୋକ ନିଜର ପ୍ରିୟଜନମାନଙ୍କୁ ହରାଇ କେବଳ ଚିତ୍କାର କରୁଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଘଟଣାରେ ଶୋକ ପ୍ରକାଶ କରିବା ସହ ଜିଲ୍ଲା ପ୍ରଶାସନ ସହ ଲୋକଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବା ପାଇଁ କହିଛନ୍ତି। ସେ କହିଛନ୍ତି, "ଜଲଗାଓଁ ଜିଲ୍ଲାର ପାଚୋରା ଠାରେ ଘଟିଥିବା ଦୁର୍ଭାଗ୍ୟଜନକ ଘଟଣାରେ ଲୋକଙ୍କ ଜୀବନ ଯିବା ଅତ୍ୟନ୍ତ ବିଚଳିତ କରିଛି। ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ମୁଁ ଶୋକବ୍ୟକ୍ତ କରୁଛି। ମୋ ସହଯୋଗୀ, ମନ୍ତ୍ରୀ ଗିରଶ ମହାଜନ, ସ୍ଥାନୀୟ ଏସ୍‌ପି ଓ ଜିଲ୍ଲାପାଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ପୂରା ଜିଲ୍ଲା ପ୍ରଶାସନ ରେଳ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି କାମ କରୁଛି। ଆହତଙ୍କ ତୁରନ୍ତ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯାଇଛି। ଘଟଣା ସ୍ଥଳରୁ ୮ଟି ଆମ୍ବୁଲାନ୍ସ ପଠାଯାଇଛି।

## ୫ଟି ସ୍କୁଲ ନାଁରେ ପିଲାଙ୍କୁ ...

୧୧ ହଜାର ୯୩୯ କୋଟି ଖର୍ଚ୍ଚ କରିବେ। ପ୍ରାଥମିକ ଶିକ୍ଷାକୁ ନେଇ ଥିବା ଅବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଦୂର କରାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଜବାବରେ ବିଜେଡି କହିଛି, ୫ଟି ରୂପାନ୍ତରୀକରଣ ଶିକ୍ଷା ବ୍ୟବସ୍ଥାରେ ଆଣିଥିଲା ବୈପ୍ଲବିକ ପରିବର୍ତ୍ତନ। ପାଚେରୀ ନାହିଁ, ମୁଖ୍ୟ ଗେଟ୍ ନାହିଁ, ପିଲାଙ୍କ ପାଇଁ ନା ଶୌଚାଳୟ ଅଛି ନା ସାଇକେଲ ଷ୍ଟାଣ୍ଡ । ନାହିଁ ନାହିଁର ଏ ସ୍କୁଲ ପୁଣି ୫ଟି ସ୍ମାର୍ଟ ସ୍କୁଲ। ନବରଙ୍ଗପୁର ଉମରକୋଟ ବ୍ଲକର ଏହି ସଂଗ୍ରାମୀ ବଳୀପୂଜାରୀ ଉଚ୍ଚ ବିଦ୍ୟାଳୟରେ କେବଳ ଚୂନ ଓ ରଙ୍ଗ ମାରି ଛାଡିଦିଆଯାଇଛି ତା ଅବସ୍ଥାରେ । ସେହିପରି ଚାନ୍ଦବାଲିରେ ବିଜେଡି ସରକାର ଅମଳ ସ୍ମାର୍ଟ୍ ସ୍କୁଲର ଆଉ ଏକ ବିକଳ ଚିତ୍ର । ଭଦ୍ରକ ଚାନ୍ଦବାଲି ବ୍ଲକ ଚଡଦିଆ ଉଚ୍ଚ ବିଦ୍ୟାଳୟ । ୫ଟି ମାଧ୍ୟମରେ ଖର୍ଚ୍ଚ ହୋଇଛି ୬୩ ଲକ୍ଷ ଟଙ୍କା । ହେଲେ ଏବେ ବି କାମ ସରିନି । ପିଲାଙ୍କ ପାଇଁ ଭଲ ଚେୟାର, ଟେବୁଲ୍ ଖଣ୍ଡିଏ ପଡିନି । ନା ଭଲ ଶୌଚାଳୟ ଟିଏ ଅଛି ନା ପିଇବା ପାଣିର ସୁବିଧା । ସେହିପରି ବାଲେଶ୍ୱର ଶ୍ରଦ୍ଧାମଣି ୟୁ.ଏନ୍. ହାଇସ୍କୁଲର ଅବସ୍ଥା ବି ସମାନ।

## 'ସୁଭଦ୍ରା'ରେ ୧୫୭...

ନେଇ ତେଜିଛି ରାଜନୀତି । ସୁଭଦ୍ରା ପାଇଁ ଆବେଦନ କରିଛନ୍ତି ପୁରୁଷ । ଆଧାର କାର୍ଡ, ବ୍ୟାଙ୍କ ଲିଙ୍କ୍ ବେଳେ ଧରାପଡିଲା ଜାଲିଆତି । ୧୫୭ ଜଣ ପୁରୁଷ ଫେକ୍ ଡକ୍ୟୁମେଣ୍ଟ ଦେଇ ସୁଭଦ୍ରା ଟଙ୍କା ପାଇବାକୁ ଫନ୍ଦି କରିଥିଲେ । ଆଜି ଏଭଳି ଚାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ତେବେ ଯାଞ୍ଚ ବେଳେ ସେମାନଙ୍କୁ ବାଦ ଦିଆଯାଇଛି । ସମାନ ଅବସ୍ଥା ରାସନ କାର୍ଡ ହିତାଧିକାରୀ ତାଲିକାରେ ବି । ସରକାରୀ ଚାକିରିଆ ଠୁ ଆରମ୍ଭ କରି ଡାକ୍ତର, ଶିକ୍ଷକ ଯାଏ ଲକ୍ଷାଧିକ ଅଯୋଗ୍ୟ ଏଭଳି ରାସନ କାର୍ଡ ହାତେଇଥିଲେ । ତେବେ ଇ-କେୱାଇସି ଅପଡେଟ୍ ଅବଧି ସରିବା ପୂର୍ବରୁ ଅଯୋଗ୍ୟ ହିତାଧିକାରୀମାନେ କାର୍ଡ ସରେଣ୍ଡର କରିବାକୁ ଚେତାବନୀ ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ । ଯଦି ସରେଣ୍ଡର ନକରନ୍ତି ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ନେବେ ସରକାର। ପ୍ରାୟ ୪୨ ଲକ୍ଷ ହିତାଧିକାରୀ ଏଯାଏ ଇ-କେୱାଇସି ଅପଡେଟ୍ କରିନାହାନ୍ତି। ଯେଉଁଥିରୁ ସ୍ପଷ୍ଟ ଯେ ଅଯୋଗ୍ୟଙ୍କ ତାଲିକା କେତେ । ଏଠି ପ୍ରଶ୍ନ ଉଠୁଛି, ସରକାରୀ ଯୋଜନା ପାଇଁ ଅଯୋଗ୍ୟଙ୍କ ଏତେ ଆକର୍ଷଣ କାହିଁକି ? ପୂର୍ବ ବିଜେଡି ସରକାରରେ କଣ ସରକାରୀ ଯୋଜନାକୁ ଫେକ୍ ଡକୁମେଣ୍ଟ ଦ୍ୱାରା ହାତେଇବା ଏତେ ସହଜ ଥିଲା ? ଆବାସ, ଭତ୍ତା, ମେଧାବୃତ୍ତି, ରାସନ କାର୍ଡ ଯୋଜନାରେ ମାଳ ମାଳ ଅଭିଯୋଗ ଅଯୋଗ୍ୟ ହିତାଧିତକାରୀଙ୍କ ନାଁରେ। ସେପଟେ ବିଜେଡି ପ୍ରଶ୍ନ କରିଛି, ଆଧାର ଲିଙ୍କ ସତ୍ତ୍ୱେ ଅଯୋଗ୍ୟ ହିତାଧିକାରୀ ଆବେଦନ କିପରି କରୁଛନ୍ତି ? ଯଦି କେହି ଅଯୋଗ୍ୟ ଅଛନ୍ତି ସେମାନଙ୍କ ବିରୋଧରେ ଆକ୍ସନ ନିଅନ୍ତୁ ସରକାର। କଂଗ୍ରେସ ମଧ ସମାନ ଦାବି କରିଛି। ବିଜେପି କହିଛି ବିଜେଡି ସରକାର ସମୟରେ ଦଳୀୟ ଭିତ୍ତିରେ ସରକାରୀ ଯୋଜନା ପାଇଁ ହିତାଧିକାରୀ ତାଲିକା ପ୍ରସ୍ତୁତ ହେଉଥିଲା। ଯେଉଁଥିଲାଗି ବର୍ତ୍ତମାନ ବି ଅଯୋଗ୍ୟ ସେହି ଫନ୍ଦି ଆପଣାଉଛନ୍ତି। କିନ୍ତୁ ବିଜେପି ସରକାର ଏଭଳି ଅଯୋଗ୍ୟ ହିତାଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛନ୍ତି। ସରକାରୀ ବ୍ୟବସ୍ଥା ଓ ଯୋଜନାରେ ସତେ ଯେମିତି ମୋଟା ପରସ୍ତର ଧୂଳି ବସିଯାଇଛି । ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଲାଗି ମୋହନ ସରକାର କଠୋର ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଏବେ ଦେଖିବାର କଥା ଆଗକୁ ଅଯୋଗ୍ୟ ହିତାଧିକାରୀଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ହେଉଛି ।

## ରାଜ୍ୟ କ୍ୟାବିନେଟ୍‌ରେ ...

ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କହିଛନ୍ତି । ଗୋଟିଏ ଆଦର୍ଶ ବିଦ୍ୟାଳୟ ଲାଗି ୪ରୁ ୫ କୋଟି ଖର୍ଚ୍ଚ ହେବ । ବୈଠକରେ ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି ଯେ, ପ୍ରତି ଉଚ୍ଚ ବିଦ୍ୟାଳୟକୁ ସୁଦୃଢ଼ କରାଯିବ। ସ୍ମାର୍ଟ ବିଦ୍ୟାଳୟ ପାଇଁ ପ୍ରାଥମିକ ବିଦ୍ୟାଳୟ ଫିଡର ସ୍କୁଲ୍ ରହିବ । ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ରହିବ । ରାଜ୍ୟର ୬୭୯୪ ପଞ୍ଚାୟତରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେବ । ମଡେଲ୍ ସ୍କୁଲର ନାଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ରହିବ । ସମସ୍ତ ଭିତ୍ତିଭୂମି ସହ ପର୍ଯ୍ୟାପ୍ତ ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତ କରାଯିବେ । ଜାତୀୟ ଶିକ୍ଷା ନୀତି ଅନୁସାରେ ବ୍ୟବସ୍ଥା କରାଯିବ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲା ଆଦର୍ଶ ବିଦ୍ୟାଳୟରେ ପାଠ ପଢ଼ିବେ। ସେଠାରୁ ପାଠପଢ଼ା ଶେଷ ପରେ ପିଲା ହାଇସ୍କୁଲ୍‌କୁ ଯିବେ। କୃଷି ବିଭାଗର ଶୀତଳ ଭଣ୍ଡାର ନେଇ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି। ନୂଆ ଶୀତଳ ଭଣ୍ଡାର ଲାଗି ପୁଞ୍ଜି ବିନିଯୋଗରେ ସବସିଡ୍ ଦିଆଯିବ । ଜନଜାତିଙ୍କ ସହିତ ମହିଳା ଓ ତୃତୀୟ ଲିଙ୍ଗୀଙ୍କୁ ସବସିଡ୍ ମିଳିବ। ୪ଟି ସ୍ଲାବ୍‌ରେ ସବସିଡ୍ ସୁବିଧା ମିଳିବ। ମୋଟ ପୁଞ୍ଜି ବ୍ୟୟର ୬୦ ପ୍ରତିଶତ ସବସିଡ୍ ମିଳିବ। ସର୍ବାଧିକ ୬ କୋଟି ୫୦ ଲକ୍ଷ ଟଙ୍କା ସବସିଡ୍ ଦିଆଯିବ। ଅନ୍ୟ ହିତାଧିକାରୀଙ୍କୁ ସ୍ଥାୟୀ ବ୍ୟୟର ୫୦ ପ୍ରତିଶତ ଅର୍ଥାତ୍ ୬ କୋଟି ପର୍ଯ୍ୟନ୍ତ ସବସିଡ୍ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶୀତଳ ଭଣ୍ଡାର ପାଇଁ ପ୍ରଥମ ଦିନରୁ ବିଜୁଳି ବିଲ୍ ?ରେ ରିହାତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ଓଡ଼ିଶାରେ ସେମିକଣ୍ଡକ୍ଟର କାରଖାନା ଲାଗି ପ୍ରୋତ୍ସାହନ ଦିଆଯିବ । ଏଥିପାଇଁ ଆରଆଇଆର ପାୱାର ଇଲୋକ୍ଟ୍ରୋନିକ୍ସ ଲିମିଟେଡ୍‌କୁ ୫୦ ପ୍ରତିଶତ ଇନସେଣ୍ଟିଭ୍ ଦିଆଯିବ । ପୂର୍ବରୁ ସରକାର ୩୦ ପ୍ରତିଶତ ଦେଉଥିଲେ, ୨୦ ପ୍ରତିଶତ ଟପଅପ୍ ଆକାରରେ ଦିଆଯିବ । ଏଥିପାଇଁ ୨ଟି ପର୍ଯ୍ୟାୟ ୧୧୦ କୋଟି ଖର୍ଚ୍ଚ ହେବ । ୭୫୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ମିଳିବ । ଫେବ୍ରୁଆରି ୫, ୬ ଓ ୭ରେ ଷୋଡ଼ଶ ଅର୍ଥ କମିଶନ ଓଡ଼ିଶା ଆସିବେ । ଅର୍ଥ କମିସନଙ୍କ ନିକଟରେ ଓଡ଼ିଶା ନିଜର ଦାବି ଉପସ୍ଥାପନ କରିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି। ୨୦୨୬ରୁ ୨୦୩୧ ବର୍ଷରେ ଉନ୍ନତିକରଣ କାର୍ଯ୍ୟ ଲାଗି ଅର୍ଥ କମିସନଙ୍କ ନିକଟରେ ଅର୍ଥ ଦାବି କରାଯିବ । ଓଡ଼ିଶା ପାଇଁ ୫ ବର୍ଷ ଲାଗି ୧୨ ଲକ୍ଷ ୫୬ ହଜାର ୧୪୮ କୋଟି ଟଙ୍କାର ଦାବି ରଖାଯିବ ବୋଲି ମୁଖ୍ୟମନ୍ତ୍ରୀ ।

## ଶୀତ କମିବ: ଘନ କୁହୁଡ଼ି ...

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ତାପମାତ୍ରାସ୍ତରରେ ସାମାନ୍ୟ ବୃଦ୍ଧି ଘଟିଛି । ଜି ଉଦୟଗିରିର ସର୍ବନିମ୍ନ ତାପମାତ୍ରା ୫.୪ ଡିଗ୍ରି ସେଲସିୟସ ରହିଛି। ଏହା ରାଜ୍ୟର ସବୁଠାରୁ ଶୀତଳ ଅଞ୍ଚଳ ପାଲଟିଛି। ଗୋଟିଏ ଦିନ ପୂର୍ବରୁ ଜି ଉଦୟଗିରିର ତାପମାତ୍ରା ୪.୨ ଡିଗ୍ରି ସେଲସିୟସ ଥିଲା। ସେମିଲିଗୁଡାର ତାପମାତ୍ରା ୬.୬ ଡିଗ୍ରି ସେଲସିୟସ ରହିଥିଲା। ଏହା ରାଜ୍ୟର ସର୍ବନିମ୍ନ ତାପମାତ୍ରା ଥିବା ଦ୍ୱିତୀୟ ଅଞ୍ଚଳ ପାଲଟିଥିଲା। ସେହିପରି ଫୁଲବାଣୀର ତାପମାତ୍ରା ୯ ଡିଗ୍ରି ସେଲସିୟସ, ରାଉରକେଲା ଏବଂ ଝାରସୁଗୁଡ଼ା ୧୦.୨ ଡିଗ୍ରି ସେଲସିୟସ ଥିବାବେଳେ ଦାରିଙ୍ଗବାଡିର ତାପମାତ୍ରା ୧୧ ଡିଗ୍ରି ସେଲସିୟସ ରେକର୍ଡ କରାଯାଇଥିଲା।

## ନକ୍ସଲଙ୍କ ଆକ୍ରମଣକୁ ପଣ୍ଡ...

ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ନକ୍ସଲ ୫ କିଲୋ ଲେଖାଏଁ ୮ଟି ଲ୍ୟାଣ୍ଡମାଇନ ଲଗାଇଥିଲେ। ସୁରକ୍ଷା କର୍ମୀଙ୍କୁ ସହଜରେ ଏହାଦ୍ୱାରା ଟାର୍ଗେଟ କରାଯାଇପାରିଥାନ୍ତା। ଯାହାଫଳରେ ବହୁ କ୍ଷତି ହୋଇଥାନ୍ତା ବୋଲି କୁହାଯାଉଛି। କିନ୍ତୁ ନକ୍ସଲଙ୍କ ଏକ ବଡ ଯୋଜନାକୁ ଯବାନ ପଣ୍ଡ କରିଥିଲେ। ସମସ୍ତ ୮ଟି ଲ୍ୟାଣ୍ଡମାଇନକୁ ଯବାନ ନିଷ୍କ୍ରିୟ କରିଥିଲେ। ଲଗାତାର ସୁରକ୍ଷାକର୍ମୀଙ୍କ ଦ୍ୱାରା ବହୁ କ୍ଷତି ସଂଗଠନ ସହିଲାଣି।

## ଅଯୋଗ୍ୟ ରାସନ କାର୍ଡଧାରୀଙ୍କ ...

ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। କିନ୍ତୁ ସ୍ୱେଚ୍ଛାକୃତ ଭାବେ କାର୍ଡ ସମର୍ପଣ କରି ନଥିବା ଅଯୋଗ୍ୟ କାର୍ଡଧାରୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବହୁ ସଂଖ୍ୟକ ଅଯୋଗ୍ୟ ହିତାଧିକାରୀ ରାଜ୍ୟରେ ରାସନ କାର୍ଡ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଲକ୍ଷ ଲକ୍ଷ ସରକାରୀ କର୍ମଚାରୀ, ଡାକ୍ତର, ଶିକ୍ଷକ ଏବଂ ଓଏଏସ୍ ଅଧିକାରୀମାନେ ରହିଛନ୍ତି। ଇ-କେୱାଇସି ଯାଞ୍ଚ ସମୟରେ ଏହା ସାମ୍ନାକୁ ଆସିଥିବା ମନ୍ତ୍ରୀ କହିଛନ୍ତି। ଇ-କେଇସି ଯାଞ୍ଚ ପରେ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ରାସନ କାର୍ଡ ଗରିବଙ୍କ ପାଇଁ ହୋଇଥିବାବେଳେ ସରକାରୀ କର୍ମଚାରୀ ଏସବୁ ପାଇବା ଦୁର୍ଭାଗ୍ୟଜନକ। ତେଣୁ ସେମାନେ ତୁରନ୍ତ ଏହାକୁ ସମର୍ପଣ କରିବା ଉଚିତ୍ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି।

## ନକ୍ସଲଙ୍କ ଆକ୍ରମଣକୁ ...

ଏହି ଘଟଣାକୁ ନେଇ ଆନ୍ଧ୍ର ଓ ଛତିଶଗଡ ମାଓ କମାଣ୍ଡର ଦୁଇ ଭାଗ ହୋଇଗଲେ । ଅରୁଣାଙ୍କୁ ବିବାହ କରିବାରୁ ଏକ ବର୍ଷ ପାଇଁ ସଙ୍ଗଠନରୁ ନିଲମ୍ବିତ ହୋଇଥିଲେ ଚଲପତି । ରହସ୍ୟ ଖୋଲିଦେଲା ସେଲଫି । ସ୍ତ୍ରୀ ସହ ଗୋଟିଏ ସେଲଫି ହେଲା କାଳ । ଚଲପତି ଓରଫ ରାମଚନ୍ଦ୍ର ରେଡ୍ଡୀ ଆଉ ତାଙ୍କ ପତ୍ନୀ ଅରୁଣା ଓରଫ ଚୈତନ୍ୟା ଭେଙ୍କଟ ରବି । କୋରାପୁଟ୍ ଶ୍ରିକାକୁଲମ୍ ଡିଭିଜନ୍ କମିଟି ଡେପୁଟୀ କମାଣ୍ଡର ଦାୟିତ୍ୱରେ ଥିଲେ । ସାମ୍ନାକୁ ଆସିଥିଲା ଚଲପତିର ଗୋଟିଏ ପରେ ଗୋଟିଏ ଜଘନ୍ୟକାଣ୍ଡର ପୂରା ତଥ୍ୟ । ୨୦୧୬ରୁ ୨୦୨୫ ପାଖାପାଖି ୧୦ ବର୍ଷ ଲାଗିଗଲା ଚଲପତିକୁ ନିପାତ କରିବା ପାଇଁ । ଅଧିକାଂଶ ହାଇପ୍ରୋଫାଇଲ ଆଟାକ୍ ପଛରେ ମାଷ୍ଟର ମାଇଣ୍ଡ ରହିଥିଲା ଚଲପତି ।

ଗୁରୁବାର, ଜାନୁଆରୀ ୨୩, ୨୦୨୫

ଧ୍ୱନି ପ୍ରତିଧ୍ୱନି

# ଡଗରା ବେଳାଭୂମି ଏବଂ ଧାନ ମଣ୍ଡି ପରିଦର୍ଶନ କଲେ ବିଧାନସଭାର ପିୟୁସି କମିଟି

ବାଲିଆପାଳ-୨୨.୧(ଝଡ଼େଶ୍ୱର ପ୍ରଧାନଙ୍କଠାରୁ) ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନ ମଳୀ ଅନ୍ତର୍ଗତ ବାଲିଆପାଳ ବ୍ଲକର ଡଗରା ବେଳାଭୂମି ଏବଂ ବାଲିଆପାଳର ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ କଲେ ବିଧାନସଭାର ପିୟୁସି କମିଟି । ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଅଧକ୍ଷତାରେ ବସ୍ତା ବିଧାୟିକା ସୁବାସିନୀ ଜେନା, ଜଳେଶ୍ୱର ବିଧାୟକ ଅଶ୍ୱନୀ କୁମାର ପାତ୍ର, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଚିତ୍ରକୁ୍ଣା ବିଧାୟକ ମଙ୍ଗୁ ଖିଲ ପ୍ରମୁଖ ପ୍ରଥମେ ଡଗରା ବେଳାଭୂମି ପରିଦର୍ଶନ କରି ଡଗରା ବେଳାଭୂମିର କିପରି ଉର୍ନ୍ନତି କରଣ ହୋଇପାରିବ ଏବଂ ବ୍ଲକର ବିଭିନ୍ନ ଧାନମି ବୁଲି ଲୋକମାନେ କିପରି ଧାନ ଦେଇ ବିନା କଟଣୀ ଛଟଣିରେ ଉଚିତ ମୂଲ୍ୟ ପାଇପାରିବେ ତାହାର ତଦାରଖ କରି ରିପୋର୍ଟ ବିଧାନସଭାରେ ଦାଖଲ କରିବା ସହିତ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଟିର ଅଧକ୍ଷ ଶ୍ରୀ ପଣ୍ଡା ଗଣମାଧ୍ୟମକୁ କହିଛନ୍ତି । ପରିଦର୍ଶନ ସମୟରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ,ତହସିଲଦାର ସାଇ ଶ୍ରୀ



ଲୋକନାଥ ପ୍ରସାଦ ସେଠି, ବିଡ଼ିଓ ପୁନମ ରାଉତ, ଆଇ ଆଇ ସି ବ୍ରହ୍ମାନନ୍ଦ ସ୍ୱାଇଁ ଙ୍କ ସହିତ ବ୍ଲକ ର ସମସ୍ତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ ।

# ବେତନଟୀ ବ୍ଲକରୁ ମାଟ୍ରିକ୍ ପରୀକ୍ଷା ଦେବେ ୧୮୧୮ ଜଣ ପରୀକ୍ଷାର୍ଥୀ

ବେତନଟୀ:୨୨/୧/୨୫ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୁଲ୍ୟରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଆସନ୍ତା ଫେବୃୟାରୀ ୨୧ ତାରିଖ ରୁ ଆରମ୍ଭ ହୋଇ ମର୍ଚ୍ଚ ୬ ତାରିଖ ରେ ସମାପ୍ତ ହେବ ବୋଲି ବୋର୍ଡ ପକ୍ଷରୁ ସ୍ଥିରୀକୃତ ହୋଇଅଛି । ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାରେ ସମୁଦାୟ ୨୯,୧୫୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ରେଗୁଲାର ଭାବେ ୨୯,୦୫୯ ଜଣ ଓ ଏକ୍ସ ରେଗୁଲାର ଭାବେ ୯୬ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ବେତନଟୀ ବ୍ଲକ ରେ ମୋଟ ୧୧ ଟି ପରୀକ୍ଷା କେନ୍ଦ୍ରରେ ରେଗୁଲାର ଭାବେ ୧୮୧୬ ଜଣ ଓ ଏକ୍ସ ରେଗୁଲାର ଭାବେ ୨ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ ବୋଲି ଜଣାପଡିଛି। ସେଥିମଧ୍ୟରୁ ଏମ୍ ପି ସି ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୬୨ ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବେତନଟୀ ରେ ୧୯୦ ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶାଳବଣି ରେ ୧୮୯ ଜଣ, ସତ୍ୟସାଇ ବିଦ୍ୟା ପିଠ ଖୁଣ୍ଟାପୁର ରେ ୧୪୪ ଜଣ, ଅଁଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୧୮ ଜଣ, ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ସନ୍ତରା ରେ ୧୪୨ ଜଣ, ବ୍ରହ୍ମପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ରେ ୧୩୬ ଜଣ, ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟ ଛଚିନାପଦା ରେ ୧୫୫ ଜଣ, କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ପାଟଳିପୁରା ରେ ୧୨୯ ଜଣ, ମୁନିଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ ବୈଶିଙ୍ଗାରେ ୧୪୮ ଜଣ ଓ ଗ୍ରାମ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଗଡଦେଉଳିଆ ରେ ୧୬୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାର ଜଣାପଡ଼ିଛି । ପ୍ରଶ୍ନପତ୍ର ଯୋଗାଣ ତଥା ପରିଚାଳନା ପାଇଁ ଏମ୍ ପି ସି ଉଚ୍ଚ ବିଦ୍ୟାଳୟ ବେତନଟୀକୁ ନୋଡାଲ ସେଣ୍ଟର କରାଯାଇଛି । କେବଳ ଗଣିତ ପରୀକ୍ଷା ବ୍ୟତୀତ ଅନ୍ୟ ସମସ୍ତ ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ଦିନ ୧୧ଟା ୩୦ରେ ସରିବ। ଗଣିତ ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ଦିନ ୧୧ଟା ୪୫ରେ ସରିବ। ପରୀକ୍ଷାରେ ସ୍ୱଚ୍ଛତା ରକ୍ଷା କରିବାପାଇଁ ପ୍ରତି ପରୀକ୍ଷା କେନ୍ଦ୍ରରେ ପରିଦର୍ଶକ, ତ୍ରିସ୍ତରୀୟ ସ୍କ୍ୱାର୍ଡ ସହିତ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଥିବା ନେଇ ସୁଚନା ମିଳିଛି। ମୟୁରଭଞ୍ଜ ଜିଲ୍ଲା ଓଷ୍ଟା ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ୍ ସଭାପତି ଶିଶିର କୁମାର ନାୟକ, ବ୍ଲକ୍ ସଂପାଦକ ସୁର୍ଯ୍ୟାନନ୍ଦ ନାୟକ ବ୍ଲକ୍ ର ସମସ୍ତ ପରୀକ୍ଷାର୍ଥୀଙ୍କର ସଫଳତା କାମନା କରିଛନ୍ତି।

# ଜିଲ୍ଲା ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଲେ ୨୦୮ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ



ବାରିପଦା,୨୨।୦୧(ନି.ପ୍ର): ସ୍ଥାନୀୟ ଲାଲବଜାର ପ୍ରାଥମିକ ବିଦ୍ୟାଳୟ, ବାରିପଦା ପରିସରରେ ସମଗ୍ର ଶିକ୍ଷା ମୟୂରଭଞ୍ଜ ତରଫରୁ ଭିନ୍ନକ୍ଷମ ପିଲା ମାନଙ୍କୁ ନେଇ ଏକ ଜିଲ୍ଲା ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରହିତରେ ଉକ୍ତ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ଅବିନାଶ ପାଣି ଓ ସ୍ୱେଚ୍ଛାସେବୀ ସଂଗଠନ ସାଧନାର ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଞ୍ଜିତ କୁମାର ମହାପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଜିଲ୍ଲା ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଭୁଇୟସୀ ପ୍ରଶଂସା କରିଥିବା ସହିତ ସେମାନଙ୍କ ମଧ୍ୟରେ ଥିବା ଲୁକାଇତ ପ୍ରତିଭାର ବିକାଶର ଏହା ଏକ ମାଧ୍ୟମ ବୋଲି ମତ ପ୍ରକାଶ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସେଠୀ, ତାଙ୍କ ଉଦବୋଧନରେ ଭୀମ ଭୋଇଙ୍କର ଏକ କବିତା ଗାନ କରି ପିଲା ମାନଙ୍କ ମଧ୍ୟରେ ଏକ ନୁତନ ସୂର୍ଯ୍ୟ ର ଆଲୋକ ଦେଖାଇଥିଲେ । ଜିଲ୍ଲାର ୨୬ ଗୋଟି ବ୍ଲକରୁ ୨୦୮ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ସେଥି ମଧ୍ୟରୁ ଶ୍ରବଣ ଓ ବାକ ଶକ୍ତି ବିଭାଗରୁ ୭୮ ଜଣ, ଚଳନ ଶକ୍ତି ରହିତ ବିଭାଗରୁ ୭୮ ଜଣ, ମାନସିକ ଅନଗ୍ରସର ବିଭାଗରୁ ୨୬ ଜଣ ଓ ସ୍ୱଳ୍ପ ଦୃଷ୍ଟିବାଧିତ ବିଭାଗରୁ ୨୬ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଶ୍ରବଣ ଓ ବାକ ଶକ୍ତି ବିଭାଗରୁ ବାରିପଦା ବ୍ଲକ ଅଧିନସ୍ଥ ପୋଲିସି ଲାଇନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧୟନରତ ନବମ ଶ୍ରେଣୀ ଛାତ୍ର ଶ୍ରୀ ଆଶୀଷ କୁମାର ବେହେରା, ଚଳନ ଶକ୍ତି ରହିତ ବିଭାଗରୁ ଠାକୁରମୁଣ୍ଡା ବ୍ଲକର ଓଡିଶା ଆଦର୍ଶ ବିଦ୍ୟାଳୟ, ଦିଗଧରରେ ଅଧୟନରତ ଦଶମ ଶ୍ରେଣୀର ଛାତ୍ରୀ କୁମାରୀ କଳ୍ପନା ମଲିକ, ମାନସିକ ଅନଗ୍ରସର ବିଭାଗରୁ କରଞ୍ଜିଆ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ବଡଗାଁରେ ଅଧୟନରତ ଦଶମ ଶ୍ରେଣୀ ଛାତ୍ର ବାପୁନ ସୁତାର ଓ ସ୍ୱଳ୍ପ ଦୃଷ୍ଟିବାଧିତ ବିଭାଗରୁ ବାରିପଦା ବ୍ଲକ ଶ୍ରୀପଦଗଞ୍ଜ, ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅଧୟନରତ ପଞ୍ଚମ ଶ୍ରେଣୀ ଛାତ୍ରୀ ସସ୍ମିତା ଚାନ୍ଦ ଯଥାକ୍ରମେ ପ୍ରତ୍ୟେକ ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଆସନ୍ତା ୭୬ ତମ ସାଧାରଣତନ୍ତ୍ର ଦିବସ ଅବସରରେ ନଗଦ ଟ ୨୦୦୦.୦୦ (ଦୁଇ ହଜାର ଟଙ୍କା) ଓ ମାନପତ୍ର ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯିବ । ଅନ୍ୟ ସମସ୍ତ ପ୍ରତିଯୋଗି ମାନଙ୍କୁ ସ୍ୱାନ୍ତନା ମୂଳକ ପୁରସ୍କାର ସହ ମାନପତ୍ର ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମଟି ସମଗ୍ର ଶିକ୍ଷା ମୟୂରଭଞ୍ଜର ଜିଲ୍ଲା ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ଶ୍ରୀ ନିରଞ୍ଜନ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା । ବିଶୋଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଅନ୍ତର୍ନିବେଶି ସାଧନ କର୍ମୀ ଶ୍ରୀ କିଶୋର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବାରିପଦା ଉଚ୍ଚତର ବିଦ୍ୟାଳୟର ୨୦ ଜଣ ଏନ ଏସ ଏସ ଛାତ୍ର ଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନ ସାଧନାର କର୍ମୀ ତଥା ବିଭିନ୍ନ ବ୍ଲକରେ କାର୍ଯ୍ୟ କରୁଥିବା ସମସ୍ତ ସାଧନ କର୍ମୀଙ୍କ ସହିତ ଶ୍ରୀ ବିରେନ୍ଦ୍ର କୁମାର ସାହୁ, ରୋହିତ କୁମାର ବିଶ୍ୱାଳ, ରେଖାରଣୀ ଦାସ, ଦିଲ୍ଲୀପ କୁମାର ଦାସ ପ୍ରମୁଖ କାର୍ଯ୍ୟ ପରିଚାଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

# ନୟାପଲ୍ଲୀ ଭୋଇସାହି ୫ମ କ୍ରିକେଟ ପ୍ରିମିୟର ଲିଗ୍-୨୦୨୫ ଉଦ୍‌ଯାପିତ



ଭୁବନେଶ୍ୱର,୨୨।୦୧(ନି.ପ୍ର): ଜାନୁଆରୀ ୧୭ ତାରିଖରୁ ଆରମ୍ଭ ହୋଇଥିବା ନୟାପଲ୍ଲୀ ଭୋଇସାହି ୫ମ କ୍ରିକେଟ ପ୍ରିମିୟର ଲିଗ୍-୨୦୨୫ ଜାନୁଆରୀ ୧୯ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଶ୍ରୀଯୁକ୍ତ ଗୌତମ ବେହେରା, ବିଜେପି ଭୁବନେଶ୍ୱର ଜିଲ୍ଲା ସମ୍ପାଦକ ବିବେକାନନ୍ଦ ବାରିକ ଓ କୃଷ୍ଣଚନ୍ଦ୍ର ବେହେରା ଯୋଗଦେଇ ଟୁର୍ଣ୍ଣାମେଣ୍ଟର ବିଜେତା ନୋ କମ୍ପରମାଇଜ୍ ଟିମ୍‌କୁ ଟ୍ରଫି ସହ ନଗଦ ୨୨ ହଜାର ଟଙ୍କା ଓ ରନର୍ସଅପ୍ ଟିମ୍‌କୁ ୧୨ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥି ସହିତ ଟୁର୍ଣ୍ଣାମେଣ୍ଟରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଗୁଡ୍ଡୁ, ମ୍ୟାନ ଅଫ୍ ଦି ସିରିଜ ରୋହନ ସାହୁ, ବେଷ୍ଟ ବ୍ୟାଟ୍ସମ୍ୟାନ ଇଶାନ ମହାନ୍ତି, ବେଷ୍ଟ ବୋଲର ଗୁଲୁ ଓ ବେଷ୍ଟ ଫିଲ୍ଡ଼ର ମାନସ ରଞ୍ଜନ ଦାଶଙ୍କୁ ବିବେଚିତ କରାଯାଇ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟିକୁ ୩ ଦିନ ଧରି କାହ୍ନା, ଶୁସିଲ, ଗୌତମ, ସିଲୁ, ଗୁମନ, ମନୁ, ବୁନୁ, ରୋହନ ଓ ଅନ୍ୟମାନେ ସୁରୁରୁ ରୂପେ ପରିଚାଳନା କରିଥିଲେ।

## ଦେଶପ୍ରେମ ମହୋତ୍ସବର ଦ୍ୱିତୀୟ ଦିନ

# ନେତାଜୀ ସୁଭାଷଙ୍କ ଦେଶପ୍ରେମ ମହାମନ୍ତ୍ରରେ ଦୀକ୍ଷିତହେବାକୁ ଆହ୍ୱାନ




ଭୁବନେଶ୍ୱର, ୨୨।୦୧: ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ଗଠିତ ରାଜନୈତିକ ଦଳ 'ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍?' ଓ ଆଜାଦ୍ ହିନ୍ଦ୍ ବାହିନୀ ପକ୍ଷରୁ ନେତାଜୀ ଜୟନ୍ତୀ ଅବସରରେ ଅନୁଷ୍ଠିତ ଦେଶପ୍ରେମ ମହୋତ୍ସବର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ ସଂଗଠିତ ହୋଇଯାଇଛି । ଏହି ଅବସରରେ ପୂର୍ବାହ୍ନରେ ଦେଶପ୍ରେମ ମହୋତ୍ସବ ମଂଚରେ "ଦେଶପ୍ରେମ ଓ ନେତାଜୀ" ଶୀର୍ଷକ ଆଲୋଚନା ଚକ୍ର ଫରୱାର୍ଡ଼ ବ୍ଲକ୍ ରାଜ୍ୟ ସଂପାଦକ ତଥା ଆଜାଦ୍ ହିନ୍ଦ୍ ବାହିନୀର ଜାତୀୟ ସଂଯୋଜକ ଜ୍ୟୋତିରଂଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ପୂର୍ବତନ ସାଂସଦ ତଥା ଫରୱାର୍ଡ଼ ବ୍ଲକ୍?ର ପୂର୍ବତନ ଜାତୀୟ ସାଧାରଣ ସଂପାଦକ ଦେବବ୍ରତ ବିଶ୍ୱାସ, ବରିଷ୍ଠ ସାମ୍ବାଦିକ ରବି ଦାସ, ସମଦୃଷ୍ଟିର ସମ୍ପାଦକ ସୁଧିର ପଟ୍ଟନାୟକ, ଗାନ୍ଧିବାଦୀ ବିଶାରଦ ପ୍ରହଲ୍ଲାଦ ସିଂ, ଶ୍ରମିକ ନେତା ରକ୍ଷାକର ଅନୁପମ ପ୍ରମୁଖ ଅତିଥି ବକ୍ତା ଭାବରେ ଯୋଗଦେଇ ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ବିପ୍ଳବୀ ବୀର ନେତାଜୀ ସୁଭାଷଙ୍କ ଦେଶପ୍ରେମର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ସୁଭାଷଙ୍କୁ ଦେଶ ପ୍ରେମୀମାନଙ୍କର ରାଜକୁମାର ଭାବରେ ବର୍ଣ୍ଣନା କରିଥିଲେ । ନେତାଜୀଙ୍କ ଦେଶପ୍ରେମର ପଟାନ୍ତର ନାହିଁ । ଆଜି ଭାରତର ମାଟି, ପାଣି, ପବନ ସମେତ ଜୀବନଯାତ୍ରା କମ୍ପାନୀମାନଙ୍କ ଦ୍ୱାରା ପ୍ରଭାବିତ ହେବାରେ ଲାଗିଛି । ଭାରତ ମାଟି ଓ ମାଟିର ମଣିଷମାନଙ୍କ ସୁରକ୍ଷା ପାଇଁ ଆଉ ଏକ ସ୍ୱାଧୀନତା ସଂଗ୍ରାମ ଲଢ଼ିବା ପାଇଁ ନେତାଜୀ ପ୍ରେମୀମାନେ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଥିଲେ । ଅପରାହ୍ନରେ ଦେଶପ୍ରେମ ମହୋତ୍ସବର ମଂଚରେ ଅନୁଷ୍ଠିତ ହୋଇଥିଲା ଦେଶପ୍ରେମୀ କବି ସମ୍ମିଳନୀ । ବିଶିଷ୍ଟ କବି ନିରାକର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କବି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ଅଶ୍ୱିନୀ ମିଶ୍ର ଯୋଗଦେଇ ଏହି କବି ସମ୍ମିଳନୀକୁ ଉଦ୍?ଘାଟନ କରିଥିଲେ । ପ୍ରତ୍ୟେକ ଦେଶପ୍ରେମୀ ଜଣେ ଜଣେ ନେତାଜୀ ବୋଲି ନିଜର ଉଦ୍‌ଘାଟନୀ ବକ୍ତବ୍ୟରେ ପ୍ରକାଶ କରିବା ସହ ପ୍ରତ୍ୟେକ ଦେଶପ୍ରେମୀ, ମାଟିପ୍ରେମୀ, ମଣିଷପ୍ରେମୀଙ୍କ ଭିତରେ ନେତାଜୀ ଚିର ଅମର ବୋଲି ପ୍ରକାଶ କରିଥିଲେ । ଆଜି ଦେଶକୁ ରକ୍ଷାକରିବା ପାଇଁ ବିପ୍ଳବୀ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଶ୍ରୀ ମିଶ୍ର ଆହ୍ୱାନ କରିଥିଲେ । ଏହି କବି ସମ୍ମିଳନୀରେ କବି ଡା.ବାସୁଦେବ ସୁନାନୀ, ବିନୋଦ, ଜିତେନ୍ଦ୍ରୀୟ ବେହେରା, ଶୃତକ୍ରୀତି ତ୍ରିପାଠୀ, ସୁନନ୍ଦା ପ୍ରଧାନ, ହରପ୍ରିୟା ମହାନ୍ତି, ନିରାକାର ଦାସ,ଅଶ୍ୱିନୀ କୁମାର ମିଶ୍ର, ପ୍ରଫୁଲ ମହାରଣା, ଡ଼. ଲକ୍ଷ୍ମୀନାରାୟଣ ଦାଶ, ମନୋଜ କୁମାର ପାଣିଗ୍ରାହୀ, ମମତା ମହାନ୍ତି, କାଳୀ ଦାଶ, ଅମରେନ୍ଦ୍ର ମାଧବ ଦାସ, ମିନତୀ ମିଶ୍ର, ରଶ୍ମୀ ସାମଲ, ବିଘ୍ନେଶ୍ୱର ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ସାନ୍ଧ୍ୟକାଳୀନ ସାଂସ୍କୃତିକ ମହୋତ୍ସବର ଏହି ମଂଚରେ କଳାକାର ଅନୁରାଗ ଦାସ, ବାବାଜୀଚରଣ ଦାସ, ବିଜୟ ବାରିକ, ଜସ୍ମିନ ରାୟ ଓ ସତ୍ୟବ୍ରତ ପଣ୍ଡାଙ୍କ ନେତୃତ୍ୱରେ ଦେଶପ୍ରେମୀ ସାଂସ୍କୃତିକ କାର୍ଯ୍ୟକ୍ରମ ସଙ୍ଗଠିତ ହୋଇଥିଲା ।

# ଇଫକୋ ପାରାଦୀପ ୟୁନିଟ୍‌ରେ ପୂର୍ଣ୍ଣ ସ୍କେଲ୍ ଅନ୍-ସାଇଟ୍ ଜରୁରୀକାଳୀନ ମକ୍‌ଡ୍ରିଲ



ପାରାଦୀପ, ୨୨/୧(ନି.ପ୍ର) : ଜଗତସିଂହପୁର ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଏବଂ ଜିଲ୍ଲା ସଙ୍କଟ ଗୋଷ୍ଠୀ ଦ୍ୱାରା ଦିଆଯାଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଆଜି ଇଫକୋ ପାରାଦୀପ ୟୁନିଟ୍ ରେ ଆମୋନିଆ ଲିକେଜ୍‌ର ଦ୍ୱୈତ ପରିସ୍ଥିତି ଉପରେ ଏକ ପୂର୍ଣ୍ଣ ସ୍କେଲ୍ ଅନ୍-ସାଇଟ୍ ଜରୁରୀକାଳୀନ ମକ୍ ଡ୍ରିଲ୍ ଆୟୋଜିତ ହୋଇଥିଲା ।ପ୍ରାରମ୍ଭରେ ଏକ ପ୍ରି-ମକ୍ ଡ୍ରିଲ୍ ସମ୍ପର୍କିତ ଆଲୋଚନା ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ମକ୍ ଡ୍ରିଲ୍ ଦ୍ୱୈତ ପରିସ୍ଥିତିକୁ ବିସ୍ତୃତ ଭାବରେ ବ୍ୟାଖ୍ୟା କରାଯାଇଥିଲା। ପରିସ୍ଥିତି ଥିଲା ପ୍ରିହିଟର୍ ଡାଉନ୍ ଷ୍ଟିମ୍ ଡ୍ରେନ୍ ଭାଲ୍ଭ ଗ୍ଲାଣ୍ଡରୁ ଆମୋନିଆ ଲିକେଜ୍ ଏବଂ ଏନଏଚଥ୍ରୀ ଷ୍ଟୋରେଜ୍?ରୁ ଡିଏପି ପ୍ଲାଣ୍ଟକୁ ଆସୁଥିବା ୮ ପାଇପଲାଇନ୍‌ରୁ ଆମୋନିଆ ଲିକେଜ୍। ଇଫକୋର ଅଗ୍ନିଶମ ଏବଂ ସୁରକ୍ଷା ବିଭାଗ ଅଞ୍ଚଳକୁ ଖାଲି କରି ସମସ୍ତ ସତର୍କତାମୂଳକ ପଦକ୍ଷେପ ନେଇ ଲିକେଜ୍‌କୁ ପାଣି ସିଞ୍ଚନ କରି ଏବଂ ଲିକେଜ୍ ପଏଣ୍ଟ ଅଞ୍ଚଳକୁ ପାଣି ପରଦା ଯୋଗାଇ ଲିକେଜ୍?କୁ ନିୟନ୍ତ୍ରଣ କରିଥିଲା। ସମସ୍ତ ସମ୍ପୃକ୍ତ ପ୍ରମୁଖ କର୍ମଚାରୀ, ଅଗ୍ନିଶମ ସେବା, ଚିକିତ୍ସା ସେବା, ରକ୍ଷଣାବେକ୍ଷଣ ଏବଂ ଉତ୍ପାଦନ କର୍ମଚାରୀମାନେ ସେମାନଙ୍କର ପ୍ରୟାସ ଜାରି ରଖି ପରିସ୍ଥିତିକୁ ପରିଚାଳନା କରିଥିଲେ। ଆମୋନିଆ ଲିକେଜ୍ ନିୟନ୍ତ୍ରଣରେ ରହିଥିଲା ।ଏଭଳି ମକ୍ ଡ୍ରିଲ କୁ କଟକ ବିଭାଗର ଏଫଏଣ୍ଡବିର ଉପ ନିର୍ଦ୍ଦେଶକ ଏମ.କେ.ପଣ୍ଡା ପ୍ରଶଂସା କରିଥିଲେ ଏବଂ ଟାଉନସିପ୍ ବାସିନ୍ଦା ଏବଂ ନିକଟବର୍ତ୍ତୀ ଅଞ୍ଚଳରେ ସଚେତନତା ସୃଷ୍ଟି କରିବା ପାଇଁ ସଚେତନ ର ବାର୍ତ୍ତା ମଧ ଦେଇଥିଲେ। ପାରାଦୀପ ଜୋନର ଏଫଏଣ୍ଡବିର ସହାୟକ ନିର୍ଦ୍ଦେଶକ ସି.ଏସ୍.ବେହେରା ଉତ୍ତମ ଯୋଗାଯୋଗ ଏବଂ ଆହତଙ୍କୁ ସୁରକ୍ଷିତ ସ୍ଥାନାନ୍ତର ପାଇଁ ମକ୍ ଡ୍ରିଲ୍ ସମୟରେ ଏକ ସହାୟତା ଡେସ୍କ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଏହି ଅନ-ସାଇଟ୍ ମକ୍ ଡ୍ରିଲ୍ର ରେ ମୁଖ୍ୟ ଅତିଥି ଭାବେ ମନୋଜ କୁମାର ପଣ୍ଡା କଟକ ବିଭାଗର ଏଫଏଣ୍ଡବିର ଉପ ନିର୍ଦ୍ଦେଶକ, ସି.ଏସ୍.ବେହେରା ସହାୟକ ପାରାଦୀପ ଜୋନର କାରଖାନା ଏବଂ ବଏଲର୍ସ ନିର୍ଦ୍ଦେଶକ, ପି.କେ.ମହାପାତ୍ର, ଇଫକୋ ପାରାଦୀପର ୟୁନିଟ୍ ମୁଖ୍ୟ, କେ.ଆର.ଏନ.ମୂର୍ତ୍ତି ଜିଏମ (ଉତ୍ପାଦନ), ଆର.କେ.ସ୍ୱାଇଁ ଜେଜିଏମ (ଏଫ ଆଣ୍ଡ ଏସ) ଏବଂ ଏନଡିଆରଏଫ, ଓଡିଆରଏଏଫ, ସିଆଇଏସଏଫ, ଭାରତୀୟ ତଟରକ୍ଷୀ ବାହିନୀ, ଓଡିଶା ଅଗ୍ନିଶମ ସେବା, ସୁରକ୍ଷା ଅଧିକାରୀ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ପାରସ୍ପରିକ ସହାୟତା ଶିଳ୍ପର ଅଧିକାରୀ, ସୁରକ୍ଷା ବଡି ଶିଳ୍ପର ପ୍ରତିନିଧି ପ୍ରମୁଖ ଏହି ମକ୍ ଡ୍ରିଲ୍ ସମୟରେ ଉପସ୍ଥିତ ଥିଲେ। ମକ୍ ଡ୍ରିଲ୍ ସମୟରେ ସମସ୍ତ ବରିଷ୍ଠ ଅଧିକାରୀ, ଅଗ୍ନିଶମ ଏବଂ ସୁରକ୍ଷା ଅଧିକାରୀ ଏବଂ ଅନ୍ୟାନ୍ୟ ସୁରକ୍ଷା ଅଧିକାରୀମାନେ ମଧ ଉପସ୍ଥିତ ଥିଲେ।

# ତଟ ରକ୍ଷକ (ଓଡିଶା) ପକ୍ଷରୁ ପାରାଦୀପ ଠାରେ ନର୍କୋଟିକ୍ସ କନଟ୍ରୋଲ ବ୍ୟୁରୋ (NCB) ଏବଂ ଅନ୍ୟ ଡ୍ରଗ୍ ଲ ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ( DLEAs) ଅଧିକାରି ମାନଙ୍କ ପାଇଁ ବିଶେଷ ପ୍ରଶିକ୍ଷଣର ଆୟୋଜନ




ପାରାଦ୍ୱୀପ ୨୨/୧(ନି.ପ୍ର) ପାରାଦୀପ ସ୍ଥିତ ଭାରତୀୟ ତଟ ରକ୍ଷକ ମୁଖ୍ୟାଳୟ ରେ ଜାନୁଆରୀ ୨୦ ରୁ ୨୨ ତାରିଖ ପର୍ଯ୍ୟନ୍ତ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (NCB) ଏବଂ ଅନ୍ୟାନ୍ୟ ଡ୍ରଗ୍ ଲ ଏନ୍‌ଫୋର୍ସମେଣ୍ଟ ଏଜେନ୍ସି (DLEAs) ଅଧିକାରୀମାନଙ୍କ ପାଇଁ ଆୟୋଜନ କରାଯାଇଥିଲା। ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତର ସମୁଦ୍ର ସୀମାରେ ଚାଲିଥିବା ନିଶା ଓ ମାଦକ ପଦାର୍ଥ ର ଚୋରା ଚାଲାଣ ନିବାରଣ ପାଇଁ ଆବଶ୍ୟକ ଜ୍ଞାନ କୌଶଳ ପ୍ରଦାନ କରିବା। ଏହି ପ୍ରଶିକ୍ଷଣ ରେ ଅଧିକାରୀମାନେ ସମୁଦ୍ର ରେ ସୁରକ୍ଷା ଜ୍ଞାନ, ଆଇନ ଅନୁଷ୍ଠାନ ଅଭ୍ୟାସ, ତଲାଶି ଏବଂ ଜବତ କୌଶଳ, ସମ୍ମିଳନ ଏବଂ ସମନ୍ୱୟ ବିଷୟରେ ଅଭ୍ୟାସ କରିଥିଲେ। ଏହି ପ୍ରଶିକ୍ଷଣ ସମୁଦ୍ର ସୀମାରେ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଏକତ୍ର ଉଦ୍ୟମକୁ ଜୋରଦାର କରିବାରେ ଭାରତୀୟ ତଟ ରକ୍ଷକର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିଥିଲା। ପ୍ରଶିକ୍ଷଣରେ ଉପସ୍ଥିତ ଅଧିକାରୀମାନଙ୍କୁ ସମ୍ବୋଧନ କରି ତଟ ରକ୍ଷକ (ଓଡିଶା)ର କମାଣ୍ଡର ଉପ ମହାନିରୀକ୍ଷକ ସଂଜୟ ନେଗି କହିଥିଲେ, 'ସମୁଦ୍ରପଥରେ ନିଶା ଓ ମାଦକ ପଦାର୍ଥ ର ଚୋରା ଚାଲାଣ ରୋକିବା ପାଇଁ ସମନ୍ୱୟ ଏବଂ ସହକାରୀ ପ୍ରୟାସ ଅତ୍ୟନ୍ତ ଆବଶ୍ୟକ। ଏହି ପ୍ରଶିକ୍ଷଣ ବିଭିନ୍ନ ଏଜେନ୍ସିମାନଙ୍କ ସହ ଭାରତୀୟ ତଟ ରକ୍ଷକର ସହଯୋଗକୁ ଅଧିକ ଜୋରଦାର କରିବ।' ଘଉଇ ଏବଂ ଉଖରଇଶ୍ବ ର ବରିଷ୍ଠ ଅଧିକାରୀମାନେ ଏହି ପ୍ରଶିକ୍ଷଣର ଉଚ୍ଚ ପ୍ରଶଂସା କରିଥିବା ସହ ଏକତ୍ର ଅଭ୍ୟାସ ମାଧ୍ୟମରେ ଦକ୍ଷତା ବୃଦ୍ଧି ପାଇଁ ଏହାର ମହତ୍ତ୍ୱକୁ ଉଲ୍ଲେଖ କରିଥିଲେ। ତାଙ୍କ ମତ ଅନୁସାରେ, ଏହି ପ୍ରଶିକ୍ଷଣ କାର୍ଯ୍ୟକୁ ଅଧିକ ସ୍ଫୁର୍ତ୍ତିଦାୟକ ଏବଂ କାର୍ଯ୍ୟକ୍ଷମ କରିବ। ଭାରତୀୟ ତଟ ରକ୍ଷକ ସମୁଦ୍ରରେ ଅପରାଧ ରୋକିବା ଏବଂ ସୁରକ୍ଷା ନିଶ୍ଚିତ କରିବାରେ ନିରନ୍ତର ପ୍ରତିବଦ୍ଧ। ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମୁଦ୍ର ମାର୍ଗରେ ଆଇନ ରକ୍ଷାରେ ଏକ ଦୃଢ଼ ପ୍ରଣାଳୀ ଗଠନ କରିବାର ଆବଶ୍ୟକତାକୁ ଦୃଢ ନିଶ୍ଚିନ୍ତ କରିବ ।

# ଓଜସ୍ୱିନୀ ଲାଇଭଲିହୁଡ୍ ଫୋରମ ପକ୍ଷରୁ ସବାଇ କଳା ମହୋତ୍ସବ




ବାଲିଆପାଳ-୨୨.୧(ନିପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଡଗରା ଡ଼ାକବଙ୍ଗଳା ପରିସର ରେ ବୁଧବାର ଉଜ୍ଜୟିନୀ ଲାଇଭଲିହୁଡ ଫୋରମ୍ ପକ୍ଷରୁ ସବାଇ କଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି ।ସ୍ଥାନୀୟ କାରିଗରଙ୍କୁ ପ୍ରୋତ୍ସାହିତ କରିବା ଉକ୍ତ ମହୋତ୍ସବର ଉଦେଶ୍ୟ ବୋଲି ଅନୁଷ୍ଠାନର ମୁଖ୍ୟ ଅଜିତ୍ କୁମାର ରାଉତରାୟ ସୂଚନା ଦେଇଛନ୍ତି, ଆୟୋଜିତ ସଭାରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧିରେନ୍ଦ୍ର ନାଥ ହାଜିରା, ସମ୍ମାନିତ ଅତିଥି ଉଜ୍ଜୟିନୀ ନିର୍ଦ୍ଦେଶିକା ସଂଧ୍ୟା ରାଣୀ ମହାନ୍ତି, ସହ ନିର୍ଦ୍ଦେଶକ ଅଜିତ୍ କୁମାର ରାଉତ ରାୟ, ଭୁବନେଶ୍ୱରରେ କଳା ସମାଲୋଚକ ଓ ଲେଖକ ସୁମିତ୍ରା ପାଢ଼ୀ ଯୋଗଦେଇଥିଲେ ।ଏହି ସବାଇ କଳା ମହୋତ୍ସବ ସର୍ବବୃହତ ମୁକ୍ତାକାଶ ମଞ୍ଚ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି । ସବାଇ ଘାସରୁ କିପରି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରାଯାଉଛି, ମେଳାରେ ମହିଳା କାରିଗରମାନେ ତାହା ପ୍ରଦର୍ଶନ କରିବା ସହ ମହିଳା ସଶକ୍ତିକରଣ, ଇକୋ ଫ୍ରେଣ୍ଡ୍ଲି କାରିଗରୀକୁ ପ୍ରୋତ୍ସାହନ ଦେବା ମହୋତ୍ସବର ଉଦେଶ୍ୟ ରହିଛି । ମହୋତ୍ସବରେ ଶ୍ରେଷ୍ଠ କାରିଗରଙ୍କ ଠାରୁ ଆରମ୍ଭ କରି ସମୁଦାୟ ୧୧ଟି ବିଭାଗରେ ପୁରସ୍କାର ପ୍ରଦାନ କରାଯାଇ ଥିଲା, ବାଲିଆପାଳ ବ୍ଲକର ବେତଗଡିଆ,ପ୍ରତାପ ପୁର, ଡଗରା,ନୂଆଁ ଗାଁ ପ୍ରଭୃତି ପଞ୍ଚାୟତ ରୁ ୨୦୦ ମହିଳା ସବାଇ ଘାସ ଏବଂ ଖଜୁରି ପିଞ୍ଚ ରୁ ବିଭିନ୍ନ ପ୍ରକାରର ଘରୋଇଉପକରଣ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି, ଯାହା କି ରାଜ୍ୟ ତଥା ରାଜ୍ୟ ବାହାରେ ଭଲ ଚାହିଦା ରହିଛି, ତାଛଡା ଦେଶ ବିଦେଶରେ ମଧ ବେଶ ଆଦୃତ ହୋଇପାରିଛି, ଗୃହୀଣୀ ଜୀବନ ର ବ୍ୟସ୍ତତା ସତ୍ତ୍ୱେ ସମୟ ବାହାର କରି ଅବସର ସମୟ ଏହି ସବୁ ସାମଗ୍ରୀ ପ୍ରସ୍ତୁତ କରି ୫ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରି ନିଜେ ସ୍ୱାବଲମ୍ବୀ ହୋଇପାରୁଛନ୍ତି ଏବଂ ବହୁତ ଖୁସି ଅନୁଭବ କରୁଛନ୍ତି ବୋଲି ତୁଳସୀ ସାହୁ,ସୁମତୀ ବାରିକ, ଗୀତା ରାଣୀ ବାରିକ ପ୍ରମୁଖ ମହିଳା ମାନେ କହିଛନ୍ତି ।ଏହା ଛଡ଼ା ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ ବଦଳରେ ଏହି ପ୍ରାକୃତିକ ସାମିଗ୍ର ରେ ଆବଶ୍ୟକତା ରହିଛି ବୋଲି ଉପରୋକ୍ତ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଆଗକୁ ୨୦୦ ନୁହଁ ପ୍ରତ୍ୟେକ ପରିବାର ର ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ଉଜ୍ଜୟିନୀ ଲାଇବହୁଡ ଫୋରମ୍ ର ଲକ୍ଷ୍ୟ ରହିଛି ବୋଲି ସଂଗଠନ ର ନିର୍ଦ୍ଦେଶିକା ସନ୍ଧ୍ୟା ରାଣୀ ମହାନ୍ତି କହିବା ସହିତ ୨୦୦ ମହିଳା ଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସୁନ୍ଦର କାରୁକାର୍ଯ୍ୟ ର ତାଲିମ ପ୍ରଦାନ କରୁଥିବା ଜଗନ୍ନାଥ ଦାସ ଙ୍କୁ ସଂଗଠନ ପକ୍ଷରୁ ଧନ୍ୟବାଦ୍ ଅର୍ପଣ କରିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo